# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 209 | ଭାଗ ୩୨ | ସଂଖ୍ୟା୨୦୮ | Bhubaneswar | Wednesday 23 October 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୨୩ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ସେବାମନସ୍କ ମୋହନ ଆଲର୍ଟରେ ନେତା ଓ ପ୍ରଶାସକ

**୨୪ ରାତି-୨୫ ପାହାନ୍ତିରେ ଲ୍ୟାଣ୍ଡଫଲ୍ / କେନ୍ଦ୍ରାପଡ଼ାରୁ ଧାମରା ମଝିରେ 'ଦାନା' ମାଡ଼**

- ଗଭୀର ଅବପାତର ରୂପ ନେଲା ଲଘୁଚାପ
- ସର୍ବାଧିକ ପ୍ରଭାବିତ ହେବ ଉତ୍ତର ଓଡ଼ିଶା
- ଆଜିଠୁ ଉପକୂଳରେ ବଢ଼ିବ ବର୍ଷା
- ଜିଲ୍ଲା ଅଭିମୁଖେ ଗଲେ ରେସ୍କ୍ୟୁ ଟିମ୍
- ଭଟିଣ୍ଡାରୁ ଆସିବେ ଆଉ ୫ ଏନ୍‌ଡିଆର୍‌ଏଫ୍ ଟିମ୍
- ସବୁ ବନ୍ଦରରେ ୧ ନମ୍ବର ବିପଦ ସଂକେତ



### ମୁକାବିଲା ପାଇଁ ଅନୁଭୂତି ନୁହେଁ ଆଗ୍ରହ ଆବଶ୍ୟକ

#### ସହଯୋଗ ପାଇଁ ବିଧାୟକଙ୍କୁ ଅପିଲ୍

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବୃଷ୍ଟିପାତ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଉଦ୍ଧାର ଓ ମୁକାବିଲାରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ବିଧାୟିକାମାନଙ୍କ ଅନୁରୋଧ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମନ୍ୱିତ ଭାବେ ବାତ୍ୟା ମୁକାବିଲା କରିବା ସହିତ ରିଲିଫ ଓ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଧାୟକ/ ବିଧାୟିକା ନିଜ ନିଜ ପୃଷ୍ଠା-୬



#### ୯ ମନ୍ତ୍ରୀଙ୍କୁ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ବାତ୍ୟା ବେଳେ ରାଜ୍ୟ ସରକାର ଜିରୋ କାଜିଆଲିଟି ଉପରେ ଗୁରୁତ୍ୱ ଦେଇଛନ୍ତି । ୬ଜଣ ବରିଷ୍ଠ ଆଇଏଏସକୁ ଥିବା ୬ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରିଥିବାବେଳେ ପୁନର୍ବାର ୯ ମନ୍ତ୍ରୀଙ୍କୁ ବିଭିନ୍ନ ଜିଲ୍ଲାର ବାତ୍ୟା ମୁକାବିଲା ଓ ପ୍ରସ୍ତୁତି ଆଦିର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଗତସିଂହପୁର ଜିଲ୍ଲା ପାଇଁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲେଶ୍ୱର ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଭଦ୍ରକରେ କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ମୟୂରଭଞ୍ଜରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରାପଡ଼ାରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, କେନ୍ଦୁଝରରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣ ପୃଷ୍ଠା-୬

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ମଙ୍ଗଳବାର ସକାଳେ ଅବପାତରେ ପରିଣତ ହେବା ପରେ ସନ୍ଧ୍ୟାରେ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ବୁଧବାର (୨୩) ପୂର୍ବାହ୍ନ ସୁଦ୍ଧା ବାତ୍ୟାର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି।

ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ବାତ୍ୟା ଦାନା ସଂପର୍କରେ କହିଛନ୍ତି, ଆଜି ରାତିରେ ଏହା ପାରାଦ୍ୱୀପ ଠାରୁ ୬୯୦ କିମି ଦୂରରେ ରହିଛି ଓ ଘଣ୍ଟାକୁ ୭ କିମି ବେଗରେ ଗତି କରୁଛି। ୨୩ ସକାଳେ ଏହା ବାତ୍ୟାର ରୂପ ନେବା ପରେ ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରି ଓଡିଶା ଓ ପଶ୍ଚିମବଙ୍ଗ ଉପକୂଳମୁହାଁ ହେବ। ଏବେ ସୁଦ୍ଧା ଏହାର ଗତିପଥ ଓ ତୀବ୍ରତା ନେଇ ପ୍ରାଥମିକ ଆକଳନ କରାଯାଇଛି। ପୁରୀ ଓ ପଶ୍ଚିମବଙ୍ଗ ଉପକୂଳର ସାଗରଦ୍ୱୀପ ମଧ୍ୟରେ ଏହା ୨୪ ରାତି କିମ୍ବା ୨୫ ଭୋର୍ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ଆସନ୍ତା କାଲି ସୁଦ୍ଧା ଏହାର ଗତିପଥ ଓ ନିର୍ଦ୍ଦିଷ୍ଟ ଲ୍ୟାଣ୍ଡଫଲ ପଏଣ୍ଟ ସମ୍ପର୍କରେ ଅଧିକ ତଥ୍ୟ ମିଳିବ। ବାତ୍ୟାର ରୂପ ନେବା ପରେ ଏହା ଅଧିକ ଘନୀଭୂତ ହୋଇ ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହେବ। ଓଡିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ମଧ୍ୟରେ ରହିବ। ବାତ୍ୟା ପ୍ରଭାବରେ ପୁରୀରୁ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲା ମଧ୍ୟରେ ପ୍ରବଳ ବର୍ଷା ପବନ ହେବ। ବିଶେଷକରି ଏହାର ପ୍ରଭାବ ଉତ୍ତର ଓଡ଼ିଶା ଅଧିକ ରହିବ। ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ରରୁ ଫେରିଆସିବାକୁ ପୃଷ୍ଠା-୬



### ସ୍ଥାନାନ୍ତର ହେବେ ୧୦ ଲକ୍ଷ

- ରାଜ୍ୟ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ
- ୨୫୦ ରିଲିଫ୍ ସେଣ୍ଟର
- ୫୦୦ ଅସ୍ଥାୟୀ ଆଶ୍ରୟସ୍ଥଳୀ
- ଆଶ୍ରୟସ୍ଥଳୀ ଜଗିବେ ପୋଲିସ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ଭାବ୍ୟ ବାତ୍ୟା 'ଦାନା' ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ବୁଧବାର ରାତି ସୁଦ୍ଧା ସ୍ଥାନାନ୍ତର କରାଯିବ। ଏନେଇ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମୁକାବିଲା ପାଇଁ ରାଜ୍ୟ ସରକାର ଫୁଲ୍ ଦମ୍‌ରେ ପ୍ରସ୍ତୁତ । ତୃଣମୂଳ ସ୍ତରରେ ସବୁ ପ୍ରସ୍ତୁତି ଶେଷ ହୋଇଛି। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର ଲାଗି ଟାର୍ଗେଟ୍ ରଖାଯାଇଛି। ସମ୍ଭାବ୍ୟ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲ୍ଲାମାନଙ୍କରେ ୨୫୦ଟି ରିଲିଫ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି । ସବୁ ରିଲିଫ୍ ସେଣ୍ଟରରେ ମହିଳା ପୁଲିସ ମୁତୟନ ରହିବେ । ଗର୍ଭବତୀ, ଶିଶୁ ଓ ବୟସ୍କଙ୍କୁ ଆଗୁଆ ସ୍ଥାନାନ୍ତର ପରାମର୍ଶ ଦିଆଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାଉଣ୍ଡ ଜିରୋରେ ତଦାରଖ ଚାଲିଛି । ସରକାରୀ ଆଶ୍ରୟସ୍ଥଳୀ ଛଡ଼ା ଆଉ ୫୦୦ଟି ଅସ୍ଥାୟୀ ଶିବିର ପ୍ରସ୍ତୁତ କରାଯାଇଛି । ଔଷଧ, ରନ୍ଧା ଓ ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି। ୮ ହଜାର ୬୪୭ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି। ୫୧ ଓଡ୍ରାଫ ଟିମ, ୧୭୮ ଅଗ୍ନିଶମ ଟିମ୍, ୨୦ ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଯାଇଛି। ପୃଷ୍ଠା-୬

### ମହିଳାଙ୍କୁ ଆଶ୍ରୟସ୍ଥଳୀ ଦାୟିତ୍ୱ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ବାତ୍ୟା ଆଶ୍ରୟସ୍ଥଳୀର ଦାୟିତ୍ୱରେ ରହିବେ ମହିଳା। ଏନେଇ ୧୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)। ଲୋକଙ୍କୁ ଯେଭଳି ସୁରକ୍ଷିତ ସ୍ଥାନାନ୍ତର କରାଯିବ, ତାଉପରେ ଗୁରୁତ୍ୱ ଦେବା ସହ ଆଶ୍ରୟସ୍ଥଳୀରେ ପାନୀୟ ଜଳ ଯୋଗାଣ ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ୩ ସ୍ଥାନୀୟ ଅଧିକାରୀଙ୍କୁ ନେଇ ରିଲିଫ ସେଣ୍ଟର ପାଇଁ ଟିମ୍ ପ୍ରସ୍ତୁତ କରାଯିବ। ଯେଉଁଥିରେ ରହିବେ ୨ ପୁରୁଷ ଓ ଜଣେ ମହିଳା। ଆଶା ଦିଦି, ଶିକ୍ଷୟିତ୍ରୀ ମଧ୍ୟ ରିଲିଫ୍ ସେଣ୍ଟରରେ ରହିବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ସେହିପରି କନଷ୍ଟେବଲ କିମ୍ବା ମହିଳା ହୋମ୍‌ଗାର୍ଡଙ୍କୁ ମଧ୍ୟ ନିଯୁକ୍ତ କରାଯିବ। ଗୃହପାଳିତ ପଶୁଙ୍କୁ ମଧ୍ୟ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଆର୍‌ସି।

### ୩ ଦିନ ଉଚ୍ଚ ଶିକ୍ଷାନୁଷ୍ଠାନ ବନ୍ଦ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲ୍ଲାରେ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ବନ୍ଦ ରହିବ। ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ମଙ୍ଗଳବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା 'ଦାନା' ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଅନୁଗୋଳ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କଲେଜ ବନ୍ଦ ରହିବ। ଏନେଇ ସଂପୃକ୍ତ ଜିଲ୍ଲାର ଥିବା ସମସ୍ତ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନମାନଙ୍କୁ ବିଭାଗ ପକ୍ଷରୁ ଚିଠି କରାଯାଇଛି। ସେହିପରି ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜର ଅଧ୍ୟକ୍ଷମାନଙ୍କୁ ମଧ୍ୟ ପୃଷ୍ଠା-୬

### ସେବାରେ ଅବହେଳା ବରଦାସ୍ତ କରାଯିବନି

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଓ ବାତ୍ୟା ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ସମ୍ଭାବ୍ୟ ବାତ୍ୟା ଓ ବାତ୍ୟା ପରବର୍ତ୍ତୀ ସମୟରେ ଟେଲିଫୋନ୍ ସେବା, ବିଦ୍ୟୁତ୍ ଶକ୍ତି, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ବାତ୍ୟା ପରେ ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଚାଲୁକରିବା ସଂପର୍କରେ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଘଟିଲେ ଗ୍ରାମାଂଚଳ ଓ ସହରାଂଚଳରେ ପାନୀୟ ଜଳ ତୁରନ୍ତ ଯୋଗାଇବା ପ୍ରମୁଖ ଆହ୍ୱାନ ହୋଇଥାଏ। ଡାକ୍ତରଖାନାମାନଙ୍କରେ ଆବଶ୍ୟକ ଡିଜି/ ଜେନେରେଟର ସେଟ୍ ସବୁବେଳେ କାର୍ଯ୍ୟକ୍ଷମ ରହିବା ଉଚିତ। ସ୍ଥିତି ଉପରେ ନଜର ରଖି ୨୩ ଓ ୨୪ ତାରିଖରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ପୃଷ୍ଠା-୬




### ୧୭୮ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଦାନା' ପାଇଁ ୧୭୮ଟି ଟ୍ରେନ ବାତିଲ କରାଯାଇଛି। ହୋଇଛି। ୨୩, ୨୪ ଓ ୨୫ ତାରିଖ ମଧ୍ୟରେ ଏସବୁ ଟ୍ରେନ୍ ବାତିଲ କରାଯାଇଛି। ସେଥିରେ ଅପ୍ ଟ୍ରେନ୍ ୮୫ ଥିବା ବେଳେ ଡାଉନ୍ ଟ୍ରେନ୍ ୯୩ଟି ରହିଛି। ରେଳ ବିଭାଗ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ, ୨୩ ତାରିଖରେ କାମାକ୍ଷା-ବାଙ୍ଗାଲୁରୁ, ନୂଆଦିଲ୍ଲୀ-ଭୁବନେଶ୍ୱର, ଋଷିକେଷ-ପୁରୀ, ନୂଆଦିଲ୍ଲୀ-ପୁରୀ, କୋଲକାତା-ପୁରୀ, ସିକନ୍ଦରାବାଦ-ଭୁବନେଶ୍ୱର, ଚେନ୍ନାଇ ସେଣ୍ଟ୍ରେଲ-ହାୱ୍ରାଡ଼ା, ପଣ୍ଡିଚେରୀ-ଭୁବନେଶ୍ୱର, ଏସ୍‌ବିସି-ଭୁବନେଶ୍ୱର, ଗାନ୍ଧିଧାମ-ପୁରୀ, ସୁରତ-ବ୍ରହ୍ମପୁର ପ୍ରମୁଖ ବାତିଲ କରାଯାଇଛି। ୨୪ ତାରିଖରେ ସାଲିମାର-ପୁରୀ, ପୃଷ୍ଠା-୬

### ୬ ଜିଲ୍ଲା ଦାୟିତ୍ୱରେ ବରିଷ୍ଠ ଆଇଏଏସ୍

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): 'ଦାନା' ଦ୍ୱାରା ଅଧିକ ପ୍ରଭାବିତ ହେବାକୁ ଥିବା ବାଲେଶ୍ୱର, ଭଦ୍ରକ, ପୁରୀ, ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ୬ ଜିଲ୍ଲାକୁ ୬ଜଣ ବରିଷ୍ଠ ଆଇଏଏସଙ୍କୁ ପଠାଯାଇଛି। ଯେଉଁମାନେକି ପୂର୍ବରୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିସାରିଛନ୍ତି। ଆଜି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଯୋଗୁ ପ୍ରଭାବିତ ହେବାକୁ ଥିବା ୬ଟି ଜିଲ୍ଲାରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସହ ବାତ୍ୟା ସଂକ୍ରାନ୍ତ କାର୍ଯ୍ୟର ତଦାରଖ ନିମନ୍ତେ ୬ଜଣ ବରିଷ୍ଠ ଆଇଏଏସଙ୍କୁ ନିୟୋଜିତ କରାଯାଇଛି । ଏହି ଅଫିସରମାନେ ୨୩ତାରିଖ ସୁଦ୍ଧା ସେମାନଙ୍କୁ ପୃଷ୍ଠା-୬

### ଅବସର ପରେ ଲଳିତଙ୍କୁ ନିଯୁକ୍ତି



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ବିଭିନ୍ନ ପଦବୀ ପାଇଁ ନିଯୁକ୍ତିରେ ଅନିୟମିତତାକୁ ନେଇ ବିବାଦରେ ଥିବା ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ(ଓଏସଏସଏସସି) ରେ ଆଜି ରାଜ୍ୟ ସରକାର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିଯୁକ୍ତି କରିଛନ୍ତି। ଓଏସଏସଏସସି ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଓଡ଼ିଆ ଆଇପିଏସ୍ ଲଳିତ ଦାସଙ୍କୁ ନିଯୁକ୍ତି ମିଳିଥିବାବେଳେ ଅବସରପ୍ରାପ୍ତ ଆଇଏଏସ୍ ଉଦ୍ଧବଚନ୍ଦ୍ର ମାଝୀ ଓ ଅବସରପ୍ରାପ୍ତ ଓଏଏସ୍ ସରୋଜ କୁମାର ମିଶ୍ରଙ୍କୁ ସଦସ୍ୟ ହେବେ। ମଙ୍ଗଳବାର ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଓଏସଏସଏସସି ଦ୍ୱାରା ପୃଷ୍ଠା-୬

### ୧୫ରେ ରାଉରକେଲା ଆସିବେ ମୋଦି




ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଦୁଇମାସ ଭିତରେ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନଭେମ୍ବର ୧୫ରେ ରାଉରକେଲା ଗସ୍ତରେ ଆସି ବୀର୍ସା ମୁଣ୍ଡ ଷ୍ଟାଡିୟମଠାରେ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ ସମାରୋହରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଗସ୍ତରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ଓଡ଼ିଆ ଅସ୍ମିତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, ୪୫୦ ପ୍ରାଥମିକ ସ୍କୁଲ ହଷ୍ଟେଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ସହିଦ ମାଧୋସିଂ ହାତଖର୍ଚ୍ଚ ବୃତ୍ତି ଯୋଜନାର ଶୁଭାରମ୍ଭ କରିବେ। ଏହି ଅବସରରେ ଏକ ଲକ୍ଷ ଏସ୍‌ଟି ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ପୃଷ୍ଠା-୬

### ମହିଳା କର୍ମଚାରୀଙ୍କୁ ୧୨ ଦିନ ଅତିରିକ୍ତ ଛୁଟି

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ମହିଳା କର୍ମଚାରୀଙ୍କ ପାଇଁ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଏହି ଅତିରିକ୍ତ ଛୁଟି ପ୍ରଚଳିତ ୧୦ ଦିନ ସାମୟିକ ଛୁଟି (ସିଏଲ୍) ଓ ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ( ସ୍ପେଷାଲ ଲିଭ୍) ସହିତ ପାଇ ପାରିବେ। ଏହି ୧୨ ଦିନ ଅତିରିକ୍ତ ସାମୟିକ ଛୁଟି ସେମାନେ ମାସକୁ ଗୋଟିଏ ଦିନ ଲାଭ କରି ପାରିବେ। ମହିଳାମାନଙ୍କ ମାସିକ ଧର୍ମ ଜନିତ କାରଣରୁ ଏହି ଅତିରିକ୍ତ ଛୁଟି ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ ଏହି ଅତିରିକ୍ତ ସାମୟିକ ଛୁଟି ପୂର୍ବରୁ ୧୦ ଦିନ ପାଇଁ ମିଳୁଥିଲା।

### ବାତ୍ୟା ମୁକାବିଲାରେ ମନୋଜ ଅଭିଜ୍ଞ



**ମହାବାତ୍ୟା ସମୟରେ ଥିଲେ ଅତିରିକ୍ତ ରିଲିଫ କମିଶନର**

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ବାତ୍ୟା ଦାନାକୁ ମୁକାବିଲା ପାଇଁ ରାଜ୍ୟ ପ୍ରଶାସନ ତାହାର ସମସ୍ତ ଶକ୍ତି ଖଟାଇଥିବାବେଳେ ପ୍ରଶାସନର ମୁଖିଆ ତଥା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯେ ବାତ୍ୟା ମୁକାବିଲାରେ ଅତ୍ୟନ୍ତ ଅଭିଜ୍ଞ ଓ ଦକ୍ଷ ତାହା ହୁଏତ ଖୁବ୍ କମ୍ ଲୋକେ ଜାଣିଛନ୍ତି । ୧୯୯୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ୧୯୯୯ ର ମହାବାତ୍ୟା ସମୟରେ ରାଜ୍ୟର ଅତିରିକ୍ତ ରିଲିଫ କମିଶନର ଭାବେ ଅତ୍ୟନ୍ତ ଦକ୍ଷତାର ସହ ବାତ୍ୟା ମୁକାବିଲା କରିଥିଲେ। ରିଲିଫ ଯୋଗାଣ ଠାରୁ ଉଦ୍ଧାର ପର୍ଯ୍ୟନ୍ତ ସବୁଥିରେ ମନୋଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେତେବେଳେ ବର୍ତ୍ତମାନ ଭଳି ଯୋଗାଯୋଗ ସୁବିଧା ନଥିଲେ ମଧ୍ୟ ମନୋଜ ଅତ୍ୟନ୍ତ ଦକ୍ଷତାର ସହ ଉପକୂଳବାସୀଙ୍କ ନିକଟରେ ସରକାରଙ୍କର ସମସ୍ତ ସହାୟତା ପହଞ୍ଚାଇ ପାରିଥିଲେ। ତେଣୁ ବାତ୍ୟା ଦାନାକୁ ନେଇ ପ୍ରଶାସନ ଯେଭଳି ଯୁଦ୍ଧକାଳୀନ ପ୍ରସ୍ତୁତି ଚଳାଇଛି ତାହାକୁ ଠିକଣା ଭାବେ ଅଭିଜ୍ଞ ମନୋଜ ପରିଚାଳନା କରିବେ ବୋଲି ସମସ୍ତଙ୍କର ଆଶା ଓ ବିଶ୍ୱାସ।

### ବିଜେଡିର ମନେପଡ଼ିଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଥା

- ଗୋଟିଏ ଘଟଣାରେ ବି ଗଠନ କରି ନ ଥିଲେ ଟିମ୍
- ଆଇନ ତା' ବାଟରେ ଯିବ କହି ଖସୁଥିଲେ




**ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ କୁଚିଣ୍ଡା ନାବାଳିକା ଦୁଷ୍କର୍ମ ଘଟଣାରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରି ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରିଛି। ନାବାଳିକା ଦୁଷ୍କର୍ମ ମାମଲା କୌଣସି ସ୍ତରରେ ଗ୍ରହଣୀୟ ନୁହେଁ ଏବଂ ଏହା ଏକ ଜଘନ୍ୟ ଅପରାଧ ହୋଇଥିବାବେଳେ ବିଜେଡିର ମନୋଭାବକୁ ନେଇ କିଛୁ ପ୍ରଶ୍ନ ଉଠିଛି। ବିଜେଡିର ୨୫ବର୍ଷର ଶାସନ କାଳ ଭିତରେ ଏଭଳି ଅନେକ ଘଟଣା ଘଟିଥିଲେ ମଧ୍ୟ ଗୋଟିଏ ହେଲେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିନଥିଲା କି କୌଣସି ପୀଡିତାଙ୍କ ଘରେ ପହଞ୍ଚିନଥିଲା। କୁଚିଣ୍ଡା ନାବାଳିକା ଦୁଷ୍କର୍ମ ଘଟଣାର ଅନୁଧ୍ୟାନ ପାଇଁ ଆଜି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ। ତେବେ ଲେଖାଶ୍ରୀଙ୍କ ମୁହଁରେ ଏଭଳି ଟିମ୍ ଗଠନ ସୂଚନା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ବିଜେଡି ସରକାର ସମୟରେ ଯେତେବେଳେ ମାଧବୀଲତା, ପରୀ, ମମିତା ଭଳି ଘଟଣା ଘଟିଥିଲା ସେତେବେଳେ ଲେଖାଶ୍ରୀ ବିଜେପିରେ ଥାଇ ସିବିଆଇ ତଦନ୍ତ ଦାବି କରୁଥିବାବେଳେ ନବୀନ ଆଇନ୍ ତା ବାଟରେ ଯିବ କହି ଏଡାଇ ଯାଉଥିଲେ। ଏଭଳି ଘଟଣାରେ ବିରୋଧିଙ୍କୁ ରାଜନୀତି ନକରିବାପାଇଁ ବିଜେଡି ପକ୍ଷରୁ ବାରମ୍ବାର କୁହାଯାଉଥିଲା। ସେହିଭଳି ପଶ୍ଚିମଓଡିଶାର ମମିତା ମେହେର ହତ୍ୟା ଘଟଣାରେ ଦେବେଶ ଆଚାର୍ଯ୍ୟଙ୍କ ନିରବତା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏବେ ଦେବେଶ ନିଜ ଅଞ୍ଚଳରେ କିଭଳି ପଠାନ୍ ମାନଙ୍କ ସହାୟତାରେ ଜମି ପ୍ଲଟିଂ କାରବାର କରିବା ସହିତ ଅତାବିରା ନିର୍ବାଚନମଣ୍ଡଳୀରେ ଥିବା ନିଜ ପୈତୃକ ଗ୍ରାମ ଦପ୍ତାରେ ଚାରି ପାଞ୍ଚବର୍ଷ ହେଲା ବିନା ଟେଣ୍ଡରରେ ବାଲି ଉଠାଇ କୋଟି କୋଟି ଟଙ୍କାର କାରବାର କରୁଛନ୍ତି ତାହାର ତଦନ୍ତପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ସକାଶେ ମଧ୍ୟ ଦାବି ଉଠିଲାଣି। ଏଥି ସହିତ ଶ୍ରୀ ଆଚାର୍ଯ୍ୟଙ୍କ ସହାୟତାରେ କିଭଳି ଶ୍ରମିକ ଯୋଗାଣ କାରବାର ଚାଲିଛି ଏଥିରେ ଜାଲିଆତି କରି ଜଣେ ଜେଲ୍ ଯାଇଛନ୍ତି ତାହାର ତଦନ୍ତ ପାଇଁ ମଧ୍ୟ କମିଟି ଗଠନ ପାଇଁ କୁହାଯାଉଛି।



## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା, ୬ ଗିରଫ

**ଖୋର୍ଦ୍ଧା, ୨୨।୧୦ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୬ ତାରିଖରେ ସ୍ଥାନୀୟ କାଇପଦର ସ୍ଥିତ ଟାଙ୍ଗେଣୀ ମୁଣ୍ଡିଆ ନିକଟରେ ହୋଇଥିବା ଏକ ହତ୍ୟାକାଣ୍ଡ ଘଟଣାର ପୋଲିସ ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ ପୋଲିସ ଜବତ କରିବା ସହିତ ଘଟଣାରେ ସଂପୃକ୍ତ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିବା ଜଣାପଡିଛି । ଆଜି ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରାଯାଇଛି । କୁହାଯାଇଛି ଯେ, ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର ନିଳମଣି ବେହେରା ସପରିବାର ଟାଙ୍ଗୀ ବଳରାମ ସାହି ଅଞ୍ଚଳରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ତାଙ୍କ ପୁଅ ନିଶିକାନ୍ତ ସେମାନଙ୍କ ସହିତ ରହୁଥିଲା । ତେବେ ୮ ତାରିଖରେ ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳରେ ଏକ ହତ୍ୟାକାଣ୍ଡ ହୋଇଥିବା ନେଇ ଖବର ପାଇ ସେଠାକୁ ଆସି ତାଙ୍କ ପୁଅକୁ ଚିହ୍ନଟ କରି ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ଇତି ମଧ୍ୟରେ ଜଣେ ନାବାଳକ ସମେତ ଅନ୍ୟ ୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗାମୁଛା, ଦୁଇଟି ମଟର ସାଇକେଲ, ମୋବାଇଲ ଫୋନକୁ ଜବତ କରିବାରେ ସଫଳ ହୋଇଛି ଖୋର୍ଦ୍ଧା ପୋଲିସ । ସେମାନେ ହେଲେ ବାଘମାରି ଥାନା ପତନିବର ଗ୍ରାମର ବିଶ୍ୱନାଥ ପ୍ରଧାନ, ଶୁଭାଶିଷ ବଳିୟାର ସିଂ, ପ୍ରଶାନ୍ତ କୁମାର ବଳିୟାର ସିଂ, ଅମିୟ ରଞ୍ଜନ ବଳିୟାର ସିଂ ଓ ଆଶୁତୋଷ ବଳିୟାର ସିଂଙ୍କ ସମେତ ଜଣେ ୧୮ ବର୍ଷ ବୟସର ନାବାଳକ ବୋଲି ସୂଚନା ଦିଆଯାଇଛି ।

## ଗଞ୍ଜେଇ ଜବତ, ଦୁଇ ଗିରଫ

**କଣାସ, ୨୨।୧୦ (ସଂଚାର ବ୍ୟୁରୋ):** କଣାସ ଥାନା ପରିସରଭୁକ୍ତ ଗଡ଼ସାନପୁଟ ଗ୍ରାମପଞ୍ଚାୟତରରେ ସ୍ଥାପିତ ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ କଣାସ ଥାନା ଆଇ.ଆଇ.ସି ରକେଶ କୁମାର ତ୍ରୀପାଠୀ ଆଜି ୪ କେଜି ୨୨୮ ଗ୍ରାମ ଗଞ୍ଜେଇ



ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ କଣାସ ଥାନା ଆଇ ଆଇ ସି ଶ୍ରୀ ତ୍ରୀପାଠୀଙ୍କୁ କେହି ବ୍ୟକ୍ତ ଟେଲିଫୋନ ଯୋଗେ ଜଣାଇଥିଲା ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଗଞ୍ଜେଇ ମହଜୁଦ ରହିଛି। ଖବର ପାଇ ଥାନା ଅଧିକାରୀ ଶ୍ରୀ ତ୍ରୀପାଠୀ, ଏସ ଆଇ ଦେବୀ ପ୍ରଶାଦ ଲେଙ୍କା ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ଏବଂ ପୁଲିସ କର୍ମଚାରୀ କେତେକ ଗୃହ ତଲାସ କରିବା ପରେ ଛୋଟି ଯୋଡି ଗ୍ରାମର ଜୟନ୍ତ ଛୁଆଲସିଂହ ଓ ଗଗନ ଛୁଆଲସିଂହ ନିକଟରୁ ୪ କେଜି ୨୨୮ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଯାହାର ମ୍ୟଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ କଣାସ ଥାନା କେସ ନଂ ୨୫୩/୨୦୨୪ ରେ ଏକ ମକଦମା ରୁଜ କରି ଦୁଇ ଆସାମୀଙ୍କୁ କୋର୍ଟ ଚାଲଣ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**କଣାସ, ୨୨।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅନ୍ତର୍ଗତ ଗଡ଼ିସାଗୋଦା ଥାନା ପରିସରଭୁକ୍ତ ବାଦୁରାବର ଗ୍ରାମର ଅନିଲ ମହାପାତ୍ର ୨୭ ବର୍ଷ ଗତ କାଲି ରାତ୍ରରେ ଦୌଡି ଦେଇ ଆତ୍ମହତ୍ୟା କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ପୁଲିସଠାରୁ ପ୍ରକାଶ ଯେ ଅନିଲ ଗତକାଲି ରାତ୍ରରେ ଖାଇ ସାରିବା ପରେ ଘରୁ ବାହାରକୁ ଆସିଥିଲେ ଆଉ ଘରକୁ ଫେରିନଥିଲେ ସକାଳୁ ଗଛରେ ଏକ ଦୌଡିରେ ଝୁଲିଥିବା ଲୋକମାନେ ଦେଖିବାକୁ ପାଇଥିଲେ। ପୁଲିସକୁ ଖବର ଦେବା ପରେ ଗଡ଼ିଶାଗୋଦା ଥାନା ଆଇ ଆଇ ସି ଦୁର୍ଗାଚରଣ ମହାପାତ୍ର ଘଟଣା ସ୍ଥଳରେ ପହଁଚି ଶବ ଜବତ କରିବା ସହିତ ଗଡ଼ିଶାଗୋଦା ଥାନା କେସ ନଂ ୬/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

### ହାଇଆଲର୍ଟରେ ରାଜନଗର

# ଭିତରକନିକାରୁ ଧାମରା ମଧ୍ୟରେ ମାଡ଼ ହେବ 'ଦାନା'

**ରାଜନଗର, ୨୨।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ଭୟଙ୍କର ରୂପ ନେଇ ସ୍ଥଳ ଭାଗକୁ ମାଡି ଆସୁଛି। ଭିତରକନିକାରୁ ଧାମରା ମଧ୍ୟରେ ବାତ୍ୟା ଉପକୂଳ ଛୁଇଁବ। ଧାମରା ମୁହାଁଣ ରାଜନଗର ବ୍ଲକର ତାଳଚୁଆକୁ ଲାଗିଥିବାରୁ ଓ ଭିତରକନିକା ରାଜନଗରର ହୋଇଥିବାରୁ ଏହି ବ୍ଲକ ଅଧିକ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ବାଘମାରୀ, ତାଳଚୁଆ, କେରୁଆଁପାଳ, ରଙ୍ଗଣୀ, କୃଷ୍ଣନଗର, ଖମାରସାହି, ଡାଙ୍ଗମାଳ, ଇଶ୍ୱରପୁର, ଘଡିଆମାଳ, ଗୁପ୍ତି, ସାତଭାୟା, ବ୍ରାହ୍ମଣସାହି ପ୍ରଭୃତି ପଞ୍ଚାୟତ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଜି ପାଗ ଖରାଟିଆ ଥିଲେ ମଧ୍ୟ ଆଜି ସଂଧ୍ୟାରେ ବାଉଁଶଗଡ଼ ନଦୀ ସେପଟରେ ଥିବା ମଗରକନ୍ଦା ଗାଁର ୪୦ ପରିବାରଙ୍କୁ ଘାଟ ପାରକରି ଓକିଲପାଳ ବାତ୍ୟା ଆଶ୍ରୟସ୍ଥଳୀକୁ ଅଣାଯାଇଛି। ବିପନ୍ନ ଲୋକେ ସେମାନଙ୍କ ଅତ୍ୟାବଶ୍ୟକୀୟ ସାମଗ୍ରୀ ମୁଣ୍ଡାଇ ଚାଲି ଚାଲି ଆସିବାର ଦୃଶ୍ୟ ଦେଖିବାକୁ ମିଳିଛି।

ରାଜନଗରରେ ୯୫୪ ବୋଟ ଆଜି ସୁଦ୍ଧା କୂଳକୁ ଫେରିଆସିଛି। ଏହାବାଦେ ୮୦ରୁ ଅଧିକ ଟ୍ରଲର ରାଜନଗର ଅଞ୍ଚଳରେ ଥିଲେ ମଧ୍ୟ ସଂଧ୍ୟା ସୁଦ୍ଧା ଅଧା ଟ୍ରଲର ଫେରିଆସିଛି। ଟ୍ରଲର ଗୁଡିକୁ ସୁରକ୍ଷିତ ଭାବେ ବାନ୍ଧିବା ସହିତ ସୂଚନା ନଆସିବା ଯାଏଁ ମାଛ ଧରିବାକୁ ନଯିବାକୁ ପରାମର୍ଶ ଦେଇଛନ୍ତି। ମତ୍ସ୍ୟଜିବୀ ତଥା ବୋଟ ମାଲିକ ଆବଦୁଲ ସାହାଙ୍କ କହିବା କଥା ହେଲା ଆମେ ମାଛ ମାରିବାକୁ ସମୁଦ୍ରକୁ ଯାଇଥିଲୁ। ସମୁଦ୍ର ଭିତରେ ଉଚ୍ଚ ଲହରୀ ସହିତ ଗରମ ହାୱା ଆସିଥିଲା। ମାଛଗୁଡିକ ଦଳ ଦଳ ହୋଇ ଡେଇଁବା ଦେଖିବାକୁ ମିଳିଥିଲା। ଯାହାକି ସାମୁଦ୍ରିକ ଝଡ ଆସିବାର ପୂର୍ବ ସୂଚନା। ଏହି ସୂଚନା ଜାଣିବା ପରେ ଆମେ ଗତକାଲି ଠାରୁ କୂଳକୁ ଫେରି ଆସିଛୁ ବୋଲି କହିଛନ୍ତି।

### ୨୨ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ



ବାତ୍ୟାକୁ ମୁକାବିଲା ପାଇଁ ୪୫ଟି ବାତ୍ୟା ଆଶ୍ରୟସ୍ଥଳ ସମେତ ୮୦ଟି ଅସ୍ଥାୟୀ ଶିବିରରେ ଲୋକମାନଙ୍କୁ ସ୍ଥାନାନ୍ତରିତ କରି ରଖାଯିବ। ୨୨ ହଜାର ଲୋକଙ୍କୁ ସ୍ଥାନାନ୍ତରୀତ କରି ଆଶ୍ରୟସ୍ଥଳକୁ ଆଣିବାକୁ ପ୍ରଶାସନ ଲକ୍ଷ୍ୟ ଧାର୍ଯ୍ୟ ରଖିଛି। ପ୍ରତ୍ୟକ ଆଶ୍ରୟସ୍ଥଳରେ ୫ଜଣ ସରକାରୀ କର୍ମଚାରୀ ଦାୟିତ୍ୱରେ ରହିବେ। ଆସନ୍ତାକାଲି ଅପରାହ୍ନରୁ ସ୍ଥାନାନ୍ତରୀତ ପକ୍ରିୟା ଆରମ୍ଭ ହେବ। ୨୩ ତାରିଖ ରାତିରେ ଶୁଖିଲା ଖାଦ୍ୟ ଦିଆଯିବ। ୨୪ ଓ ୨୫ ଦୁଇଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ୧୫୦ କୁଇଂଟାଲ ଚୁଡା, ଗୁଡ, ବିସ୍କୁଟ, ମହମବତୀ ଓ ଡିଆସିଲି ଆଜି ରାତି କିମ୍ବା କାଲି ସକାଳ ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ପହଁଚିବ। ସଂଗେ ସଂଗେ ୨୯ଟି ପଞ୍ଚାୟତକୁ ତାହା ପଠାଇ ଦିଆଯିବ। ପଞ୍ଚାୟତରୁ ଆଶ୍ରୟସ୍ଥଳକୁ ତାହା ପଠାଯିବ।

ବାତ୍ୟାରେ ଅଘଟଣର ମୁକାବିଲା ପାଇଁ ଦୁଇଟି ଓଡ୍ରାଫ ଟିମ୍ ରାଜନଗରରେ ପହଁଚିଛି। ଗୋଟିଏ ବ୍ଲକ ହେଡକ୍ୱାର୍ଟରରେ ଓ ଅନ୍ୟଟି ଡିଏଫଓଙ୍କ ଅଧିନରେ ରହିବ। ଆସନ୍ତା ଏକ ସପ୍ତାହ ମଧ୍ୟରେ ପ୍ରସବ ହେବାକୁ ଥିବା ୩୨ଜଣ ଗର୍ଭବତୀ ମହିଳାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସନ୍ତାକାଲି ଠାରୁ ସ୍ଥାନାନ୍ତରୀତ କରାଯିବ। ପଶୁ ମାନଙ୍କ ପାଇଁ ଗୋଖାଦ୍ୟର ବ୍ୟବସ୍ଥା କରାଯାଉଛି। ୫୦ ହଜାର ପାଣିବୋତଲ ମଗାଯାଇଛି।



## ସ୍ଥିତି ପରଖିଲେ ବିଧାୟକ

**ରାଜନଗର:** ବାତ୍ୟା ଦାନାକୁ ନେଇ ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛି। ଆଜି ସାତଭାୟାର ମଗରକନ୍ଦାର ୪୦ ପରିବାରକୁ ସ୍ଥାନାନ୍ତରୀତ କରାଯାଇଥିବା ବେଳେ ଆସନ୍ତାକାଲି ଅପରାହ୍ନରୁ ୨୯ଟି ପଞ୍ଚାୟତର ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରୀତ କରାଯିବ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ୨୦ଟି ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳ ଗୁଡିକ ବୁଲି ସ୍ଥିତି ପରଖିଛନ୍ତି। ଏହି ବ୍ଲକର ଘଡିଆମାଳ, ଇଶ୍ୱରପୁର, ଡାଙ୍ଗମାଳ, ଖମାରସାହି, କୃଷ୍ଣନଗର, ତାଳଚୁଆ, ବାଘମାରି, କେରୁଆଁପାଳ, ରଙ୍ଗଣୀ, ଗୁପ୍ତି, ସାତଭାୟା, ଡେରା, ହାତିନା, ବ୍ରାହ୍ମଣସାହି ପ୍ରଭୃତି ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳି ଗୁଡିକ ବୁଲି ଦେଖିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ନିରାପଦ ଅଛି କି ନାହିଁ, ଜେନେରେଟର ଠିକ ଅଛି ନାଁ ନାହିଁ, ପାଣି ବ୍ୟବସ୍ଥା ଓ ଶୌଚାଳୟ ଠିକ୍ ଅଛି ନାଁ ନାହିଁ ତାହାର ସ୍ଥିତି ପରଖିଛନ୍ତି। ସ୍ଥିତି ପରଖିବା ପରେ ବ୍ଲକ ପ୍ରଶାସନ ସହିତ ବୈଠକ କରି ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ଅନୁଯାୟୀ ସମୀକ୍ଷା କରିଛନ୍ତି। ଯେଉଁଠାରେ ପାଣି ବ୍ୟବସ୍ଥା ନାହିଁ, ସେଠାରେ ଟ୍ୟାଙ୍କର ଯୋଗାଇ ଦେବା ସହିତ ସବୁ ବାତ୍ୟା ଆଶ୍ରୟସ୍ଥଳୀରେ ପାଣି ବୋତଲ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ଶ୍ରୀ ସାହୁଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ଯୁବନେତା ସରୋଜ କୁମାର ରାଉତ, ବୈବର୍ତ ନାରାୟଣ ବିଶ୍ୱାଳ, ବାଘମାରୀ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ପାତ୍ର, ତାଳଚୁଆ ସେବା ସମବାୟ ସମିତି ସଭାପତି ବଳରାମ ମଣ୍ଡଳ, ପୂର୍ବତନ ସରପଞ୍ଚ ସପନ କୁମାର ମଣ୍ଡଳ, ସରପଞ୍ଚ ଗୋଲେଖି ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ବରିଷ୍ଠନେତା ରଘୁନାଥ ପ୍ରଧାନ, ରମଶ ଚନ୍ଦ୍ର ବେହେରା, ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ା, ଯୁବନେତା ଦେବ ଦୁଲାଲ ମଣ୍ଡଳ, ରାକେଶ କୁମାର ନାୟକ, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଧରଣୀଧର ଦାସ, ଛାତ୍ରନେତା ରବୀନ୍ଦ୍ର କୁମାର ସିଂ, ସୁଶାନ୍ତ କୁମାର ବେହେରା ପ୍ରମୁଖ ବାତ୍ୟା ଆଶ୍ରୟସ୍ଥଳ ଗୁଡିକ ବୁଲିଛନ୍ତି।

### ଗଜଲକ୍ଷ୍ମୀ ପୂଜା ଓ ମେଲଣ ଉତ୍ସବ ପାଇଁ ଜରୁରୀ ବୈଠକ

## ବୁଧବାର ସନ୍ଧ୍ୟା ସୁଦ୍ଧା ଭଷାଣି ଶେଷ କରିବାକୁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ୨୨।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରରେ ଚଳିତ ବର୍ଷ ପାଇଁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଓ ଭଷାଣୀ ଉତ୍ସବ ଶାନ୍ତି ଓ ଶୃଙ୍ଖଳାର ସହିତ ପାଳନ କରାଯିବା ନିମନ୍ତେ ସମସ୍ତ ମେଢ କମିଟିର ସଭାପତି, ସମ୍ପାଦକ ଓ ସରକାରୀ ପଦାଧିକାରୀମାନଙ୍କୁ ନେଇ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ପୌରସଂସ୍ଥା ଟାଉନହଲ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଜରୁରୀ ବୈଠକରେ ଆଲୋଚନା କରିଥିଲେ ।



ସମ୍ଭାବ୍ୟ ବାତ୍ୟା "ଦାନା" ପରିପ୍ରେକ୍ଷୀରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାର ମେଲଣ ଶୋଭାଯାତ୍ରା ଓ ଭଷାଣୀ ଉତ୍ସବକୁ ସୁଚାରୁରୂପେ ପରିଚାଳନା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମସ୍ତ ମେଢ କମିଟିର କର୍ମକର୍ତ୍ତା ଓ ସମନ୍ୱୟ କମିଟିର କେତେକ ସଦସ୍ୟଙ୍କ ମତାମତ ଗ୍ରହଣ କରାଯିବା ପରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ପ୍ରଶାସନିକ ତଥା ଧନ ଜୀବନର ସୁରକ୍ଷା ଦୃଷ୍ଟିରୁ ଆଜି ରାତି ୧୦ଘଟିକା ସୁଦ୍ଧା ସମସ୍ତ ପୂଜା ମଣ୍ଡପର ସୁସଜ୍ଜିତ ତୋରଣ ଓ ଆଲୋକମାଳାକୁ ଅପସାରଣ କରିବା ନିମନ୍ତେ ସମସ୍ତ ପୂଜା ମଣ୍ଡପର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯିବା ସହିତ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଏଥିସହିତ ପୂର୍ବରୁ ଧାର୍ଯ୍ୟ ହୋଇଥିବା ମା'ଲକ୍ଷ୍ମୀଙ୍କ ବିସର୍ଜନ, ମେଲଣ ଓ ଭଷାଣୀ ଦିବସକୁ ପରିବର୍ତ୍ତନ କରାଯାଇ ୨୩ତାରିଖ ବୁଧବାର ସନ୍ଧ୍ୟା ୫ଘଟିକା ସୁଦ୍ଧା ମେଲଣ ଏବଂ ଭଷାଣୀ ପର୍ବ ସମାପନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଶେଷରେ କେନ୍ଦ୍ରାପଡା ତହସିଲଦାର ତାପସରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କେନ୍ଦ୍ରାପଡା,ପଟ୍ଟାମୁଣ୍ଡାଇ ସମେତ ବିଭିନ୍ନ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ ।



## ଯାଜପୁରରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ୧୩ ଅଗ୍ନିଶମ ଟିମ୍

**ଯାଜପୁର, ୨୨।୧୦ (ସଂଚାର ବ୍ୟୁରୋ):** ସାମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ଯାଜପୁର ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛି। ପବନ ପ୍ରଭାବରେ ବିଦ୍ୟୁତ ଖୁଣ୍ଟ ଓ ଗଛ ଉପୁଜିବା,କଚ୍ଛା ଘର ଭାଙ୍ଗିବା ଆଦିର ଭୟ ଥିବା ବେଳେ ଅତ୍ୟାଧିକ ବର୍ଷା ପରେ ବନ୍ୟା ଆସିଲେ ତାର ମୁକାବିଲା ପାଇଁ ଆଜି ଯାଜପୁର ଅଗ୍ନିଶମ ବାହିନୀ ଏକ ମକଡ୍ରିଲ କରିଛି। ସମସ୍ତ ଉପକରଣକୁ ଯାଞ୍ଚ କରାଯାଇଥିବା ବେଳେ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦେବାକୁ ପୁରା ଅଗ୍ନିଶମ ବିଭାଗ ପ୍ରସ୍ତୁତ ଥିବା ଜିଲ୍ଲା ମୁଖ୍ୟ ଅଗ୍ନିଶମ ଅଧିକାରୀ ସୁଶାନ୍ତ ସେଠୀ କହିଛନ୍ତି। ଯାଜପୁର ଜିଲ୍ଲା ବର୍ତ୍ତମାନ ରେଡ ଜୋନ ରେ ରହିଥିବାରୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି। ଜିଲାରେ ୧୩ ଟି ଟିମ୍ ଅଗ୍ନିଶମ ବାହିନୀ ରହିଥିବା ବେଳେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଟ୍ରି କଟର,ଆସ୍କା ଲାଇଟ୍, ପାୱାର ବୋଟ, ସର୍ଚ୍ଚ ଲାଇଟ୍, ଲାଇଫ ଜ୍ୟାକେଟ ଆଦି ସାମଗ୍ରୀ ମହଜୁଦ କରି ରଖାଯାଇଛି।

## ଅଗ୍ନିକାଣ୍ଡରେ ପରିବାର ସର୍ବସ୍ୱାନ୍ତ



**ରାଜନଗର, ୨୨।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତ ବଳରାମପୁର ଗାଁରେ ଆଜି ପୂର୍ବାହ୍ନରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଏହି ଗ୍ରାମର ନଳିନୀ କାନ୍ତ ବେହେରାଙ୍କର ୩ବଖରା ଘର ସମେତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଛି ନିଆଁକୁ ଆୟତ କରିଥିଲେ। ମାତ୍ର ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାର ନିକଟରେ ତହସିଲଦାର ଅଜୟ କୁମାର ମହାନ୍ତି, କୁରୁଂଟି ସରପଞ୍ଚ ସସ୍ମିତା ମହାନ୍ତି, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ପହଁଚି ସମବେଦନା ଜଣାଇବା ସହ ତହସିଲ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

## 'ଦାନା'କୁ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସୂଚନା

**ଖୋର୍ଦ୍ଧା, ୨୨।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା । ଜିଲ୍ଲାପାଳ ଅଫିସ ମଧ୍ୟରେ ଏକ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଥିବା ବେଳେ ୬ ଗୋଟି ଓଡ୍ରାଫ ଟିମ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଖୋର୍ଦ୍ଧା ଜିଲ୍ଲାରେ ଥିବା ୫୧ ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀରେ ପାନୀୟ ଜଳ ସମେତ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ଜିଲ୍ଲା



ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି , ଏହା ସହ ମତ୍ସଜୀବୀଙ୍କୁ ଚିଲିକା ଭିତରକୁ ନ ଯିବା ପାଇଁ ଅପିଲ କରିଛି ଜିଲ୍ଲା ପ୍ରଶାସନ । ଚିଲିକା କୂଳରେ ମାଇକ ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ସତର୍କ କରାଯାଉଛି। ଅନ୍ୟ ପଟେ ଜିଲ୍ଲାର ସମସ୍ତ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହା ବ୍ୟତୀତ ବାତ୍ୟା କୁ ନେଇ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ ଉପରେ ଦୃଷ୍ଟି ଦେବାକୁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ସମୟରେ ଭୟବିତ ନ ହୋଇ ସତର୍କତା ଅବଲମ୍ବନ କରିବା ପାଇଁ ଜିଲ୍ଲା ବାସୀଙ୍କୁ ଅପିଲ କରିଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା ।

## ଜିଲ୍ଲାପାଳଙ୍କ ଗ୍ରାଉଣ୍ଡ ଜିରୋ ପରିଦର୍ଶନ



**ଜଗତସିଂହପୁର, ୨୨।୧୦ (ସଂଚାର ବ୍ୟୁରୋ):** ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆସନ୍ତା ୨୩ ତାରିଖ ସୁଦ୍ଧା ବାତ୍ୟା ର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବାତ୍ୟା ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୪ ତାରିଖ ସକାଳ ସୁଦ୍ଧା ଉତ୍ତର ଓଡ଼ିଶା ପଶ୍ଚିମ ବଙ୍ଗ ତଟ ଦେଇ ପୁରୀ ଏବଂ ସାଗର ଦ୍ୱୀପ ଅତିକ୍ରମ କରିବ। ଯାହାଫଳରେ ଜଗତସିଂହପୁର ଜିଲ୍ଲାରେ ୨୪ଓ ୨୫ ତାରିଖ ପ୍ରବଳ ରୁ ଅତି ପ୍ରବଳ ବର୍ଷା ସହ ୧୨୦ ରୁ ୧୩୦ କି .ମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭି ସି ହଲ୍ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଭାସୀ ମାଧ୍ୟମରେ ଆଉ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଦାନା ର ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ଆଶ୍ରୟ ସ୍ଥଳ ପରିଦର୍ଶନ କରି ସେଠାରେ ଆବଶ୍ୟକୀୟ ଜରୁରୀ ବ୍ୟବସ୍ଥାକୁ ତଦାରଖ କରିବା, ଆଶ୍ରୟ ସ୍ଥଳ ଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥା ରେ ଥିଲେ ଅନ୍ୟତ୍ର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଏରସମା, କୁଜଙ୍ଗ, ବାଲିକୁଦା, ନାଉଗାଁ ବ୍ଲକରେ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରିବା, ଆଶ୍ରୟ ସ୍ଥଳରେ ଆସ୍କା ଲାଇଟ୍, କଟର, ବ୍ଲିଚିଂ ପାଉଡର,ବିଶୁଦ୍ଧ ପାନୀୟ ଜଳ , ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଖାଦ୍ୟ ଯୋଗାଣ ନିମନ୍ତେ ବ୍ୟାପକ ଗାଡିର ବ୍ୟବସ୍ଥା କରିବା, ଜେନେରେଟର ସେଟ ସହିତ ଡିଜେଲ ବ୍ୟବସ୍ଥା ସୁନିଶ୍ଚିତ କରାଇବାକୁ ପରାମର୍ଶ ଦେଇଥିଲେ। ପାରାଦ୍ୱୀପର ଷଣ୍ଢକୁଦ, ଅଠର ବାଙ୍କୀ ପରି ଅନ୍ୟ ତଳିଆ ଜାଗା ଗୁଡ଼ିକୁ ଚିହ୍ନଟ କରି ଉପଯୁକ୍ତ ସମୟରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ଜିଲ୍ଲାପାଳ ଶ୍ରୀ ସୋନାଲ ପାରାଦ୍ୱୀପ, କୁଜଙ୍ଗର ବିଭିନ୍ନ ବାତ୍ୟା ପ୍ରବଣ ଅଞ୍ଚଳ ତଥା ଫିସିଂ ହାର୍ବର୍ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲା ର ସମସ୍ତ ବରିଷ୍ଠ ଅଧିକାରୀ, ଯଥା ଅତିରିକ୍ତ ଜିଲ୍ଲାପାଳ, ପିଡି, ଉପ ଜିଲ୍ଲାପାଳ, ଜିଲ୍ଲା ର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ଅତ୍ୟାବଶ୍ୟକୀୟ ସେବା ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଡିଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏବଂ 'ଜିରୋ କାଜୁଆଲିଟି'ର ଲକ୍ଷ୍ୟ ସହ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜି ଜିଲ୍ଲା ରେ ୬୦ ଜଣ ଏନଡିଆରଏଫ ଆସି ପହଞ୍ଚିଛନ୍ତି। ଏଥି ସହିତ ସ୍ୱତନ୍ତ୍ର ରିଲିଫ କମଶନର, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ତଥା ଜଗତସିଂହପୁରର ପୂର୍ବତନ ଜିଲ୍ଲାପାଳ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ଆସନ୍ତାକାଲି ଜିଲ୍ଲାର ସ୍ୱତନ୍ତ୍ର ଅଧିକାରୀ ଭାବେ ଯୋଗଦେଇ ବାତ୍ୟା ପରିସ୍ଥିତି ଅନୁଧ୍ୟାନ କରିବେ। ଏଥିସହତ ସମସ୍ତ ଜିଲ୍ଲାବାସୀଙ୍କୁ ଭୟଭୀତ ଓ ଗୁଜବର ଶିକାର ନହୋଇ ସତ୍ୟାସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ସମ୍ଭାବ୍ୟ ବାତ୍ୟା ନିମନ୍ତେ ଜିଲ୍ଲାପ୍ରଶାସନ ପ୍ରସ୍ତୁତ: ଜିଲ୍ଲାପାଳ

**କେନ୍ଦ୍ରାପଡା, ୨୨।୧୦ (ସଂଚାର ବ୍ୟୁରୋ):** ଆଇଏମ୍ଡିର ସତର୍କ ସୂଚନା ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଦାନା ଓଡ଼ିଶାର ଉପକୂଳରେ ୨୪ ଓ ୨୫ ତାରିଖ ମଧ୍ୟରେ ପ୍ରବଳ ବର୍ଷା ଓ ବାତ୍ୟା ଜନିତ କ୍ଷୟକ୍ଷତି ଆଶଙ୍କା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ସେହି ଆଧାରରେ କେନ୍ଦ୍ରପଡା ଜିଲ୍ଲାପ୍ରଶାସନ ବାତ୍ୟା ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଗତକାଲି ମୁଖ୍ୟମନ୍ତ୍ରୀ



ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହିତ ଏହାର ସଫଳ ମୁକାବିଲା ନିମନ୍ତେ ସଜାଗ ରହିବା ସହ ଶୂନ୍ୟ ମୃତ୍ୟୁହାରକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଆଭାସୀ ମାଧ୍ୟମରେ ଜିଲ୍ଲାର ବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବୈଠକରେ ଆଶୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

୨୪ ତାରିଖ ଦିନ ସକାଳୁ ପ୍ରବଳ ବର୍ଷା ଓ ୨୫ ତାରିଖ ଦିନ ବାତ୍ୟା ଉପକୂଳ ଛୁଇଁବା ଆଶଙ୍କା ଥିବାରୁ ସମସ୍ତ ବିଭାଗ ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ୧୧୭ ଗୋଟି ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇ ପାନୀୟ ଜଳ, ସାନିଟେସନର ବ୍ୟବସ୍ଥା, ଶୁଖିଲା ଖାଦ୍ୟ ଏବଂ ୨୩ ତାରିଖରୁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଗତକାଲି ଜିଲ୍ଲାର ୧୨୪ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ବେସାମରିକ ଯୋଗାଣ ଅଧିକାରୀଙ୍କୁ ଶୁଖିଲା ଖାଦ୍ୟ, ମହମବତୀ, ଦିଆସିଲ, କିରୋସିନି ଆଦି ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ଜଣ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଆଳି, ରାଜନଗର, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଗରଦପୁର, ରାଜକନିକା ବ୍ଲକକୁ ନୋଡାଲ ଅଫିସର ଭାବେ ପ୍ରେରଣ କରାଯାଇଛି। ଆଜି ସନ୍ଧ୍ୟା ସୁଦ୍ଧା ୬ ଗୋଟି ଓଡ୍ରାଫ୍ ଟିମ୍ କେନ୍ଦ୍ରାପଡାରେ ପହଞ୍ଚିବେ। ମହାକାଳପଡ଼ା ଓ ରାଜନଗର ବ୍ଲକ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଏହି ୨ଟି ବ୍ଲକ ପ୍ରତି ଅଧିକ ସତର୍କତା ଅବଲମ୍ବନ କରାଯାଇଛି । ବାତ୍ୟା ଯୋଗୁଁ ବିଦ୍ୟୁତ୍ ସରବରାହ ଠିକ୍ କରିବା ପାଇଁ ବିଭାଗ ପକ୍ଷରୁ କର୍ମଚାରୀ ନିୟୋଜିତ ହେବ ସହ ବିଦ୍ୟୁତ୍ ଉପକରଣ ମହଯୁଦ ରଖାଯାଇଛି ବୋଲି ଟିପିସିଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀରେ ଓଆରଏସ୍ , କ୍ଲୋରିନ ବଟିକା, ଅତ୍ୟାବଶ୍ୟକ ଔଷଧ ସମାଗ୍ରୀ ,ପଶୁ ଖାଦ୍ୟ ଆଦି ମହଜୁଦ ରଖିବାକୁ ନିର୍ଦେଶ ଦିଆଯାଇଛି । ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ ବନ୍ଦ ରହିବ କିନ୍ତୁ ଶିକ୍ଷକମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତା ଅବରୋଧ ହଟାଇବା ପାଇଁ ଅଗ୍ନିଶମ ବିଭାଗ,ପୋଲିସ୍ ପ୍ରଶାସନ, ଓଡ୍ରାଫ ଟମ୍ ମିଳିତ ଭାବେ କାର୍ଯ୍ୟ କରିବେ ।

ଉକ୍ତ ଆଭାସୀ ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡଃ ଦୂର୍ଗା ପ୍ରସନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ଦାସ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



## ବିଧାୟକଙ୍କ ସମୀକ୍ଷା

**କେନ୍ଦ୍ରାପଡ଼ା:** ସମ୍ଭାବ୍ୟ ବାତ୍ୟା ଦାନା କୁ ମୁକାବିଲା ଓ ପରିଚାଳନା ପାଇଁ ପାଟକୁରା ବିଧାୟକ ଅରିବିନ୍ଦ ମହାପାତ୍ର ଆଜି ଗରଦପୁର ଏବଂ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷା କରିବା ପରେ ଆଭାସି ମାଧ୍ୟମରେ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଭାସି ଓ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଙ୍କ ସମେତ, ତହସିଲଦାର, ସ୍ୱାସ୍ଥ୍ୟ, କୃଷି,ପ୍ରାଣୀଧନ, ବିଦ୍ୟୁତ, ମତ୍ସ୍ୟ, ଜଳସେଚନ, ପାନୀୟ ଜଳ ଅଧିକାରୀଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ରହି କିଭଳି ସମ୍ଭାବ୍ୟ ବାତ୍ୟା କୁ ମୁକାବିଲା ଓ ପରିଚାଳନା କରିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ କିଭଳି ପଦକ୍ଷେପ ନିଆଯାଇ ଯାଇଛି ବିଧାୟକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଧାୟକ ଙ୍କ ପ୍ରତିନିଧି କ୍ଷତିଶ ଦାସ, ପୁର୍ବତନ ସରପଞ୍ଚ ଆଶୋକ ଜେନା, ଆତ୍ମା ଅଧ୍ୟକ୍ଷ ବାସୁଦେବ ବେହେରା, ସମିତି ସଭ୍ୟା ବଜ୍ର କିଶୋର ସାହୁ, ସରପଞ୍ଚ ରଞ୍ଜନ ନାୟକ, ଅରୁଣ ମହାପାତ୍ର, ପୂର୍ବତନ ସମିତି ସଭ୍ୟା ପ୍ରହଲ୍ଲାଦ ସାହୁ, ଙ୍କ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟା ଓ ବ୍ଲକ ପ୍ରଶାସନର କର୍ମଚାରୀ ଉପସ୍ଥିତ ଥିଲେ ।

## ରୁଷ ରାଷ୍ଟ୍ରପତିଙ୍କ ସହ ବୈଠକ ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ




**ନୂଆଦିଲ୍ଲୀ,୨୨।୧୦:** ଆପଣଙ୍କ ବନ୍ଧୁତା, ଭବ୍ୟ ସ୍ୱାଗତ ଏବଂ ଆତିଥ୍ୟ ପାଇଁ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଛି । ଏହା ମୋ ପାଇଁ ଖୁସିର ବିଷୟ ଯେ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ମୋତେ କାଜାନ ଭଳି ଏକ ସୁନ୍ଦର ସହରକୁ ଆସିବାର ସୁଯୋଗ ମିଳିଛି । ଏହି ସହର ସହିତ ଭାରତର ଗଭୀର ଏବଂ ଐତିହାସିକ ସମ୍ପର୍କ ରହିଛି । କାଜାନରେ ନୂତନ ଭାରତୀୟ ଦୂତାବାସ ଖୋଲିବା ଦ୍ୱାରା ଏହି ସମ୍ପର୍କ ଆହୁରି ସୁଦୃଢ଼ ହେବ । ମହାମହିମ, ଗତ ତିନି ମାସ ମଧ୍ୟରେ ଦୁଇଥର ମୋର ରୁଷିଆ ଗସ୍ତ ଆମର ଘନିଷ୍ଠ ସମନ୍ୱୟ ଏବଂ ଗଭୀର ବନ୍ଧୁତ୍ୱର ପ୍ରତିଫଳନ । ଜୁଲାଇରେ ମସ୍କୋରେ ଅନୁଷ୍ଠିତ ଆମର ବାର୍ଷିକ ଶିଖର ସମ୍ମିଳନୀ ପ୍ରତ୍ୟେକ କ୍ଷେତ୍ରରେ ଆମର ସହଯୋଗକୁ ସୁଦୃଢ଼ କରିଛି । ମହାମହିମ, ବିଗତ ଏକ ବର୍ଷ ମଧ୍ୟରେ ବ୍ରିକ୍ସର ସଫଳ ଅଧ୍ୟକ୍ଷତା ପାଇଁ ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି । ବ୍ରିକ୍ସ ଗତ ପନ୍ଦର ବର୍ଷ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିଛି ଏବଂ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ଏଥିରେ ସାମିଲ ହେବାକୁ ଚାହୁଁଛନ୍ତି । ବ୍ରିକ୍ସ ଶିକ୍ଷାର ସମ୍ମିଳନୀରେ ଭାଗ ନେବାକୁ ମୁଁ ଆଗ୍ରହୀ ।

# ଶିକ୍ଷା ଓ ଜ୍ଞାନ ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗେଇ ନେବ

- ପ୍ରବାସୀ ଭାରତୀୟଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ
- ପ୍ରବାସୀମାନେ ହେଉଛନ୍ତି ଭାରତର ସଭ୍ୟତାର ସବୁଠାରୁ ବଡ ଏମ୍ବାସେଡର
- ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ଶିକ୍ଷା ସମନ୍ୱୟ ଓ ସହଯୋଗ ଉପରେ ଆଲୋକପାତ




**ନୂଆଦିଲ୍ଲୀ,୨୨।୧୦:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇ ଦିନ ଧରି ସିଙ୍ଗାପୁରରେ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଆଜି ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ବସବାସ କରୁଥିବା ଭାରତୀୟମାନଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି ।

ଏହି ଅବସରରେ ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଅଷ୍ଟ୍ରେଲିଆରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ସାକ୍ଷାତ୍ ହୋଇ କଥା ହେବା ଖୁସିର ବିଷୟ । ଆମ ପ୍ରବାସୀମାନେ ହେଉଛନ୍ତି ଭାରତର ସଭ୍ୟତାର ସବୁଠାରୁ ବଡ ଏମ୍ବାସେଡର । ଆମର ସଭ୍ୟତାର ମୂଲ୍ୟବୋଧ ଏବଂ ଜ୍ଞାନ ; ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ । ଶିକ୍ଷା ସମନ୍ୱୟ ଓ ସହଯୋଗ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ସମ୍ପର୍କକୁ ମଜଭୁତ କରିବ । ଜ୍ଞାନ ସହଯୋଗ ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବାରେ ମୂଳଦୁଆ ହେବ । ଶିକ୍ଷାର ଅନ୍ତର୍ଜାତୀୟକରଣ, ବିଶ୍ୱବିଦ୍ୟାଳୟ ସହ ସଂଯୋଗ, ଗବେଷଣା, ସ୍କିଲିଂ ଏବଂ ପାରସ୍ପରିକ ଛାତ୍ର ବିନିମୟ ଉପରେ ମଧ୍ୟ ଚର୍ଚ୍ଚା କରିଥିଲେ କେନ୍ଦ୍ରମନ୍ତ୍ରୀ ।

ଅଷ୍ଟ୍ରେଲିଆ ଗସ୍ତ କାଳରେ ଶ୍ରୀ ପ୍ରଧାନ ମେଲବର୍ଣ୍ଣରେ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବା ସହ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ସାଉଥ୍ ମେଲବର୍ଣ୍ଣ ପ୍ରାଥମିକ ବିଦ୍ୟାଳୟ ଓ ମେଡଟେକ୍ ପ୍ରୋଟୋଟାଇପିଂ ଏବଂ ବିନିର୍ମାଣ କ୍ଷେତ୍ରରେ ଜଣାଶୁଣା ଆରଏମଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରୀ ଟୁ ଡିଭାଇସ୍' ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ମେଡିକାଲ ଟେକ୍ନୋଲୋଜିର ବାଣିଜ୍ୟିକ ଏବଂ ଡ୍ରାଇଭିଂ ଇନୋଭେସନରେ ଶିଳ୍ପ-ଏକାଡେମୀ ଲିଙ୍କେଜର ଭୂମିକା ପାଇଁ ସହଯୋଗୀ ଆଭିମୁଖ୍ୟକୁ ଅନ୍ୱେଷଣ କରିବ । ଗତକାଲି ସିଙ୍ଗାପୁରରେ ଶ୍ରୀ ପ୍ରଧାନ ଆଇଆଇଟି ଓ ଆଇଆଇଏମର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଭେଟି ଦୁଇ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ, ଆମର ଆଇଆଇଟି ଓ ଆଇଆଇଏମ୍ ଗୁଡ଼ିକ ଭାରତର ଜ୍ଞାନ ଶକ୍ତିର ଗୋଟିଏ ଗୋଟିଏ ଉଦାହରଣ । ଆଜିର କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି ଯେ, ଭାରତ ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନେବାରେ ଏକ ଉତ୍ପ୍ରେରକ ହେବ । 'ଅମୃତ କାଳ' ଭାରତ ପାଇଁ ଏକ ନିର୍ଣ୍ଣାୟକ ପର୍ଯ୍ୟାୟ । ଏହା ପରିବର୍ତ୍ତନର ଯୁଗ। ବ୍ରାଣ୍ଡ୍ ଭାରତର ପୂର୍ବତନ ଛାତ୍ରଛାତ୍ରୀ-ଏମ୍ବାସେଡରମାନଙ୍କୁ ଭାରତର ମୁହୂର୍ତ୍ତକୁ ଉପଭୋଗ କରିବା ତଥା ନୂତନ ଭାରତର ଅଭିବୃଦ୍ଧି ଯାତ୍ରାରେ ସକ୍ରିୟ ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ କରିଥିଲେ ।

## ଜେଲରେ ମାରଣାସ୍ତ୍ର ସହ କଏଦୀଙ୍କ ରିଲସ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଝାରପଡ଼ା ଜେଲରେ କଏଦୀ ମାରଣାସ୍ତ୍ର ଧରି ରିଲସ ଘଟଣାରେ ଆକ୍ସନ ମୋଡ଼ରେ ପୁଲିସ ଓ ଜେଲ ବିଭାଗ। ବିଚାରଧୀନ କଏଦୀଙ୍କଠାରୁ ରିଲସରେ ବ୍ୟବହୃତ ସାମସଙ୍ଗ୍ ସ୍ମାର୍ଟ ଫୋନ ସହ ଏକ ବଡ଼ ଛୁରୀ ଜବତ କରାଯାଇଛି। ଏନେଇ ଏକ ମାମଲା ରୁଜୁ କରି, ଘଟଣାର ତଦନ୍ତ ଆରମ୍ଭ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଦିନେ କିମ୍ବା ଦୁଇଦିନ ପୂର୍ବରୁ ଏହି ମାରଣାସ୍ତ୍ର ଜେଲ ଭିତରକୁ ଆସିଥାଇ ପାରେ ବୋଲି ଜେଲ କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି। ତେବେ ଆଜି ଜେଲ ଭିତରୁ ବିଚାରଧୀନ କଏଦୀଙ୍କ ଉତ୍ପାତ ଦେଖିବାକୁ ମିଳିଥିଲା। ଜେଲ ଭିତରେ ରହି ଜୀବନରୁ ମାରିଦେବାକୁ ଧମକ ଦେଇ, ଭିଡିଓ ପଠାଇବା ସହ ବଟି ମାଗୁଥିଲେ କିଛି ଅଭିଯୁକ୍ତ। ଟଙ୍କା ନଦେଲେ ହଣା ଖାଇବୁ ବୋଲି ଭିଡିଓ ରେ କହିଥିଲେ। ସୂଚନା ଯୋଗ୍ୟଯେ, ଜେଲ ଭିତରୁ ଆସିଛି କଏଦୀଙ୍କ ସାଂଘାତିକ ଦୃଶ୍ୟ। ଏହି ଭିଡିଓ ଦେଖିଲେ ଲୋମ ଟାଙ୍କୁରୀ ଉଠିବ। ବିଚାରଧୀନ କଏଦୀଙ୍କ ଉତ୍ପାତ ଦେଖି ଲୋକ ଛାନିଆଁ। ଜେଲ ଭିତରେ ରହି ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ଭିଡିଓ ପଠାଇବା ସହ ବଟି ମାଗୁଛନ୍ତି କିଛି କଏଦୀ। ଟଙ୍କା ନଦେଲେ ହଣା ଖାଇବୁ ବୋଲି କହୁଛନ୍ତି। ଧମକକୁ ଡରି ଟଙ୍କା ବି ଦେଉଛନ୍ତି କିଛି ବ୍ୟବସାୟୀ, ଆଉ କିଛି ବ୍ୟବସାୟୀ ଏବେ ଭୁବନେଶ୍ୱର ଛାଡି ପଳାଇବାକୁ ଚାହୁଁଛନ୍ତି। କେବଳ ବ୍ୟବସାୟୀ ନୁହେଁ ସାକ୍ଷୀଙ୍କୁ ବି ଖୋଲା ଧମକ ଦିଆଯାଉଥିବା ଅଭିଯୋଗ ଆସିଛି, ହେଲେ ମିଡ଼ିଆରେ ମୁହଁ ଖୋଲିବାକୁ ସମସ୍ତଙ୍କ ଡର। କେହି କିଛି କହିବାକୁ ନାରାଜ। ଏଠି ପ୍ରଶ୍ନ ଉଠୁଛି, ଝାରପଡ଼ା ଜେଲ ଭିତରକୁ ସ୍ମାର୍ଟ ଫୋନ କେମିତି ଆସିଲା ? ଜେଲ ଭିତରୁ ଧମକପୂର୍ଣ୍ଣ ଭିଡିଓ କଲ କରାଗଲା କେମିତି ? ଏମିତି କେତେ ସ୍ମାର୍ଟ ଫୋନ ଜେଲ ଭିତରେ ରହିଛି, ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି ଓ କ୍ରାଇମ ସିଣ୍ଡିକେଟ ପଛର ମାଷ୍ଟର ମାଇଣ୍ଡ କିଏ ? କାହିଁକି ବାରମ୍ବାର ତାଗିଦ ପରେ ବି ସୁଧୁରୁନି ଜେଲ ବ୍ୟବସ୍ଥା ? କିନ୍ତୁ ଏହି ଭିଡ଼ିଓ ଝାରପଡ଼ା ଜେଲ ଭିତରର ବୋଲି ଜଣା ପଡ଼ିଥିବା ବେଳେ, ଏହାକୁ କେବେ ରେକର୍ଡ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ଏଠି ଜେଲ କତୃପକ୍ଷଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଥିବା ବେଳେ ତାହା କେତେ ସତ୍ୟ ତାହାକୁ ନେଇ ପୁଲିସ ଓ ଜେଲ ବିଭାଗ ତଦନ୍ତ ଆରମ୍ଭ କରିଛି।

## 'କଳାଭୂମି' ପରିଦର୍ଶନ କଲେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ



**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ପୋଖରୀପୁଟ ଶିଳ୍ପୀବିହାରସ୍ଥିତ ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ଆଜି ପରିଦର୍ଶନ କରିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ । ସେଠାରେ ପ୍ରଦର୍ଶିତ ରାଜ୍ୟର ଅନନ୍ୟ କଳାକୃତିଗୁଡ଼ିକୁ ଦେଖି ସେ ଅଭିଭୂତ ହୋଇଥିଲେ । ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, 'କଳାଭୂମି' ପରିଦର୍ଶନ କଲେ ଆମ ଐତିହ୍ୟସମ୍ପନ୍ନ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରା ବିଷୟରେ ଜାଣିହେବ ଏବଂ ଓଡ଼ିଆଭାବେ ଯେ କେହି ଗର୍ବ ଅନୁଭବ କରିବ। ଏହି ପରିଦର୍ଶନ ସମୟରେ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ହସ୍ତଶିଳ୍ପର ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଫ୍ଏଓ ଜିଇଏଫ୍ ଫୋଲୁର କାର୍ଯ୍ୟକ୍ରମର ଉଦ୍‌ଘାଟନ




**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଖାଦ୍ୟ ଓ କୃଷି ସଂଗଠନ (ଏଫ୍ଏଓ), ମିଳିତ ଜାତିସଂଘର ମିଳିତ ସହଯୋଗରେ ଗ୍ଲୋବାଲ ଏନଭାୟାରମେଣ୍ଟ ଫାଶିଲିଟି (ଜିଇଏଫ୍) - ୭ ପ୍ରକଳ୍ପ, ଓଡ଼ିଶା ଦ୍ୱାରା ଏକ ଦିନିକିଆ ରାଜ୍ୟ ଉଦ୍‌ଘାଟନୀ କର୍ମଶାଳା ଭୁବନେଶ୍ୱରସ୍ଥିତ କୃଷିଭବନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାର ଶୀର୍ଷକ "ପଞ୍ଜାବ, ହରିୟାଣା, ଓଡ଼ିଶା ଏବଂ ଛତିଶଗଡ଼ରେ ଧାନ-ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର" ରହିଛି । ମାନ୍ୟବର ଉପ- ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଇଏଫ୍ ଅନୁଦାନପ୍ରାପ୍ତ ପ୍ରକଳ୍ପ ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରାଥମିକତା ମଧ୍ୟରେ ସୁଦୃଢ଼ ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଓ ରଣନୀତି ଏକ ସ୍ଥାୟୀ, ଅଧିକ ସହନଶୀଳ ଏବଂ ଖାଦ୍ୟ ଓ ପୋଷଣ ସୁରକ୍ଷିତ ଭବିଷ୍ୟତ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହ ଘନିଷ୍ଠ ଭାବେ ମେଳ ଖାଉଛି ବୋଲି ସେ ଉଲ୍ଲେଖ କରିଥିଲେ । ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ, ଭାରତର ପ୍ରତିନିଧି ଶ୍ରୀ ଟାକାୟୁକି ହାଗିୱାରା ଏହି ପ୍ରକଳ୍ପର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେ ପରିବେଶଭିତ୍ତିକ ସେବା ଏବଂ ବିଶ୍ୱ ପରିବେଶ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ପାଇଁ ମିଳିତ ଭାବରେ ପରିଚାଳିତ ସ୍ଥାୟୀ ଚାଷ ଅଭ୍ୟାସକୁ ଆପଣେଇବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## କ୍ରୀଡାନୀତି ପ୍ରସ୍ତୁତ କରାଯାଉ




**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଆଜି କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଟେନିସ୍ ସେଣ୍ଟର ଅଡ଼ିଟୋରିୟମ୍ ଠାରେ ଓଡ଼ିଶା କ୍ରୀଡାନୀତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ କ୍ରୀଡାନୀତି ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ଏଥିସହିତ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ତୃଣମୂଳ ସ୍ତରରେ କ୍ରୀଡାପ୍ରତିଭାମାନଙ୍କୁ ଚୟନ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା, ବ୍ଲକସ୍ତରରେ କ୍ରୀଡ଼ାକେନ୍ଦ୍ରର ନିର୍ମାଣ ଏବଂ କ୍ରୀଡା ନର୍ସରୀ ପ୍ରତିଷ୍ଠା ମାଧ୍ୟମରେ ବିଭିନ୍ନ ଯୁବପ୍ରତିଭାମାନଙ୍କୁ ଚୟନ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ସଶକ୍ତ କରାଯାଇପାରିଲେ କ୍ରୀଡ଼ାର ବିକାଶ ହୋଇପାରିବ। ଏଥିସହ ବିଦ୍ୟାଳୟ, ଆନ୍ତଃବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଜିଲ୍ଲା, ରାଜ୍ୟ ସ୍ତରରେ କ୍ରୀଡା ପ୍ରତିଯୋଗିତା ଆୟୋଜନ ମାଧ୍ୟମରେ କ୍ରୀଡାବିତ୍ ମାନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

### ଟ୍ୱିନ୍ ସିଟି କ୍ରାଇମ୍

## ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ହତ୍ୟା

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ରାଜଧାନୀ ଇନଫୋସିଟି ଥାନା ଅଧିନ ପଟିଆ ଅଞ୍ଚଳରେ ଏକ ନିର୍ମାଣାଧିନ ମନ୍ଦିର ନିକଟରୁ ମିଳିଛି ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତଦେହ। ମୃତକ ପଥରଗାଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା ବୋଲି ଜଣାପଡ଼ିଛି। ଭୁବନେଶ୍ୱରରେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି। ପୁଲିସ ଆଜି ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପରେ ଏକ ଅପମୃତ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟଯେ, ଆଜି ଦିନ ୩ଟା ବେଳେ ଇନଫୋସିଟି ଥାନା ଅଧିନ ପଟିଆ ଅଞ୍ଚଳରେ ଥିବା ଡିଏଲଏଫ୍ ପଛ ଏକ ନିର୍ମାଣାଧିନ ମନ୍ଦିର ନିକଟରୁ ମିଳିଲା ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତଦେହ। ମୃତକ ପଥରଗାଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା ବୋଲି ଜଣା ପଡ଼ିଛି। ସେ ଭୁବନେଶ୍ୱରର ଅହଲ୍ୟା ହସ୍ପିଟାଲରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ସୁଶାନ୍ତ ଗତକାଲି ଅବା ସୋମବାର ଅପରାହ୍ନ ୨.୩୦ ମିନିଟରୁ ଘରୁ ବାହାରି ଆସିଥିଲେ। ଏହାପରେ ତାଙ୍କ ଫୋନ୍ ନଲାଗିବାରୁ ଏନେଇ ପରିବାର ଲୋକେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ୍ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ, ଆଜି ଏକ ନର୍ମାଣାଧିନ ମନ୍ଦିର ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କେହି ଜଣେ ତାଙ୍କୁ ଆକ୍ରମଣ କରି ନିର୍ମମ ଭାବରେ ହତ୍ୟା କରିଥିବା ପ୍ରାଥମିକ ସୂଚନାରୁ ଜଣା ପଡ଼ିଛି। ଏନେଇ ପୁଲିସ ଓ ସାଇଣ୍ଟିଫିକ୍ ଟିମ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ପୁଲିସ ସନ୍ଦେହରେ କିଛି ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଥିବା ବିଶ୍ୱସ୍ତ ଶୁତ୍ରରୁ ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ଜଣେ ମୃତ, ଚାଳକ ଗିରଫ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଫ୍ଲାଏ ଓଭର ବ୍ରିଜ ନିକଟରେ ଏକ କାର୍ ଧକ୍କାରେ ଗତ ୭ ତାରିଖରେ ଜଣେ ଯୁବ ଇଞ୍ଜିନିୟର ଗୁରୁତର ଭାବେ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ଘଟିଛି। ଏହି ଘଟଣା ପରେ ମୃତ ଯୁବକ ବାପା ଶରତ ଚନ୍ଦ୍ର ମହାକୁଡ଼ ଅଭିଯୋଗ କ୍ରମେ ପୁଲିସ ମଙ୍ଗଳବାର କାର୍ ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକଙ୍କ ନାମ ବିକାଶ ସେନାପତି ଓ ତାଙ୍କ ଘର କଟକ ଜିଲ୍ଲା ବିଡ଼ାନାସୀ ଥାନା ଅନ୍ତର୍ଗତ ଲେନ୍-୧ରେ ବୋଲି ଜଣାପଡ଼ିଛି। ୭ ତାରିଖ ଦିନ ଗିରଫ ଚାଳକ ଜଣକ ବେପରୁଆ ତଥା ବିପଜ୍ଜନକ ଭାବେ ଗାଡ଼ି ଚଳାଇ ଇଞ୍ଜିନିୟରଙ୍କୁ ଧକ୍କା ଦେଇଥିଲେ।

## ରାଜଧାନୀରେ ଜୋରଦାର ହୋଟେଲ ଚେକିଂ

**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ରାଜଧାନୀରେ ଦିନକୁ ଦିନ ଅପରାଧୀ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଖାସ୍ କରି ବାହାର ରାଜ୍ୟର ଅପରାଧୀମାନେ ଟ୍ରେନ ଓ ବସ ଯୋଗେ ରାଜଧାନୀରେ ପହଞ୍ଚି ଏଠାରେ ଭିନ୍ନ ଭିନ୍ନ ତାରିକାରେ ଅପରାଧ ଭିଆଇ ଚମ୍ପଟ ମାରିବାରେ ସଫଳ ହେଉଛନ୍ତି। ଏଠାକୁ ଆସିବା ସେମାନଙ୍କ ପାଇଁ ଯେତିକି ସହଜ ତା'ଠୁ ଅଧିକ ସେମାନଙ୍କୁ ରାଜଧାନୀରେ ଖୁବ୍ କମ୍ ମୂଲ୍ୟରେ ହୋଟେଲ ରୁମ୍ ମିଳୁ ଥିବାରୁ ଅପରାଧୀ ମାନେ ଏଠାରେ ରହି ବେଶ ଆରାମରେ ନିଜ ହାତ ସଫେଇ କରିବାରେ ସଫଳ ହେଉଛନ୍ତି। ସହରରେ ଗଢ଼ି ଉଠିଥିବା ମାଳ ମାଳ ହୋଟେଲ ଗୁଡ଼ିକ ସରାଇ ଆପ୍ ବ୍ୟବହାର କରୁଛନ୍ତି କି ନାହିଁ, ଯଦି କରୁଛନ୍ତି ତେବେ ନିୟମ ଅନୁଯାୟୀ ପ୍ରତ୍ୟେକ ଦିନ ସ୍ଥାନୀୟ ଥାନାରେ ଗ୍ରାହକ ମାନଙ୍କର ସବିଶେଷ ତଥ୍ୟ ଦେଉଛନ୍ତି କି ନାହିଁ ତାହା ଜାଣିବା ନିମନ୍ତେ କମିଶନରେଟ ପୁଲିସ ପକ୍ଷରୁ ସୋମବାର ରାତିରେ ସହରର କ୍ୟାପିଟାଲ ଥାନା, ଖାରବେଳନଗର ଥାନା, ଲକ୍ଷ୍ମୀସାଗର ଥାନା, ବଡ଼ଗଡ଼ ଥାନା, ସହିଦନଗର ଥାନା, ମୈତ୍ରୀବିହାର ଥାନା, ଚନ୍ଦ୍ରଶେଖପୁର ଥାନା ଏବଂ ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ମୋଟ ୫୫ଟି ହୋଟେଲରେ ଚଢ଼ଉ କରାଯାଇ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ ହୋଟେଲ ମାଲିକମାନଙ୍କୁ ସରାଇ ଆପ୍ ବ୍ୟବହାର କରିବା ସହିତ ଉକ୍ତ ଆପ୍ ମାଧ୍ୟମରେ ହୋଟେଲରେ ରହୁଥିବା ସମସ୍ତ ବ୍ୟକ୍ତି ବିଶେଷ ମାନଙ୍କର ସବିଶେଷ ତଥ୍ୟ ପ୍ରତ୍ୟେକ ଦିନ ଅପ୍‌ଲୋଡ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଆପ୍‌କୁ ହୋଟେଲ ମାଲିକମାନେ ଡାଉନ୍‌ଲୋଡ଼ କରିବା ସହିତ ଏଥିରେ ଗ୍ରାହକ ମାନଙ୍କର ସବିଶେଷ ବିବରଣୀ ପଞ୍ଜୀକୃତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେଉଁ ହୋଟେଲରେ କେତେ ଗ୍ରାହକ ଅଛନ୍ତି, କାହାର ଅପରାଧୀକ ସମ୍ପୃକ୍ତି ଅଛି କି ନାହିଁ, ଏସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଭୁବନେଶ୍ୱର ସହରରେ ଅପରାଧୀକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ସହ ହୋଟେଲରେ ଗ୍ରାହକମାନଙ୍କ ଦ୍ୱାରା ଦିଆଯାଇଥିବା ପରିଚୟ ତଥା ଠିକଣା ସଠିକ୍ ଅଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଇଥିଲା। ଏ କ୍ଷେତ୍ରରେ ବ୍ୟତିକ୍ରମେ ହେଲେ ହୋଟେଲ ମାଲିକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ମଧ୍ୟ ପୁଲିସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ହୋଟେଲ ଚେକିଂ ଅଭିଯାନରେ ସମ୍ପୃକ୍ତ ଥାନାର ୨ ଜଣ ଅଫିସର, ୨ ଜଣ ମହିଳା କନଷ୍ଟେବଳ ଓ ଟିମ୍ ୬୦ର ୨ ଜଣ ସଦସ୍ୟ ସାମିଲ ଅଛନ୍ତି।

## ଅଙ୍ଗନବାଡି କର୍ମୀ ଓ ସୁପରଭାଇଜରଙ୍କ ବୃତ୍ତିଭିତ୍ତିକ ତାଲିମ




**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆଜି ଆରମ୍ଭ ହୋଇଯାଇଛି ସୁପରଭାଇଜର ଓ ଅଙ୍ଗନବାଡି କର୍ମୀମାନଙ୍କ ବୃତ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ । ଏହି ତାଲିମ କାର୍ଯ୍ୟକ୍ରମ ଆଜିଠୁ ଆରମ୍ଭ ହୋଇ ୩୨ ଦିନ ପର୍ଯ୍ୟନ୍ତ ଚାଲିବ । ଏହି ପର୍ଯ୍ୟାୟରେ ୪ଟି ଜିଲ୍ଲା ଯଥା- ଅନୁଗୁଳ, ମାଲକାନଗିରି, କୋରାପୁଟ ଓ ମୟୂରଭଞ୍ଜ ଜିଲ୍ଲାରୁ ମୋଟ ୧୪୦ଜଣ ଅଙ୍ଗନବାଡି କର୍ମୀମାନଙ୍କୁ ଓ ୬ଟି ଜିଲ୍ଲା ଯଥା- ସୁନ୍ଦରଗଡ, ନୟାଗଡ, ଝାରସୁଗୁଡା, ରାୟଗଡା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରୁ ମୋଟ ୨୫ ଜଣ ସୁପରଭାଇଜରମାନଙ୍କୁ ଏହି ତାଲିମ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୪ଟି ବିଷୟ ଯଥା ସାଧାରଣ ସୂଚନା ଆଦ୍ୟ ଶୈଶବ ଯନି ଓ ଶିକ୍ଷା ଗୋଷ୍ଠୀ ସହଯୋଗଏବଂ ସ୍ୱାସ୍ଥ୍ୟ ଓ ପୁଷ୍ଟି ଉପରେ ବିଶେଷ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଛି । ବିଭିନ୍ନ ଶ୍ରେଣୀଭିତ୍ତିକ ଜ୍ଞାନ, ଭୂମିକା ଅଭିନୟ, ସଚେତନତା ବାର୍ତ୍ତାର ଅଭ୍ୟାସ ସହ ଆଦର୍ଶ ଅଙ୍ଗନବାଡି କେନ୍ଦ୍ରର କ୍ଷେତ୍ର ପରିଦର୍ଶନ ଓ ବିଭିନ୍ନ ପ୍ରକାର ପ୍ରଦର୍ଶନ ଆଦି ଏହି ତାଲିମ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ୧୦ ଜଣ ବିଷୟ ବିଶେଷଜ୍ଞ ତାଲିମ ପ୍ରଦାନ କରିବେ । ଏହା ଛଡା ଡିଜିଟାଲାଇଜେସନକୁ ଉତ୍ସାହିତ କରି ସରକାରଙ୍କ ବିଭିନ୍ନ ସୋସିଆଲ ମିଡିଆ ଓ ଆପ୍ଲିକେସନର ବ୍ୟବହାର ବିଷୟରେ ମଧ୍ୟ ଶିକ୍ଷା ଦିଆଯାଉଛି । ଏହା ସହ ପ୍ରତିଦିନ ସକାଳେ ସେମାନଙ୍କ ପାଇଁ ଯୋଗାଭ୍ୟାସ ଓ ବ୍ୟାୟାମ କେନ୍ଦ୍ରରେ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ବ୍ୟାୟାମ ଅଭ୍ୟାସ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି ।

## ଧୈର୍ଯ୍ୟର ସହ ମୁକାବିଲା କରିବା



**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ 'ଦାନା' ଭୀଷଣ ବାତ୍ୟା ରୂପ ନେଇ ୨୪ ତାରିଖ ମଧ୍ୟରାତ୍ରିରେ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସମୟରେ ପବନର ବେଗ ଘଂଟା ପ୍ରତି ୧୦୦ରୁ ୧୨୦ କିମି ରହିବା ସହିତ ଅତି ପ୍ରବଳ ବର୍ଷା ହେବା ଆକଳନ କରାଯାଇଛି । ଦାନା ବାତ୍ୟା ପ୍ରଭାବରେ ବିଶେଷ ଭାବେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ, କେନ୍ଦୁଝର, ମୟୁରଭାଂଜ ସମେତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବ । ଏହି ସମୟରେ ଭୟଭୀତ ନହୋଇ ଧର୍ଯ୍ୟର ସହ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଓଡିଶାବାସୀଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ପରାମର୍ଶ ଦେଇଛନ୍ତି। ସାମଲ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭନ୍ନ ପଦକ୍ଷେପ ନିଆଯାଇଛି। ସହାୟତା, ରିଲିଫ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି । ବାତ୍ୟା ପୂର୍ବରୁ ଜନସାଧାରଣ ଓ ପ୍ରାଣୀ ସଂପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖୁଲା ଓ ରନ୍ଧା ଖାଦ୍ୟ ବଂଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ କାର୍ଯ୍ୟକର୍ତାମାନେ ସହଯୋଗ କରିବେ ।

## ୨୩ରୁ ୨୫ ଶିମିଳିପାଳ ବନ୍ଦ




**ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ):** ଦାନା ବାନ୍ଧୁଛି ବାତ୍ୟା 'ଦାନା'। ଭାରତୀୟ ପାଣିପାଗ ପୂର୍ବାନୁମାନ ଅନୁସାରେ 'ଦାନା' ୨୪ ତାରିଖ ରାତିରୁ ୨୫ ତାରିଖ ସକାଳେ ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ରହିଛି। ତେଣୁ ତା'ପୂର୍ବରୁ ଅର୍ଥାତ ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ଜାତୀୟ ଉଦ୍ୟାନ ବନ୍ଦ ରହିବ। ଯେଉଁମାନେ ଆଗୁଆ ବୁକିଂ କରିଥିଲେ, ସେମାନଙ୍କ ବୁକିଂକୁ ମଧ୍ୟ ବାତିଲ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଶିମିଳିପାଳ ଅଭୟାରଣ୍ୟ କ୍ଷେତ୍ର ନିର୍ଦ୍ଦେଶକ। ବାତ୍ୟା 'ଦାନା'କୁ ନେଇ ଏପରି ନିଷ୍ପତ୍ତି ନେଇଛି ପ୍ରଶାସନ। ବର୍ଷା ଋତୁ ପରେ ପରେ ଶିମିଳିପାଳ ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିଲା। ପ୍ରତିଦିନ ଶହଶହ ପର୍ଯ୍ୟଟକ ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନୋଭରି ଉପଭୋଗ କରୁଥିଲେ। ଏଥିସହ କଟେଜ୍‌ରେ ରାତି ଜାପନ କରୁଥିଲେ। ହେଲେ ଦାନା ପାଇଁ ଏବେ ଶିମିଳିପାଳକୁ ବନ୍ଦ କରାଯାଇଛି। ବାତ୍ୟା ଯୋଗୁ ପ୍ରବଳ ବର୍ଷା ହେବ ବୋଲି ଆଶା କରାଯାଉଥିବାରୁ ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି।

## ବାତ୍ୟା ପାଇଁ ପୁରୁଣା ସାମଗ୍ରୀ ବି ବିକ୍ରି ହୋଇଯାଉଛି

**ଭୁବନେଶ୍ୱର, ୨୨।୧୦:** ବାତ୍ୟା ଖବର ପ୍ରଚାରିତ ହେବାପରେ ଲୋକେ ଏବେ ଦୋକାନରୁ ଖାଦ୍ୟ ସାମଗ୍ରୀ ବୋହିବାରେ ଲାଗିଛନ୍ତି। ଚୂଡ଼ା, ଗୁଡ ଠାରୁ ଆରମ୍ଭକରି ଅନ୍ୟାନ୍ୟ ଶୁଖିଲାଖାଦ୍ୟ ଏପରିକି ମସଲା ଆଦି ନେଇ ଯାଉଛନ୍ତି। ପ୍ରତିଯୋଗିତା ଭିତରେ ଏହିସବୁ ସାମଗ୍ରୀ ଖରିଦ ହେଉଥିବାରୁ ଅନେକ ବ୍ୟବସାୟୀ ଦୋକାନରେ ମହଜୁଦ ଥିବା ପୁରୁଣା ସାମଗ୍ରୀକୁ ଏହି ମଉକାରେ ଖସାଇ ଦେଉଥିବା ଜଣାଯାଇଛି।

ବାତ୍ୟା ଦାନା ଓଡ଼ିଶା ମୁହାଁ ହେବାନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଲୋକେ ଏବେ ହାଟ ବଜାରରୁ ସାମଗ୍ରୀ ବୋହିବାରେ ଲାଗିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ସହିତ ଦୁଇ ତିନି ମାସ ପାଇଁ ଘରସଉଦା ବି ବୋହି ନେଉଛନ୍ତି। ଏଥିପାଇଁ ଦୋକାନରେ ଅସମ୍ଭବ ଭିଡ ଲାଗି ରହିଛି। ଅବସ୍ଥା ଏଭଳି ହୋଇଛି ଯେ ନେଉଥିବା ସାମଗ୍ରୀର ବ୍ୟବହାର ଅବଧି କେବେ ସରିବ ତାକୁ ପରଖିବାକୁ ଲୋକଙ୍କ ନିକଟରେ ସମୟ ନାହିଁ। ଦୋକାନୀକୁ ସିଧା ଚିଠା ଧରାଉଛନ୍ତି ଓ ବସ୍ତାରେ ସାମଗ୍ରୀ ଧରି ଧାଉଁଛନ୍ତି।

ଲୋକେ ସାଧାରଣତଃ ଦୋକାନରୁ ଚୁଡ଼ା, ଚିନି, ଗୁଡ, ବିସ୍କୁଟ, ସୁଜି, ଅଟା, ଲୁଣ, ଡାଲି ଆଦି ବୋହିବାରେ ଲାଗିଛନ୍ତି। ପ୍ରଶାସନ ଯେତେ ବୁଝାଇଲେ ବି ଲୋକେ ବୁଝିବାକୁ ନାରାଜ। ଜଣକୁ ଦେଖି ଅନ୍ୟଜଣେ ସାମଗ୍ରୀ ବୋହି ଚାଲିଥିବାବେଳେ ସେମାନେ ନେଉଥିବା ସାମଗ୍ରୀର ମାନ କ'ଣ ରହିଛି ତାହାକୁ ବି ପରଖୁ ନାହାନ୍ତି। ଏପରିକି ଘରକୁ ନେଉଥିବା ବିସ୍କୁଟ, ସୁଜି, ମସଲାଗୁଣ୍ଡ ଉପରେ ଲେଖାଥିବା ବ୍ୟବହାର ଅବଧିକୁ ମଧ୍ୟ ପଢୁ ନାହାନ୍ତି। ବ୍ୟବସାୟୀମାନଙ୍କ ପାଇଁ ବାତ୍ୟା ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରୁଥିବାରୁ ସେମାନେ ଗ୍ରାହକଙ୍କ ମୁହଁକୁ ବି ଅନାଉ ନାହାନ୍ତି। ବରାଦ ମୁତାବକ ସାମଗ୍ରୀ ଯୋଗାଣ କରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କିଛି ବ୍ୟବସାୟୀ ଅଧିକ ସାମଗ୍ରୀ ବିକ୍ରି ପାଇଁ ଲୋକଙ୍କୁ ବାତ୍ୟାର ଭୟ ଓ ସାମଗ୍ରୀ ସରିଯିବାର ଡର ଦେଖାଉଛନ୍ତି। ପ୍ରଶାସନର ସମସ୍ତ ପ୍ରକାର ବୁଝାସୁଝା ପରେ ବି ଲୋକେ ଘରକୁ ବୋହି ନେଇ ଯାଉଥିବା ଚୁଡ଼ା ଭଲ କି ପିତା ତାହାକୁ ଲୋକେ ପରଖୁ ନାହାନ୍ତି। ଅଟା ର ଅବସ୍ଥା ବି ସେଇଆ। ଏହି ଦୁଇ ସାମଗ୍ରୀ ବର୍ଷାଋତୁରେ କିଛିଦିନ ଗୋଦାମରେ ରହିଲେ ଖରାପ ହୋଇଥାଏ। ତେଣୁ ତାକୁ ପରଖିକି ଘରକୁ ନେବାକଥା। ଲୋକେ ତାହା କରୁନଥିବାବେଳେ ବେପାରୀମାନେ ବି ମଉକା ଦେଖି ପୁରୁଣା ସାମଗ୍ରୀ ବିକ୍ରିକରି ଦେଉଛନ୍ତି। ବାତ୍ୟା ପରେ ଆଉ ସାମଗ୍ରୀ ଫେରସ୍ତର ବ୍ୟବସ୍ଥା ନଥିବା କିଛି ବ୍ୟବସାୟୀ ରୋକଠୋକ୍ ଭାବେ ବୁଝାଇ ଦେଉଛନ୍ତି।

ତେବେ ହାଟ ଓ ବଜାରରେ ଲୋକେ ଏଭଳି ହାଉଜାଉ ହୋଇ ସାମଗ୍ରୀ କିଣୁଥିବାବେଳେ ଯୋଗାଣ ବିଭାଗ କିମ୍ବା ଖାଦ୍ୟ ସୁରକ୍ଷା ଅଧିକାରୀ କାହାରି ହେଲେ ଦେଖାଦର୍ଶନ ନାହିଁ। ମାପ ଓଜନ ବିଭାଗର ଅଧିକାରୀ ବି ଚଢଉ କରିବାର ଦେଖାଯାଉ ନାହିଁ। ଫଳରେ ବାତ୍ୟା ଏବେ ବ୍ୟବସାୟୀଙ୍କ ପାଇଁ ଧନ ବର୍ଷା କରିବାରେ ଲାଗିଥିବାବେଳେ ବର୍ଷା ଓ ବାତ୍ୟା ଆଶଙ୍କାରେ ଲୋକେ ଗୁଡିଏ ଅନାବଶ୍ୟକ ଓ ଖାଦ୍ୟ ଅନୁପଯୋଗୀ ସାମଗ୍ରୀ ଘରକୁ ବୋହି ନେଉଥିବା ଦେଖିବାକୁ ମିଳୁଛି। (ତଥ୍ୟ)



### ଜୀବନ ଅମୃତ ଅନୁଚିନ୍ତା

ଯୋଗୀ ପୁରୁଷ-କେବଳ ଯୋଗୀ ପୁରୁଷ
ହିଁ ପାର୍ଥିବ ଜଗତର ପୂର୍ଣ୍ଣତା ଭିତରେ ଥିବା
ଶୂନ୍ୟତାକୁ ଦେଖି ଐଶ୍ୱରିକ ଜଗତର ଶୂନ୍ୟତା
ଭିତରେ ଥିବା ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଅନ୍ତି।

SANCHAR
ସଂଚାର



# ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରା

ଜାତି ଓ ଧର୍ମକୁ ନେଇ ରାଜନୀତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। କିନ୍ତୁ ଏଠାରେ କିଛି ଲୋକ ନିଜକୁ ଧର୍ମନିରପେକ୍ଷ ବୋଲି ପ୍ରମାଣିତ କରିବାକୁ ସଂଖ୍ୟାଲଗୁ ତୁଷ୍ଟିକରଣରେ ମାତିଛନ୍ତି। ଆଉ କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ନେତା ସେମାନଙ୍କ ସମ୍ପ୍ରଦାୟରେ ଭୟ ଏବଂ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରି ସେଥିରୁ ଫାଇଦା ହାସଲ କରୁଛନ୍ତି। ସଂଖ୍ୟାଲଘୁଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କଲେ ସେମାନେ ନିଜର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବେ। ନିଜକୁ ସେମାନଙ୍କ ସୁରକ୍ଷାଦାତା ବୋଲି କହି ଏହି ନେତାମାନେ ଜୀବନ ସାରା କ୍ଷମତାର ଠିକାଦାର ପାଲଟିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ହେଲେ ହାଇଦ୍ରାବାଦ ସାଂସଦ ଅସାଦୁଦ୍ଦିନ ଓୱେସି। ତାଙ୍କ ଦଳର ନାମ ହେଲା ଏଆଇଏମଆଇଏମ। ଏହା ଏକ ଧର୍ମ ଭିତ୍ତିକ ଦଳ। ଅଥଚ ସେ ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରୁଛନ୍ତି। ଏବେ ସେ କହିଛନ୍ତି ଯେ, ଭାରତର ମୁସଲମାନମାନଙ୍କୁ ଅଛୁଆଁ ଭାବେ ବ୍ୟବହାର ପ୍ରଦର୍ଶନ କରାଯାଉଛି। ତାଙ୍କର ଏହି ମନ୍ତବ୍ୟ ନିନ୍ଦନୀୟ ଏବଂ ସମ୍ପୂର୍ଣ୍ଣ ଭୁଲ। ଜଣେ ଦାୟିତ୍ୱସମ୍ପନ୍ନ ସାଂସଦଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରାଯାଇପାରେନା। ଏଭଳି ଅନେକ ଉଦାହରଣ ରହିଛି। ସେହିଭଳି ଭାରତରୁ ଜାତିପ୍ରଥାର ବିଲୋପ ପାଇଁ ଦୀର୍ଘ ବର୍ଷରୁ ଉଦ୍ୟମ ହୋଇ ଆସୁଥିଲେ ମଧ୍ୟ ତାହା ଦିନକୁ ଦିନ ଉତ୍କଟ ହେଉଛି। କାରଣ ରାଜନୈତିକ ଦଳ ଏବଂ ନେତାମାନେ ଭୋଟ ବ୍ୟାଙ୍କ ପାଇଁ ଏହାକୁ ଉସୁକାଉଛନ୍ତି। ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗ ଏବେ ଭାରତୀୟ ରାଜନୀତିରେ ଏକ ବିତର୍କ ଏବଂ ବିବାଦର ବିଷୟ ହୋଇଛି। ଏହାକୁ ବିଜେପି ବିରୋଧ କରୁଥିବା ବେଳେ ବାକି ସବୁ ଦଳ ସମର୍ଥନ କରୁଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଓଡ଼ିଶାରେ ବିରୋଧୀ ଦଳମାନେ ମିଳିତ ହୋଇ ରାଜ୍ୟରେ ଜାତିଭିତ୍ତିକ ଜନଗଣନା ଏବଂ ଓବିସିଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ଦାବି କରିଛନ୍ତି। ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁଁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ରରୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ପ୍ରଥମେ ସମ୍ବିଧାନରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ହେଲା। ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଲାଗି ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା କରାଗଲା। କିନ୍ତୁ ବାବା ସାହେବ ଆମ୍ବେଦକର ଯେତେବେଳେ ଏହି ସଂରକ୍ଷଣ ବ୍ୟବସ୍ଥା କଲେ ସେତେବେଳେ ସେ ଭାବିନଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ସମାଜ ଲାଗି ଏକ ଅଭିଶାପରେ ପରିଣତ ହେବ। ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିବ ଏକଥା ସେ ଚିନ୍ତା କରିପାରିନଥିଲେ। କିନ୍ତୁ ଭାରତୀୟ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ନିମନ୍ତେ ଏହାର ଅବଧିକୁ ବଢ଼ାଇ ଚାଲିଛନ୍ତି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ମଧ୍ୟ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ ଏହାର ଉଲ୍ଲଘଂନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୧୯୯୦ରେ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଓବିସି ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହା ଦ୍ୱାରା ଭାରତରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଆହୁରି ଜଟିଳ ହୋଇଗଲା। ସାମାଜିକ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା। ଏବେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ ହେଉଛି। ବିହାର ସରକାର ଏଥିପାଇଁ ଜିତିଭିତ୍ତିକ ଜନଗଣନା କରିଛନ୍ତି। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ କରୁଛି ଏବଂ ସାରା ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରୁଛି। ଜାତି ଭିତ୍ତିରେ ଭାରତକୁ ଭାଗ ଭାଗ କରିବାକୁ ଏହା ପଥ ଉନ୍ମୁକ୍ତ କରିଦେବ ସଥିରେ ସନ୍ଦେହ ନାହିଁ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ଏକ ଜନସଭାରେ କହିଥିଲେ ଯେ, କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରାଇବ। କର୍ଣ୍ଣାଟକରେ କଂଗ୍ରେସ ସରକାର ଏଥିଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାହୁଲ ଯାହା କହିଛନ୍ତି ତାହା ବିସ୍ମୟଜନକ ଏବଂ ସମାଜ ପାଇଁ ବିପଜ୍ଜନକ। ସେ କହିଛନ୍ତି ଯେ, ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। କିନ୍ତୁ କେନ୍ଦ୍ରରେ ବିଭିନ୍ନ ବିଭାଗର ସଚିବ ପଦରେ ଥିବା ଆଇଏଏସଙ୍କ ମଧ୍ୟରୁ ମାତ୍ର ୩% ହେଉଛନ୍ତି ଓବିସି ବର୍ଗର। ତାଙ୍କ କହିବା କଥା ହେଲା ଯେଉଁ ବର୍ଗର ସଂଖ୍ୟା ଯେତିକି, ସେହି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସେତିକି ସ୍ଥାନ ସଂରକ୍ଷଣ ରହିବା ଉଚିତ। ଅଳ୍ପବିଦ୍ୟା ଭୟଙ୍କରୀ ଭଳି ରାହୁଲଙ୍କ ଏହି ମନ୍ତବ୍ୟ ଏବଂ ଚିନ୍ତାଧାରା ଭାରତୀୟ ସମାଜ ପାଇଁ ଏକ ଅଭିଶାପରେ ପରିଣତ ହେବ। ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଅଧ୍ୟାପକ, ବିଚାରପତି, ପ୍ରଶାସନିକ ଅଧିକାରୀ ଚୟନ ବେଳେ କେବଳ ଯୋଗ୍ୟତା ହିଁ ଚୟନର ମାପକାଠି ହେବା ଉଚିତ। ଜାତି ଭିତ୍ତିରେ ଯୋଗ୍ୟତା ନିର୍ଣ୍ଣୟ କଦାପି ଗ୍ରହଣୀୟ ନୁହେଁ। ଜଣେ ଉଚ୍ଚ ଜାତିର ପିଲା ଯୋଗ୍ୟତା ଥାଇ ମଧ୍ୟ ସିଭିଲ ସର୍ଭିସରୁ ବଞ୍ଚିତ ହେବ ଏବଂ ଜଣେ ଓବିସି ବର୍ଗର ଧନୀ ପିଲା ଅଧା ଯୋଗ୍ୟତା ଥାଇ ଆଇଏଏସ ଅଫିସର ହୋଇ ବସିବ ଏହା କଦାପି ନ୍ୟାୟ ସଙ୍ଗତ ନୁହେଁ। ଏହା ଭାରତୀୟ ସମାଜକୁ ଆହୁରି ପଙ୍କିଳ ଏବଂ ବିଭାଜିତ କରିବ। ଏହା ଦେଶରେ ଏକ ପ୍ରକାର ଗୃହ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିପାରେ। ସଂରକ୍ଷଣ ବ୍ୟବସ୍ଥା ସଭ୍ୟ ସମାଜ ପାଇଁ ଏକ କଳଙ୍କ। ଏହା ଆଦି ଅନନ୍ତକାଳ ପର୍ଯ୍ୟନ୍ତ ଚାଲିପାରିବ ନାହିଁ। ଏହି କଳଙ୍କକୁ ଯେତେ ଶୀଘ୍ର ବିଲୋପ କରାଯିବ ଦେଶ ପାଇଁ ତାହା ସେତେ ମଙ୍ଗଳକର ହେବ। କିନ୍ତୁ ରାହୁଲ ଏବଂ ତାଙ୍କ ସହଯୋଗୀମାନେ ଜାତିଭିତ୍ତିକ ଜନଗଣନା କରି ସମାଜକୁ ଅଧିକ ବିଷାକ୍ତ କରିବାକୁ ପ୍ରୟାସ କରୁଛନ୍ତି। ଏଥିରୁ ସେ ନିବୃତ୍ତ ରହିବା ଉଚିତ। ଆଜି ଯଦି ଦେଶରେ ଜାତି ଭିତ୍ତିକ ଜନଗଣନା ହୁଏ ଏବଂ ସଂରକ୍ଷଣ ବ୍ୟବସ୍ଥାକୁ ଆହୁରି ସମ୍ପ୍ରସାରିତ କରାଯାଏ ତେବେ ଏହାର ପ୍ରତିଫଳ ଦିନେ ନା ଦିନେ ଆମକୁ ଭୋଗିବାକୁ ପଡ଼ିବ। ଯଦି ଯୋଗ୍ୟ ବ୍ୟକ୍ତି ଭାରତରେ ନ୍ୟାୟ ପାଇପାରିବ ନାହିଁ ଏବଂ ଜାତି ଆଧାରରେ ଅଯୋଗ୍ୟ ବ୍ୟକ୍ତି ଉଚ୍ଚ ଆସନରେ ବସିବ ତେବେ ଯୋଗ୍ୟ ବ୍ୟକ୍ତି ଶେଷରେ ବିଦେଶ ଚାଲିଯିବାକୁ ବାଧ୍ୟ ହେବ।

## ସମ୍ପାଦକଙ୍କୁ ପତ୍ର

### କଳାବଜାରୀଙ୍କ ଶୋଷଣ

*ମହାଶୟ,*

ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକଙ୍କ ମଧ୍ୟ ଛନକା ପଶିଥିବା ବେଳେ ଏହାର ଫାଇଦା ଉଠାଇବାକୁ କିଛି ବ୍ୟବସାୟୀ, ଠିକାଦାର ବରାବର ଉଦ୍ୟମ ଜାରି ରଖିଛନ୍ତି। ଲୋକେ ଛାନିଆ ହୋଇ ବଜାରରୁ ଆବଶ୍ୟକତାଠାରୁ ଅଧିକ ପରିମାଣର ଆଳୁ, ପିଆଜ ଅନ୍ୟ ଖାଦ୍ୟ ସାମଗ୍ରୀ କିଣି ଘରେ ମହଜୁଦ ରଖୁଛନ୍ତି। ଏହା ଏକ ସାଧାରଣ ଲୋକ ଚରିତ୍ର। ସାଧାରଣ ଲୋକେ ସବୁ ବେଳେ ନିଜକୁ ସୁରକ୍ଷିତ ରଖିବାକୁ ପ୍ରାଥମିତା ଦିଅନ୍ତି। ଏହାର ଫାଇଦା ଉଠାଇ ବ୍ୟବସାୟୀମାନେ ଏସବୁ ସାମଗ୍ରୀର ଦର ବଢ଼ାଉଛନ୍ତି। ଯଦି ଲୋକେ ଚଢ଼ା ଦରରେ ଏସବୁ ସାମଗ୍ରୀ ନକିଣନ୍ତେ ତେବେ ବ୍ୟବସାୟୀମାନେ ଏହାର ଫାଇଦା ଉଠାଇବାକୁ ସୁଯୋଗ ପାଆନ୍ତେ ନାହିଁ। ତେଣୁ ସରକାର ଏଭଳି କଳାବଜାରକୁ ରୋକିବା ନିମନ୍ତେ ଚଢ଼ାଉ କରିବା ଉଚିତ।

**ପ୍ରଶାନ୍ତ କୁମାର ପଟ୍ଟନାୟକ, ବାଲିକୁଦା**

# ପିଲାମାନଙ୍କ ସୁରକ୍ଷା ପାଇଁ ରଙ୍ଗରୁ ସିସା ହଟାଇବା ଜରୁରୀ





୨୦୨୪ ଅକ୍ଟୋବର ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଦ୍ୱାଦଶ ଅନ୍ତର୍ଜାତୀୟ ସିସା ବିଷକ୍ରିୟା ନିବାରଣ ସପ୍ତାହ (ଆଇଏଲପିଡବ୍ଲ୍ୟୁ) ପାଳନ କରୁଛି। ଚଳିତ ବର୍ଷର ବିଷୟବସ୍ତୁ 'ବ୍ରାଇଟ୍ ଫ୍ୟୁଚର୍ସ ବିଗିନ୍ ଲିଡ୍-ଫ୍ରି'ରେ ରଙ୍ଗରେ ରେ ସିସାର ଉପସ୍ଥିତି ପରିବେଶ ଓ ମାନବ ସ୍ୱାସ୍ଥ୍ୟ ଏବଂ ବିଶେଷ କରି ପିଲାମାନଙ୍କ ଉପରେ ଥିବା ଗମ୍ଭୀର ବିପଦକୁ ପ୍ରତିଫଳିତ କରୁଛି।

ବିଶେଷ କରି ଶିଶୁ ଓ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ସିସା ନାମକ ଏକ ଶକ୍ତିଶାଳୀ ନ୍ୟୁରୋଟକ୍ସିନ୍ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ବିପଦ ଭାବେ ଦୀର୍ଘଦିନ ଧରି ସ୍ୱୀକୃତି ପାଇଛି। ସିସା ସଂସ୍ପର୍ଶରେ ଆସିବା ଦ୍ୱାରା ମସ୍ତିଷ୍କ ଏବଂ ସ୍ନାୟୁପ୍ରଣାଳୀର ଅପୂରଣୀୟ କ୍ଷତି ହୋଇପାରେ, ଯାହା ବୁଦ୍ଧିଗତ ଦୁର୍ବଳତା, ବିକାଶରେ ବିଳମ୍ବ ଏବଂ ଶିକ୍ଷଣ ଅକ୍ଷମତାର କାରଣ ହୋଇପାରେ। ଏହା ପିଲାଙ୍କ ବୌଦ୍ଧିକ ଦକ୍ଷତା, ଧ୍ୟାନ ଅବଧି ଏବଂ ଶୈକ୍ଷିକ ପ୍ରଦର୍ଶନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଆଗକୁ ସିସା ବ୍ୟବହର ଦେଶର ଅର୍ଥନୀତି ଉପରେ ଏକ ବଡ଼ ପ୍ରଭାବ ପକାଇପାରେ। ଏକ ଅଧ୍ୟୟନ ଅନୁଯାୟୀ, ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶମାନଙ୍କରେ ପିଲାଦିନର ସିସା ସଂସ୍ପର୍ଶରେ ଆସିବା ଯୋଗୁଁ ବାର୍ଷିକ ୯୭୭ ବିଲିୟନ ଡଲାର ଅର୍ଥନୈତିକ କ୍ଷତି ହୋଇଛି, ଯାହା କି ୨୦୧୧ରେ ବିଶ୍ୱ ଜିଡିପିର ୧.୨% ଥିଲା।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଅନୁଯାୟୀ, ସିସା ସଂସ୍ପର୍ଶରେ ଆସିବାର କୌଣସି ନିରାପଦ ସ୍ତର ନାହିଁ ଏବଂ ଏହାକୁ ପ୍ରାଥମିକ ଜନସ୍ୱାସ୍ଥ୍ୟର ଶ୍ରେଷ୍ଠ ଦଶଟି ରାସାୟନିକ ପଦାର୍ଥ ମଧ୍ୟରୁ ଅନ୍ୟତମ ବୋଲି ଶ୍ରେଣୀଭୁକ୍ତ କରାଯାଇଛି।

ଏହା ସିଧାସଳଖ ଓ ପ୍ରତ୍ୟକ୍ଷ ଭାବେ ମାନବ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବାରୁ ବିଭିନ୍ନ ଉତ୍ସରୁ ଲିଡ୍ ବାହାର କରିବା ପାଇଁ ବିଶ୍ୱସ୍ତର ଓ ଜାତୀୟ ସ୍ତରରେ ପ୍ରୟାସ ଚାଲିଛି। ପେଟ୍ରୋଲରୁ ସିସାର ପର୍ଯ୍ୟାୟକ୍ରମେ ବାହାରିବା ଉଲ୍ଲେଖନୀୟ ସଫଳତା ହାସଲ କରିଛି, କିନ୍ତୁ ରଙ୍ଗରେ ସିସା ବିଷାକ୍ତହେବାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଛି ଏବଂ ବିଶେଷ କରି ବିକାଶଶୀଳ ଏବଂ ସର୍ବନିମ୍ନ ବିକାଶଶୀଳ ଦେଶମାନଙ୍କରେ। ତଥାପି, ସିସା-ଆଧାରିତ ରଙ୍ଗ ପିଲାମାନଙ୍କଠାରେ ସିସା ବିଷକ୍ରିୟାର ଏକ ସାଧାରଣ ଉତ୍ସ ଅଟେ। ସେମାନେ ନିଜ ଘରର ସୁରକ୍ଷିତ ପରିସରରେ ଥାଇ ମଧ୍ୟ ସିସା କଣିକା ଶରୀରରେ ପ୍ରବେଶ କରାଇଥାନ୍ତି। ସିସା ରଙ୍ଗ ଖରାପ ହେଲେ ଅଧିକ କ୍ଷତିକାରକ ହୋଇଥାଏ, ଧୂଳି ଏବଂ ଫ୍ଲେକ୍ସ ଛାଡିଥାଏ ଯାହା କି ପରିବେଶକୁ ଦୂଷିତ କରିଥାଏ ଏବଂ ମାନବ ସ୍ୱାସ୍ଥ୍ୟ, ବିଶେଷକରି ପିଲାମାନଙ୍କ ପାଇଁ ସିଧାସଳଖ ବିପଦ ସୃଷ୍ଟି କରିଥାଏ। ଅନେକ ଦେଶ ରଙ୍ଗରେ ସିସାର ବ୍ୟବହାରକୁ ନିୟନ୍ତ୍ରଣ କିମ୍ବା ନିଷିଦ୍ଧ କରିବା ପାଇଁ ନିୟମ ପ୍ରଣୟନ କରିଛନ୍ତି, କିନ୍ତୁ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶମାନଙ୍କରେ ଏହା ଏକ ସମସ୍ୟା ସୃଷ୍ଟି କରିଛି ଯେଉଁଠାରେ ଏହି ନିୟମ ଅନୁପସ୍ଥିତ କିମ୍ବା ଖରାପ ଭାବରେ କାର୍ଯ୍ୟକାରୀ କରାଯାଏ। ବିନା ବାଧ୍ୟତାମୂଳକ ଆଇନଗତ ସୀମାରେ ୧୦୦ରୁ ଅଧିକ ଦେଶରେ ସିସା ପେଣ୍ଟର ନିରନ୍ତର ବିକ୍ରୟ ଏବଂ ବ୍ୟବହାର ବିପଦକୁ ଆହୁରି ବଢ଼ାଇ ଦେଇଛି। ଭାରତ ଏକ ନିୟନ୍ତ୍ରଣ ମାଧ୍ୟମରେ ଘରୋଇ ଏବଂ ସାଜସଜ୍ଜା ରଙ୍ଗରେ ୯୦ ପିପିଏମ ପର୍ଯ୍ୟନ୍ତ ସିସାର ବ୍ୟବହାରକୁ ସୀମିତ କରିଛି, କିନ୍ତୁ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପରେ ନିୟମ କାର୍ଯ୍ୟକାରୀ କରିବାରେ ଆହ୍ୱାନ ଜାରି ରହିଛି।

ଡବ୍ଲ୍ୟୁଏଚ୍ଓ ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ଦ୍ୱାରା ୨୦୦୯ରେ ଗଠିତ ଗ୍ଲୋବାଲ ଆଲାଏନ୍ସ ଟୁ ଏଲିମିନେଟ ଲିଡ୍ ପେଣ୍ଟ୨୦୨୫ ସୁଦ୍ଧା ସମଗ୍ର ବିଶ୍ୱରେ ଚିତ୍ରରୁ ସିସା ହଟାଇବାକୁ ଲକ୍ଷ୍ୟ ରଖିଛି। କିନ୍ତୁ, ବିକାଶର ବର୍ତ୍ତମାନର ଗତିକୁ ଦୃଷ୍ଟିରେ ରଖି, ଯଦି ଆନ୍ଦୋଳନକୁ ତ୍ୱରାନ୍ୱିତ କରାନଯାଏ ତେବେ ଏହା ହାସଲ ହୋଇପାରିବ ନାହିଁ ବୋଲି ମନେହୁଏ। ଚଳିତ ବର୍ଷର ବିଷୟବସ୍ତୁ "ଉଜ୍ଜ୍ୱଳ ଭବିଷ୍ୟତ ସିସା ମୁକ୍ତ ଆରମ୍ଭ କରେ", ବୋଧହୁଏ ରଙ୍ଗରୁ ସିସାକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ଏକ କ୍ରିୟାଭିତ୍ତିକ ଉପାୟ ଭାବରେ ଉତ୍ସାହିତ କରାଯାଇପାରେ। ଆଉ ମାତ୍ର ଗୋଟିଏ ବର୍ଷ ବାକି ଅଛି, ତେଣୁ ସରକାର, ଶିଳ୍ପ ଓ ନାଗରିକ ସମାଜ ସମେତ ସମସ୍ତ ଅଂଶୀଦାର ମାନେ ଏହି ବିଶ୍ୱସ୍ତରୀୟ ପ୍ରୟାସରେ ହାତ ମିଳାଇ ରଙ୍ଗରୁ ସିସାକୁ ହଟାଇ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବା ଉଚିତ।

**ଟକ୍ସିକ୍ ଲିଙ୍କ୍**

**ଏହା ସିଧାସଳଖ ଓ ପ୍ରତ୍ୟକ୍ଷ ଭାବେ ମାନବ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବାରୁ ବିଭିନ୍ନ ଉତ୍ସରୁ ଲିଡ୍ ବାହାର କରିବା ପାଇଁ ବିଶ୍ୱସ୍ତର ଓ ଜାତୀୟ ସ୍ତରରେ ପ୍ରୟାସ ଚାଲିଛି। ପେଟ୍ରୋଲରୁ ସିସାର ପର୍ଯ୍ୟାୟକ୍ରମେ ବାହାରିବା ଉଲ୍ଲେଖନୀୟ ସଫଳତା ହାସଲ କରିଛି, କିନ୍ତୁ ରଙ୍ଗରେ ସିସା ବିଷାକ୍ତହେବାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଛି ଏବଂ ବିଶେଷ କରି ବିକାଶଶୀଳ ଏବଂ ସର୍ବନିମ୍ନ ବିକାଶଶୀଳ ଦେଶମାନଙ୍କରେ। ତଥାପି, ସିସା-ଆଧାରିତ ରଙ୍ଗ ପିଲାମାନଙ୍କଠାରେ ସିସା ବିଷକ୍ରିୟାର ଏକ ସାଧାରଣ ଉତ୍ସ ଅଟେ। ସେମାନେ ନିଜ ଘରର ସୁରକ୍ଷିତ ପରିସରରେ ଥାଇ ମଧ୍ୟ ସିସା କଣିକା ଶରୀରରେ ପ୍ରବେଶ କରାଇଥାନ୍ତି।**

# ସ୍ୱାସ୍ଥ୍ୟ ଖାତାରେ କମ ବ୍ୟୟ ବରାଦ



**ସୁବାସ ଷଡଙ୍ଗୀ**

ନିକଟରେ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାର୍ଷିକ ବ୍ୟୟ ଅଟକଳ ବା ବଜେଟ ଆଗତ ହୋଇଛି। ଏମିତି ଦେଖିବାକୁ ଗଲେ ଏହା ଏକ ଗତାନୁଗତିକ ପ୍ରକ୍ରିୟା। ଏଣୁ ଆଜିକାଲି ଆଉ ବଜେଟ ନେଇ ବିଶେଷ ଆଲୋଚନା ହେଉ ନାହିଁ। କେଉଁ ଖାତାରେ କେତେ ବ୍ୟୟ ବରାଦ ହେବ ତାହା ଆଗରୁ ଜଣାପଡ଼ିଯାଉଛି।ତେବେ କେନ୍ଦ୍ର ବଜେଟକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ବିଜେପି ଏବଂ ଏହାର ସମର୍ଥକ ଦଳ ଏହାକୁ ଭଲ ବଜେଟ ବୋଲି କହୁଥିବା ବେଳେ ବିରୋଧୀ ଲୋକମାନେ ଏହାକୁ ଗତାନୁଗତିକ ବଜେଟ ବୋଲି କହୁଛନ୍ତି। ଏ ହେଉଛି ରାଜନୀତିର ବିଷୟ। ଆମେ ତା ଭିତରକୁ ଯିବାକୁ ଚାହୁଁନା। ତେବେ ବଜେଟର ଏକ ମୁଖ୍ୟ ବିଷୟ ହେଲା ସ୍ୱାସ୍ଥ୍ୟ ଓ ପୁଷ୍ଟି। କାରଣ, ଏଦୁଇଟି ବିଷୟ ସହିତ ସାଧାରଣ ଲୋକ ଜଡିତ।

କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏ କଥା କେବଳ ବ୍ୟକ୍ତି ନୁହେଁ, ଦେଶକ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ଏଣୁ ଉନ୍ନୟନ ସୂଚକରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଏକ ସ୍ୱତନ୍ତ୍ର ସ୍ଥାନ ପାଇ ଆସୁଛି। କିନ୍ତୁ କେନ୍ଦ୍ର ସରକାର ସବୁ ବର୍ଷ ଭଳି ଏଇ ବିଭାଗ ପ୍ରତି ଅବହେଳା ଦେଖାଇଛନ୍ତି। ସ୍ୱାସ୍ଥ୍ୟ ଖାତାରେ ଯେଉଁ ବଜେଟ ପରିମାଣ ବଢ଼ିଛି ବୋଲି କୁହାଯାଇଛି, ତାହା କିଛି ନୁହେଁ। ମୂଲ୍ୟ ସ୍ଫୀତି ସହିତ ତୁଳନା କଲେ, ଏହା କିଛି ନୁହେଁ ବୋଲି ମନେ କରିବାକୁ ହେବ। ଗତ ବଜେଟ ତୁଳନାରେ ବୃଦ୍ଧିହାର ହେଉଛି ମାତ୍ର ୧.୭ ଶତାଂଶ। ମୂଲ୍ୟସ୍ଫୀତିକୁ ତୁଳନା କଲେ ଏହା କିଛି ନୁହେଁ। ଏମିତି ଅର୍ଥନୈତିକ ଦୃଷ୍ଟିରୁ ଦେଖିଲେ ଜଣାଯିବ ଯେ ସ୍ୱାସ୍ଥ୍ୟ ଖାତାରେ ବଜେଟର ପରିମାଣ ଏକ ଶତାଂଶ କମିଛି। ଆମ ଦେଶରେ ଜାତୀୟ ସ୍ୱାସ୍ଥ୍ୟନୀତି ଘୋଷିତ ହେଲା ୨୦୧୭ ମସିହାରେ। ସେତେବେଳେ ଏକ କମିଟି ସୁପାରିସ କରିଥିଲା ଜିଡିପିର ଅଢେଇ ଶତାଂଶ ସ୍ୱାସ୍ଥ୍ୟ ପାଇଁ ବରାଦ କରାଯାଉ। କିନ୍ତୁ ବାର୍ଷିକ ଆର୍ଥିକ ସମୀକ୍ଷା ଗୁଡିକରୁ ଜଣାପଡିଛି ଯେ କୌଣସି ବର୍ଷ ସ୍ୱାସ୍ଥ୍ୟ ପାଇଁ ଦୁଇ ଶତାଂଶରୁ ଅଧିକ ବ୍ୟୟ ବରାଦ ହୋଇ ନାହିଁ। ଏଥିରେ ପୁଣି ରହିଛି ପାନୀୟ ଜଳ ଓ ପାଇଖାନା ତିଆରିର ବଜେଟ। ଚଳିତ ବର୍ଷର ସ୍ୱାସ୍ଥ୍ୟ ବଜେଟ ହେଉଛି, ୮୭୬୫୬ କୋଟି ଟଙ୍କା। ଏଣୁ ଯଦି ଏଇ ଧାରା ଅବ୍ୟାହତ ରହେ. ତେବେ ୨୦୨୫ ମସିହା ସୁଧା ସ୍ୱାସ୍ଥ୍ୟ ବଜେଟ ଅଢେଇ ଶତାଂଶ ହୋଇ ପାରିବ ନାହିଁ। ସ୍ୱାସ୍ଥ୍ୟ ଖାତାରେ ବଜେଟ ପରିମାଣ ଯେତେ କମିବ, ସାଧାରଣ ଲୋକଙ୍କ ଉପରେ ଚିକିତ୍ସା ଖର୍ଚ୍ଚ ସେତେ ଅଧିକ ହେବ। କାରଣ ରୋଗ ହେବ ହିଁ ହେବ। ଗରିବ ଲୋକ ସରକାରୀ ହସପିଟାଲରେ ସବୁ ରୋଗର ଉପଶମ ବ୍ୟବସ୍ଥା ପାଇ ପାରିବ ନାହିଁ। ଏଣୁ ଘରୋଇ ହସପିଟାଲ ଉପରେ ତାକୁ ନିର୍ଭର କରିବାକୁ ହେବ। ବିଶ୍ୱର ବିଭିନ୍ନ ଦେଶରେ ସାଧାରଣ ଲୋକଙ୍କ ହସପିଟାଲ ଖର୍ଚ୍ଚ ସରକାର ବହନ କରନ୍ତି। ଏମିତି ଦେଖିବାକୁ ଗଲେ ଉନ୍ନୟନଶୀଳ ଦେଶଗୁଡିକ ତୁଳନାରେ ଘରୋଇ ହସପିଟାଲରେ ଚିକିତ୍ସା ଖର୍ଚ୍ଚ ଅଧିକ। ନୀତି ଆୟୋଗର ଏକ ସମୀକ୍ଷାରୁ ଜଣାଯାଇଛି





**ଅର୍ଥମନ୍ତ୍ରୀ ଚଳିତ ବର୍ଷ ବଜେଟରେ ତିନୋଟି କ୍ୟାନସର ଔଷଧକୁ ଟିକସମୁକ୍ତ କରିଛନ୍ତି। କିନ୍ତୁ କେବଳ ଔଷଧର ଦାମ କମ କରିଦେଲେ ସାଧାରଣ ଲୋକ ଉପକୃତ ହେବେ, ଏପରି ଭାବିବା ଭୁଲ। ସରକାରୀ ହସପିଟାଲ ଗୁଡିକରେ ଭିତିଭୂମିର ବିକାଶ କରିବାକୁ ହେବ। ସରକାରୀ ହସପିଟାଲ ଗୁଡିକରେ ଦକ୍ଷ ଓ ପ୍ରଶିକ୍ଷିତ ସ୍ୱାସ୍ଥ କର୍ମୀ ନିଯୁକ୍ତି ଦେବାକୁ ହେବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରଶିକ୍ଷଣ ପାଇଁ ଗତ ବର୍ଷ ଛଅ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା।**

ଭାରତରେ ପ୍ରତିବର୍ଷ ପ୍ରାୟ ଦଶ କୋଟି ଲୋକ ନିଜର ଓ ପରିବାରର ଚିକିତ୍ସା ଖର୍ଚ୍ଚ ବହନ କରିବା ଫଳରେ ଗରିବ ହୋଇଯାଆନ୍ତି। ଆମ ଦେଶରେ ୪୭ ଶତାଂଶ ଲୋକ ନିଜର ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଅକ୍ଷମ। ଏହାକୁ ସେମାନଙ୍କର ଆର୍ଥିକ ବିପର୍ଯ୍ୟୟ ବୋଲି କୁହାଯାଇପାରେ।

ଅର୍ଥମନ୍ତ୍ରୀ ଚଳିତ ବର୍ଷ ବଜେଟରେ ତିନୋଟି କ୍ୟାନସର ଔଷଧକୁ ଟିକସମୁକ୍ତ କରିଛନ୍ତି। କିନ୍ତୁ କେବଳ ଔଷଧର ଦାମ କମ କରିଦେଲେ ସାଧାରଣ ଲୋକ ଉପକୃତ ହେବେ, ଏପରି ଭାବିବା ଭୁଲ। ସରକାରୀ ହସପିଟାଲ ଗୁଡିକରେ ଭିତିଭୂମିର ବିକାଶ କରିବାକୁ ହେବ। ସରକାରୀ ହସପିଟାଲ ଗୁଡିକରେ ଦକ୍ଷ ଓ ପ୍ରଶିକ୍ଷିତ ସ୍ୱାସ୍ଥ କର୍ମୀ ନିଯୁକ୍ତି ଦେବାକୁ ହେବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରଶିକ୍ଷଣ ପାଇଁ ଗତ ବର୍ଷ ଛଅ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିରେ ଜିଲ୍ଲା ହସପିଟାଲଗୁଡିକୁ ମେଡିକାଲ କଲେଜରେ ପରିଣତ କରିବା, ମେଡିକାଲ କଲେଜରେ ସିଟ ବଢେଇବା, ନର୍ସିଙ୍ଗ କଲେଜ ସ୍ଥାପନ କରିବା ଓ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା ହୋଇଥିଲା। କିନ୍ତୁ ଗତ ବର୍ଷ ଏଇ ବରାଦ ଅର୍ଥର ପୁରା ବିନିଯୋଗ ହୋଇ ପାରି ନଥିଲା। ଏରୁ ଏତରକ ଏହାର ପରିମାଣ କମ କରାଯାଇ ମାତ୍ର ୧୨୦୦ କୋଟିରେ ସୀମିତ ରଖାଯାଇଛି। ଯାହାଫଳରେ ମେଡିକାଲ ଶିକ୍ଷାର ଭିତିଭୂମି ଉନ୍ନୟନ କାର୍ଯ୍ୟ ବାଧା ପ୍ରାପ୍ତ ହେବ। ଜଟିଳ ରୋଗ ପାଇର୍ ଗରିବ ଲୋକ ଘରୋଇ ହସପିଟାଲ ଉପରେ ନିର୍ଭର କରିବେ।

ଆମ ଦେଶରେ ପିଲାମାନଙ୍କର ପୁଷ୍ଟି କାର୍ଯ୍ୟକ୍ରମ ବିଶେଷ ମହତ୍ୱ ରଖେ। ଅଙ୍ଗନବାଡି ଏବଂ ପୋଷଣ-୨ କାର୍ଯ୍ରକ୍ରମ ମାଧ୍ୟମରେ ଏଇ ଦୁଇ ଯୋଜନା କାର୍ଯ୍ୟକାରି କରାଯାଉଛି। ଗତବର୍ଷ ଏଥିପାଇଁ ବ୍ୟୟବରାଦ ହୋଇଥିଲା ୨୦୫୫୪ କୋଟି ଟଙ୍କା। କିନ୍ତୁ ବାସ୍ତବରେ ଏହାଠାରୁ କିନ୍ତୁ ଅଧିକ ଖର୍ଚ୍ଚ ହୋଇଥିଲା ୯୬୯ କୋଟି ଟଙ୍କା। କିନ୍ତୁ ଚଳିତ ବର୍ଷ ଏହି ବଜେଟର ପରିମାଣ ବଢ଼ାଯାଇଛି ମାତ୍ର ୬୪୬ କୋଟିଟଙ୍କା। ଆମ ଦେଶର ଶତକଡା ୪୦ ଭାଗ ଶିଶୁ ପୁଷ୍ଟିହୀନତାର ଶିକାର। ଯଦି ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦିଆଯାଏ ପରବର୍ତ୍ତୀ ସମୟରେ ଏହା ରୋଗର କାରଣ ହେବ। ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ହେବ।

ଆଉ ଏକ ସମସ୍ୟା ହେଲା ମାନସିକ ରୋଗ। ଏଇ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଣ ଯାହା ହେଉନା କାହିଁକି, ଯଦି ଠିକ ଭାବରେ ଏହାକୁ ଦେଖା ନଯାଏ, ତେବେ ଏଇ ସମସ୍ୟା ଉତ୍କଟ ଆକାର ଧାରଣ କରିବ। ସେଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ରଭାବରେ ଏହାକୁ ଗୁରୁତ୍ୱ ଦିଆଯାଇଥିଲା ବେଳେ ଚଳିତ ବର୍ଷ ମଧ୍ୟ ଏହାର ଆକାରକୁ କମ କରି ଦିଆଯାଇଛି।

ସମସ୍ତଙ୍କୁ ମାଗଣାରେ ହସପିଟାଲରେ ଚିକିତ୍ସା ସୁବିଧା ମିଳିବା ଦରକାର। ସରକାରୀ ହସପିଟାଲ ଗୁଡିକରେ ଅଭିଜ୍ଞ ଡାକ୍ତର ପାରାମେଡିକାଲ କର୍ମଚାରୀ ନିହାତି ଦରକାର। ତା ନହେଲେ, କେବଳ ରୋଗଗ୍ରସ୍ତ ସମାଜ ସୃଷ୍ଟି ହେବ ସିନା, ସୁସ୍ଥ ସମାଜ ଗଠିତ ହୋଇ ପାରିବ ନାହିଁ।

**ମୋବାଇଲ୍: ୯୪୩୯୬୫୨୩୨୨**

# ନିରବତା ଅନେକ କଥା କୁହେ



**ଦିପ୍ତିମୟୀ ନାୟକ**

ଯେତେବେଳେ ଜଣେ ମଣିଷ ନିଜ ମନର କଥାକୁ ଅନ୍ୟ ଜଣକ ଆଗରେ ଖୋଲିକି କୁହେ। ଅନ୍ୟ ଜଣକ ଯଦି ଚୁପ ରୁହେ ତେବେ ସେଇଠୁ ବୁଝିଯିବା ଉଚିତ ଯେ ଏ ମଣିଷ ଆମ ସହ କିଛି କଥା ହେବାକୁ ଚାହୁଁନି କିମ୍ବା ଏ ମଣିଷ ଅନ୍ୟ ଜଣକ ଭାବନାକୁ କେବେ ବୁଝେନି। ଯେଉଁଠି ଯେଉଁ ମଣିଷର ଭାବନାକୁ ଅନ୍ୟ ଜଣେ ମଣିଷ ବୁଝେନି ସେଠି ଅନ୍ୟ ଜଣକ କଥା ଅଧା ଅଧୁରା ରହିବା ସ୍ୱାଭାବିକ କଥା। ହେଲେ ବେଳେବେଳେ ମନ କହୁଥାଏ ଏମାନେ ଆଗରୁ ଆମର ପ୍ରତ୍ୟେକଟି କଥାକୁ ଶୁଣୁଥିଲେ କିନ୍ତୁ ଏବେ କାହିଁକି ଏମାନେ ଆମ କଥା ଶୁଣିବାକୁ ଟିକେ ଧ୍ୟାନ ଦେଉନାହାନ୍ତି। ଆଉ ବେଳେବେଳେ ଆଖିରେ ଆଖିଏ ଲୁହ ମଧ୍ୟ ଚାଲିଆସେ। କେବଳ ଏଥିପାଇଁ ଯେ ଏମାନେ ଯାହାକୁ ବିଶ୍ୱାସ କରିଥାନ୍ତି। ନିଜର ସୁଖ ଦୁଃଖ କଥା ବାଣ୍ଟି ଥାଆନ୍ତି ଆଉ ଏମାନେ ଯେତେବେଳେ ହଠାତ ପରିବର୍ତ୍ତନ ହୋଇଯାଆନ୍ତି। କିଛି କହିବାକୁ ଚାହିଁଲେ ବିରକ୍ତ ହେବାକୁ ଲାଗନ୍ତି ସେତେବେଳେ କେବଳ ଗୋଟିଏ କଥା ମନକୁ ଆସିଯାଏ। କେହିଜଣେ ସତ କହିଥିଲେ ସମ୍ପର୍କ ବିଶ୍ୱାସରୁ ଆରମ୍ଭ ହୋଇ ପ୍ରତାରଣାରେ ଶେଷ ହୋଇଥାଏ। ଯଦି ପ୍ରତାରଣା କରିବାର ଥିଲା ତେବେ ଏ ସମ୍ପର୍କ କାହିଁକି ଯୋଡ଼ା ହେଉଥିଲା।

ଆଜିର ସମାଜରେ ଅନେକ ସମ୍ପର୍କ ବିନା କାରଣରେ ଭାଙ୍ଗିଯାଉଛି। କେତେବେଳେ ପ୍ରେମ ଆଉ କେତେବେଳେ ବନ୍ଧୁତା ପୁଣି କେତେବେଳେ ସମ୍ପର୍କୀୟମାନଙ୍କର ସେହି ପୁରୁଣା ସମ୍ପର୍କ। ତେବେ ଏହି ସମ୍ପର୍କ ଗୁଡିକ ଭାଙ୍ଗିବାର ପ୍ରମୁଖ କାରଣ କଣ ହୋଇପାରେ। କୌଣସି ସମ୍ପର୍କ ବିନା କାରଣରେ ଭାଙ୍ଗିଯାଏନି। ଯଦି କୌଣସି ସମ୍ପର୍କ ଭାଙ୍ଗୁଛି ତେବେ ଏହାର ମଧ୍ୟ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବ। ସେହି କାରଣଟି ହେଲା ଆଜିର ସମାଜର କିଛି ଲୋକ ସ୍ୱାର୍ଥବାଦୀ ଅଟନ୍ତି। ଯେଉଁମାନେ ନିଜ ସୁବିଧା ଦେଖି ଭାବ ଲାଗଇଥାଆନ୍ତି। ସ୍ୱାର୍ଥ ସରିଲେ ମଣିଷକୁ ପଶୁଠାରୁ ହୀନ ଦୃଷ୍ଟିରେ ଦେଖିଥାନ୍ତି। ପ୍ରତ୍ୟେକ ଲୋକଙ୍କ ମନର ଭାବନା ଅଛି ଆଉ ଯେଉଁମାନେ ମଣିଷ ହୋଇ ମଣିଷ ଭାବନାକୁ ବୁଝି ପାରନ୍ତିନି ସେମାନେ ଅମଣିଷ ହୋଇଥାନ୍ତି।

**ଆଜିର ସମାଜରେ ଅନେକ ସମ୍ପର୍କ ବିନା କାରଣରେ ଭାଙ୍ଗିଯାଉଛି। କେତେବେଳେ ପ୍ରେମ ଆଉ କେତେବେଳେ ବନ୍ଧୁତା ପୁଣି କେତେବେଳେ ସମ୍ପର୍କୀୟମାନଙ୍କର ସେହି ପୁରୁଣା ସମ୍ପର୍କ। ତେବେ ଏହି ସମ୍ପର୍କ ଗୁଡିକ ଭାଙ୍ଗିବାର ପ୍ରମୁଖ କାରଣ କଣ ହୋଇପାରେ। କୌଣସି ସମ୍ପର୍କ ବିନା କାରଣରେ ଭାଙ୍ଗିଯାଏନି। ଯଦି କୌଣସି ସମ୍ପର୍କ ଭାଙ୍ଗୁଛି ତେବେ ଏହାର ମଧ୍ୟ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବ। ସେହି କାରଣଟି ହେଲା ଆଜିର ସମାଜର କିଛି ଲୋକ ସ୍ୱାର୍ଥବାଦୀ ଅଟନ୍ତି।**



ଆଜିକାଲି ଲୋକ ବହୁତ ଚତୁର। ଅର୍ଥ, ସମ୍ପତ୍ତି, କୋଠାଘର, ଗାଡି, ଚାକିରୀ, ନିଜ ସୁବିଧା ଦେଖି ଭାବ ଲଗାନ୍ତି। ଯେମିତି ଏମାନେ ମଣିଷକୁ ନୁହେଁ ଅର୍ଥ, ସମ୍ପତ୍ତି, କୋଠାଘର, ଗାଡି, ଚାକିରୀ, ନିଜ ସୁବିଧା ଦେଖି ଭାବ କରିଛନ୍ତି। କିଛି ସମ୍ପର୍କୀୟ ମଧ୍ୟ ଧନ ଥିଲା ବାଲାଙ୍କୁ ପଚାରୁଛନ୍ତି ଧନ ନଥିଲା ବାଲାଙ୍କୁ ଦୂରେଇ ଦେଉଛନ୍ତି। ହେଲେ ସେମାନେ ଭୁଲି ଯାଉଛନ୍ତି ଯେଉଁଠି ଆତ୍ମୀୟତା ନଥାଏ ସେଠି ବିଶ୍ୱାସ ନଥାଏ। ଆଉ ଯେଉଁଠି ଆତ୍ମୀୟତା ଥାଏ ସେଠି ବିଶ୍ୱାସ ରହିଥାଏ। ମିଛ ସମ୍ପର୍କ କେବଳ ଅଢେଇ ଦିନ ପାଇଁ ଗଢ଼ା ହୋଇଥାଏ କିନ୍ତୁ ଏ ମଣିଷ ନିଜ ସ୍ୱାର୍ଥ ପାଇଁ ସମ୍ପର୍କର ଭିନ୍ନ ଏକ ରୂପ ଦେଉଥାଏ। ଯେଉଁ ରୂପରେ ଥାଏ କେବଳ ଛଳନା, ଭଲପାଇବା ବଦଳରେ ପ୍ରତାରଣା। ତେଣୁ ଜୀବନରେ ସେମାନଙ୍କୁ ଗୁରୁତ୍ୱ ଦିଅ ଯେଉଁମାନେ ତୁମକୁ ଗୁରୁତ୍ୱ ଦେଉଛନ୍ତି। ତୁମ ନୀରବ ମନକୁ ପଢିପାରୁଛନ୍ତି ଏବଂ ବିନା ସ୍ୱାର୍ଥରେ ତମକୁ ଭଲପାଉଛନ୍ତି ସେହିମାନେ ହିଁ କେବଳ ତୁମକୁ ବୁଝୁଛନ୍ତି। ଆଉ ଯେଉଁମାନେ ଅଢେଇ ଦିନ ପାଇଁ ତୁମକୁ ବୁଝନ୍ତି କିମ୍ବା ବୁଝାନ୍ତି ସେମାନେ କେବଳ ସ୍ୱାର୍ଥ ରଖି ତୁମ ସହ ଭାବ ଲଗାନ୍ତି। ତାପରେ ଏହି ନୀରବତାପଣକୁ ତମ ରୋଗର କାରଣ କରିଦିଅନ୍ତି।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍: ୯୦୯୦୬୬୧୫୮୬**

### ସମାଧାନ ହେବ ଭାରତ-ଚୀନ ବିବାଦ

# ସୀମା ବିବାଦ ନେଇ ବୁଝାମଣାକୁ ଚୀନ ସ୍ୱୀକାର କଲା



**ବେଜିଂ, ୨୨।୧୦:** ପୂର୍ବ ଲଦାଖରେ ଦୁଇ ଦେଶର ସୈନ୍ୟବାହିନୀ ମଧ୍ୟରେ ବିବାଦକୁ ଶେଷ କରିବା ପାଇଁ ଭାରତ ସହ ଚୁକ୍ତି ହୋଇଛି। ଏପରି କହିଛନ୍ତି ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ଲିନ୍ ଜିଆନ। ସେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସ୍ପଷ୍ଟ କରିଛନ୍ତି। ଗତକାଲି ଭାରତ ସରକାରଙ୍କ ପକ୍ଷରୁ ଚୀନ ସହ ଆଲୋଚନା ସଫଳ ହୋଇଥିବା କୁହାଯାଇଥିଲା। ଆଜି ଚୀନ୍ ଏନେଇ ସ୍ପଷ୍ଟ କରିଛି। ଚୀନ୍ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର କହିଛନ୍ତି, ଦୁଇ ଦେଶ ମଧ୍ୟରେ ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଏଥିସହ ପୂର୍ବ ଲଦାଖରେ ଥିବା ବିବାଦର ଅନ୍ତ ଘଟାଇବା ପାଇଁ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଛି। ଏଥିପାଇଁ ବେଜିଂ, ନୂଆଦିଲ୍ଲୀ ସହ ମିଶି କାର୍ଯ୍ୟ କରିବ। ଏହି ବିବାଦର ସମାଧାନ ପାଇଁ କିଛି ଦିନ ଧରି ଭାରତ ଏବଂ ଚୀନ୍ କୂଟନୈତିକ ଏବଂ ସାମରିକ ମାଧ୍ୟମରେ ଘନିଷ୍ଠ ଯୋଗାଯୋଗରେ ଅଛନ୍ତି ବୋଲି ଲିନ୍ ଜିଆନ କହିଛନ୍ତି। ତେବେ ଚୀନ୍ ପକ୍ଷରୁ ଏପରି ସ୍ପଷ୍ଟୀକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୁଷ ଗସ୍ତ ସମୟରେ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ରୁଷ ଗସ୍ତ କରିଛନ୍ତି। ଏହି ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଯୋଗଦେବେ। ଏହି ଅବସରରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇପାରେ।

# ପୁଣି ୩୦ ବିମାନକୁ ବୋମା ଧମକ

**ନୂଆଦିଲ୍ଲୀ, ୨୨।୧୦:** ଲଗାତାର ଭାବେ ଭାରତୀୟ ବିମାନଗୁଡ଼ିକୁ ମିଳିଚାଲିଛି ବୋମା ଥିବା ନେଇ ମିଛ କଲ୍। ଏହାକୁ ନେଇ ବିମାନ କମ୍ପାନୀ କୋଟି କୋଟି ଟଙ୍କା କ୍ଷତିରେ ପଡୁଥିବାବେଳେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଚିନ୍ତା ବଢ଼ିଛି। ଏପରି ଅପରାଧକୁ ରୋକିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଚାଲି ଥିବାବେଳେ ପୁଣି ୩୦ଟି ବିମାନକୁ ବୋମା ଧମକ ମିଳିଛି। ଆଜି ଇଣ୍ଡିଗୋ, ଭିସ୍ତାରା ଏବଂ ଏୟାର ଇଣ୍ଡିଆ ବିମାନକୁ ବୋମା ଥିବା ନେଇ ଧମକ ମିଳିଛି। ଏହାକୁ ମିଶାଇଲେ ସପ୍ତାହେ ମଧ୍ୟରେ ୧୩୦ରୁ ଅଧିକ ବିମାନକୁ ବୋମାର ଧମକ ମିଳିଲାଣି। ବୋମା ଧମକ ମିଳିଥିବା ବିମାନ ମଧ୍ୟରୁ ସର୍ବାଧିକ ବିଦେଶ ଯାତ୍ରା କରିବାକୁ ଥିବା ବିମାନ ରହିଛି। ଏସବୁ ଇଣ୍ଡିଗୋ ବିମାନ ଜେଦ୍ଦା, ଇସ୍ତାନବୁଲ, ରିୟାଧ ଯିବାର ଥିଲା। ସେହିପରି ଇଣ୍ଡିଗୋ ଏବଂ ଭିସ୍ତାରା ବିମାନକୁ ମଧ୍ୟ ଧମକ ମିଳିଛି। ତିନୋଟି କମ୍ପାନୀର ପ୍ରତ୍ୟେକ ୧୦ ଲେଖାଁ ୩୦ଟି ବିମାନକୁ ବୋମା ଥିବା ନେଇ ଧମକ ମିଳିଛି। ଫଳରେ ବିମାନରେ ବ୍ୟାପକ ତଲାସୀ କରାଯିବା ସହ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସେପରି କିଛି ଅଘଟଣ ଘଟିନଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ଅନେକ ବିମାନର ଜରୁରୀ ଅବତରଣ କରାଯାଉଛି। ଏହା ଫଳରେ ବିମାନ କମ୍ପାନୀକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି। ଏ ଦୃଷ୍ଟିରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଘନ ଘନ ବୈଠକ କରୁଛନ୍ତି। ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହ ଏପରି ଅପରାଧକୁ ଧର୍ତ୍ତବ୍ୟ ଅପରାଧ ତାଲିକାରେ ଯୋଗ କରିବାକୁ ବିଚାର ବିମର୍ଶ ଚାଲିଥିବା ସେ କହିଥିଲେ। ତଥାପି ବେଖାତିର କରି ଚାଲିଛନ୍ତି ଅପରାଧୀ।

## ଜୁଏଲାରୀ ଦୋକାନରେ ଲୁଟ୍ ବେଳେ ଗୁଳିକାଣ୍ଡ

**ପାଟନା, ୨୨।୧୦:** ଲୁଟ ଉଦ୍ଦେଶ୍ୟରେ ଜୁଏଲାରୀ ଦୋକାନରେ ପଶିଥିଲେ ଲୁଟେରା। ବନ୍ଧୁକ ଦେଖାଇ ଭୟଭୀତ କରି ୪୦ ଲକ୍ଷ ଟଙ୍କାର ଗହଣା ଲୁଟ୍ କରିନେଲେ। ଏଥିସହ ସେମାନେ ଗୁଳି ଚଳାଇ ଜଣେ କର୍ମଚାରୀଙ୍କୁ ଘାଇଲା କରିଥିବା ବେଳେ ପାଲଟା ଜବାବରେ ଦୋକାନ ମାଲିକ ବି ଫାୟାରିଂ କରିଥିଲେ। ଏଥିରେ ଦୁଇ ଲୁଟେରା ଆହତ ହୋଇଛନ୍ତି । ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏପରି ଏକ ଅଘଟଣ ବିହାରର ବେଗୁସରାୟରେ ଘଟିଛି। ଦୋକାନ ମାଲିକ ପ୍ରମୋଦ କୁମାର ପୌଦ୍ଦାରଙ୍କ ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନ ସମୟରେ ମୋ' ପୁଅ ରାଜୀବ ଦୋକାନରେ ଥିବା ବେଳେ ମୁଁ ବାହାରେ ଥିଲି। ଉକ୍ତ ସମୟରେ ଦୁଇ ଲୁଟେରା ସୁନା ଦେଖିବାକୁ ଦୋକାନରେ ପଶିଲେ। କିଛି ସମୟ ପରେ ସେମାନେ ହଠାତ୍ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ସବୁ ଜିନିଷ ଦେବାକୁ ଧମକ ଦେଇଥିଲେ। ଏହାଦେଖି କର୍ମଚାରୀମାନେ ପାଟି କରିବାରୁ ସେମାନେ ଜଣଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଖବର ପାଇ ଦୋକାନ ମାଲିକ ପ୍ରମୋଦ କୁମାର ପହଞ୍ଚି ଲୁଟେରାଙ୍କ ଉପରକୁ ଫାୟାରିଂ କରିଥିଲେ। ଏଥିରେ ଦୁଇ ଲୁଟେରା ଆହତ ହୋଇଛନ୍ତି । ଘଟଣାସ୍ଥଳରେ ପହଞ୍ଚି ପୁଲିସ୍ ଦୁଇ ଲୁଟେରାଙ୍କୁ ଗିରଫ କରି ମେଡିକାଲରେ ଭର୍ତ୍ତି କରିଛି। ଏହି ଲୁଟ ମାମଲାରେ ୪ ଜଣ ସାମିଲ ଥିବା ବେଳେ ଆଉ ଦୁଇ ଜଣ ଜୁଏଲାରୀ ବ୍ୟାଗ୍ ନେଇ ଫେରାର ହୋଇଯାଇଥିବା ଜଣାଯାଇଛି। ପୁଲିସ୍ ସିସିଟିଭି ଫୁଟେଜ ଛାନଭିନ କରି ଅନ୍ୟ ଦୁଇ ଲୁଟେରାଙ୍କ ସନ୍ଧାନ ଚଳାଇଛି।

## ଗ୍ୟାସ୍ ସିଲିଣ୍ଡର ଫାଟି ୬ ମୃତ

**ଲକ୍ଷ୍ନୌ, ୨୨।୧୦:** ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଗତ ରାତିରେ ଏକ ବଡ଼ ଅଘଟଣ ଘଟିଛି। ଏକ ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୬ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଗୁରୁତର ଅଛନ୍ତି। ରାଜ୍ୟର ବୁଲନ୍ଦ ସହରର ସିକନ୍ଦରାବାଦ ଥାନା ଆଶାପୁରୀ ସାହିରେ ଏହି ଅଘଟଣ ଘଟିଛି। ଆଶାପୁରୀ ସାହିରେ ରହୁଥିବା ରିୟାଜୁଦ୍ଦିନଙ୍କ ଘରେ ଏହି ଦୁର୍ଘଟଣା ଘଟିଛି। ରିୟାଜୁଦ୍ଦିନ ଶଟରିଙ୍ଗ କାମ କରୁଥିବା ବେଳେ ତାଙ୍କର ପରିବାର ସଦସ୍ୟ ପ୍ରାୟ ୧୮। ଗତ ରାତିରେ ଅଧିକାଂଶ ପରିବାର ସଦସ୍ୟ ଘରେ ଥିବା ବେଳେ ହଠାତ୍ ଗ୍ୟାସ୍ ବିସ୍ଫୋରଣ ହୋଇଥିଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। । ଏଥିସହ ୯ ପରିବାରର ସଦସ୍ୟଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲ ନିଆଯାଇଥିଲା । ସେଠାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତ ଜଣଙ୍କ ମଧ୍ୟରେ ୩ ପୁରୁଷ ଓ ୩ ମହିଳା ଥିବା ଜଣାଯାଇଛି। ଖବର ପାଇ ପୁଲିସ୍, ଅଗ୍ନିଶମ ବାହିନୀ, NDRF ଟିମ୍, ପ୍ରଶାସନିକ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଯାଇଥିବା ବେଳେ ଘଟଣାସ୍ଥଳକୁ ଛାନଭିନ କରାଯାଉଥିବା ଡିସିପି ସୂଚନା ଦେଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଗୁରୁତରଙ୍କ ପାଇଁ ଉତ୍ତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମଣିଷଖିଆ ବାଘ ଅନୁସନ୍ଧାନରେ ଡ୍ରୋନ୍

**ଡେରାଡୁନ, ୨୨।୧୦:** ଉତ୍ତରାଖଣ୍ଡ ନ୍ୟୁଟିହରି ଅଞ୍ଚଳରେ ଆତଙ୍କ ଖେଳାଇଛି ଏକ ବାଘ। ଉକ୍ତ ବାଘଟି ଗତ କିଛି ଦିନ ମଧ୍ୟରେ ୩ ଛୁଆଙ୍କୁ ମାରି ସାରିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି। ବାଘଟିକୁ କାବୁ କରିବାକୁ ବନ ବିଭାଗ ପ୍ରୟାସ ଜାରି ରଖିଥିବା ବେଳେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ସମସ୍ତ ସ୍କୁଲକୁ ବନ୍ଦ କରାଯିବା ସହ ପରୀକ୍ଷାକୁ ବି ବାତିଲ କରି ଦିଆଯାଇଛି। ଏପରିକି ବାଘ ଖୋଜିବାରେ ଡ୍ରୋନ୍ ବି ନିୟୋଜିତ ହୋଇଛି। ଶନିବାର ସନ୍ଧ୍ୟା ସମୟାରେ ସାକ୍ଷୀ ନାମ୍ନୀ ୧୩ ବର୍ଷୀୟା ନାବାଳିକା ଘରୁ ଖେଳିବାକୁ ବାହାରିଥିବା ବେଳେ ବାଘଟି ତାଙ୍କୁ ଝାମ୍ପ ନେଇଥିଲା। ଝିଅଟିର ଚିତ୍କାର ଶୁଣି ପାଖପଡ଼ୋଶୀ ବାଘଟିର ପିଛା କରିଥିଲେ। ମାତ୍ର ବାଘଟି ଘୋଷାଡ଼ି ଟାଣି ନେଇଥିବା ବେଳେ ଘଟଣାସ୍ଥଳରେ ସାକ୍ଷୀଙ୍କ ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ଉକ୍ତ ବାଘଟି ଜଣେ ୯ ବର୍ଷୀୟା ନାବାଳିକା ଓ ୩ ବର୍ଷର ଶିଶୁକୁ ମାରି ଦେଇଛି। ବନ ବିଭାଗ ଅଧିକାରୀ ଟିମ୍ ଧରି ବାଘକୁ ଖୋଜୁଥିବା ବେଳେ ତା'ର କିନ୍ତୁ ସନ୍ଧାନ ମିଳି ପାରିନି। ତେଣୁ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଖପାଖ ଅଞ୍ଚଳର ସମସ୍ତ ସ୍କୁଲକୁ ଛୁଟି କରି ଦିଆଯାଇଛି। ଏହି ସମୟରେ ଘରୁ ନ ବାହାରିବାକୁ ଅଞ୍ଚଳବବାସୀଙ୍କୁ ସତର୍କ କରାଯାଇଛି। ବାଘ ଧରିବାରେ ସଫଳତା ପାଇବା ନିମନ୍ତେ ଡ୍ରୋନର ବି ସହାୟତା ନିଆଯାଇଛି। ଡ୍ରୋନ୍ ଆଖପାଖର ଘଞ୍ଚ ଜଙ୍ଗଲ ଉପରେ ପଇଁତରା ମାରୁଥିଲେ ବି ବାଘର ସନ୍ଧାନ ମିଳି ପାରିନି। ତେଣୁ ଲୋକେ ଘରୁ ବାହାରିବାକୁ ସୁରକ୍ଷିତ ମଣୁ ନ ଥିବା ବେଳେ ତାଟି କବାଟ ପକାଇ ଘରେ ରହୁଛନ୍ତି।

## ସେବି ମୁଖ୍ୟ ମାଧବୀଙ୍କ ବିରୋଧରେ ପ୍ରମାଣ ନାହିଁ



**ନୂଆଦିଲ୍ଲୀ, ୨୨।୧୦:** ସେବି ଅଧ୍ୟକ୍ଷ ମାଧବୀ ବୁଚଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି। ତାଙ୍କ ବିରୋଧରେ ମିଳିଲାନି କୌଣସି ବି ପ୍ରମାଣ। ଗତ ସଂସଦ ଅଧିବେଶନରେ ତାଙ୍କ ନାଁ ବେଶ୍ ଚର୍ଚ୍ଚାକୁ ଆସିଥିଲା। ତାଙ୍କ ବିରୋଧରେ ଆସିଥିଲା ସଙ୍ଗୀନ ଅଭିଯୋଗ। ସେ ନିଜ ପଦର ଅପବ୍ୟବହାର କରୁଥିବା ନେଇ ଅଭିଯୋଗ ଆଣିଥିଲା କଂଗ୍ରେସ।

କେବଳ ସେତିକି ନୁହେଁ ତାଙ୍କ ପରିବାର ଏବଂ ବିଜେପିକୁ ମଧ୍ୟ ଦୋଷାରୋପ କରିଥିଲା। ବହୁ ପରିମାଣରେ ଦୁର୍ନୀତି ହୋଇଛି ବୋଲି କହିଥିଲା। ସେହିପରି ଆମେରିକାର ସର୍ଟ ସେଲିଂ ଫାର୍ମ ହିଣ୍ଡେନବର୍ଗ ରିସର୍ଚ୍ଚ ସଂସ୍ଥା ମଧ୍ୟ ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲା। ଆଦାନି ଗ୍ରୁପର ସ୍କାମରେ ଜଡ଼ିତ ବିଦେଶୀ କମ୍ପାନିରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଲ ବୁଚଙ୍କ ଅଂଶଧନ (ଶେୟାର୍) ରହିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାକୁ ମାଧବୀ ବୁଚ୍ ତାଙ୍କ ସ୍ୱାମୀ ଖଣ୍ଡନ କରିଥିଲେ। ଏହି ହିଣ୍ଡେନବର୍ଗର ଏହି ରିପୋର୍ଟକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଥିଲା। ଏହାରି ଭିତରେ ମାଧବୀଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ଚର୍ଚ୍ଚା ଚାଲିଥିବା ଭିତରେ କେନ୍ଦ୍ର ସରକାର ଯାଞ୍ଚ ଆରମ୍ଭ କରିଥିଲେ। ଉଭୟ ଏଜେନ୍ସି ଏବଂ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏହି ଯାଞ୍ଚ କରାଯାଇଥିଲା। ତେବେ ବର୍ତ୍ତମାନ ଏହି ମାମଲାର ତଦନ୍ତ ଶେଷ ହୋଇଛି। ତଦନ୍ତରୁ ମାଧବୀ କିମ୍ବା ତାଙ୍କର ପରିବାର ବିରୋଧରେ କୌଣସି ପ୍ରମାଣ ମିଳିନଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁଯାୟୀ, ସୂତ୍ରରୁ ସୂଚନା ମିଳିଛି ଯେ, ତଦନ୍ତ ଶେଷ ହୋଇଛି ଏବଂ ତାଙ୍କ ବିରୋଧରେ କୌଣସି ସେଭଳି ସନ୍ଦିଗ୍ଧ ପ୍ରମାଣ ମିଳିନାହିଁ। ସରକାରଙ୍କ ବିଶ୍ୱାସ ଯେ, ସେବିର ଚେୟାରମ୍ୟାନ୍ ଭାବରେ ମାଧବୀ ପୁରୀ ବୁଚ ଏହି ବ୍ୟବସ୍ଥାକୁ ପରିଷ୍କାର କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି। ତେବେ ଏହାକୁ ନେଇ ଅନେକ ଲୋକ ଖୁସି ନୁହଁନ୍ତି। ମାଧବୀ ପୁରୀ ବୁଚ ତାଙ୍କ କାର୍ଯ୍ୟକାଳ ଶେଷ ହେବା ଯାଏ ଏହ ପଦରେ ରହିବେ। ତାଙ୍କ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୨୮ରେ ଶେଷ ହେବ। ମାଧବୀ ପୁରୀ ବୁଚ୍ ୨୦୨୨ ମସିହା ମାର୍ଚ୍ଚ ୧ ତାରିଖରୁ ଭାରତର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ର ପ୍ରଥମ ମହିଳା ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ନଡ଼ା ଜାଳିଲେ କୃଷକ: ୨୪ ଅଫିସର୍ ସସ୍ପେଣ୍ଡ



**ନୂଆଦିଲ୍ଲୀ, ୨୨।୧୦:** ନଡ଼ା ଜାଳିଲେ କୃଷକ। ନିଲମ୍ବିତ ହୋଇଗଲେ ଅଫିସର୍। ଜଣେ କି ଦୁଇ ଜଣ ନୁହେଁ ଏକାଥରକେ ୨୪ ଅଧିକାରୀଙ୍କୁ କରାଗଲା ସସ୍ପେଣ୍ଡ। ଏଭଳି କିଛି ଆକ୍ସନ ନେଇଛନ୍ତି ହରିୟାଣା ସରକାର। ଦିନକୁ ଦିନ ଦିଲ୍ଲୀରେ ବଢ଼ି ଚାଲିଛି ପ୍ରଦୂଷଣ ମାତ୍ରା। ଏଥିପାଇଁ ପ୍ରତିବର୍ଷ ହରିୟାଣାକୁ ମୁଖ୍ୟତଃ ଦାୟୀ କରାଯାଉଛି। କାରଣ ଅକ୍ଟୋବର ଓ ନଭେମ୍ବର ମାସରେ ଏଠାରେ ଚାଷୀ ଫସଲ କଟାଯିବା ପରେ ନଡ଼ା ଜାଳନ୍ତି। ଏଥିଯୋଗୁ ପଡୋଶୀ ରାଜ୍ୟରେ ପ୍ରଦୂଷଣ ମାତ୍ରା ବଢ଼େ। ଏବେ ଏହାକୁ ନେଇ ଆକ୍ସନ ମୁଡ଼କୁ ଆସିଛନ୍ତି ହରିୟାଣାର ସୈନି ସରକାର। ନଡ଼ା ଜାଳିବା ଘଟଣାକୁ ସେ ଗୁରୁତର ଭାବେ ନେଇଛନ୍ତି। ଏହି ମାମଲାରେ ୨୪ ଜଣ ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ଏ ସମସ୍ତ ଅଧିକାରୀ ନିଜ ନିଜ ଅଞ୍ଚଳରେ କୃଷକଙ୍କ ନଡ଼ା ଜାଳିବା ଉପରେ ରୋକ୍ ଲଗାଇବାରେ ଅକ୍ଷମ ଥିଲେ। ତେଣୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ହରିୟାଣା କୃଷି ବିଭାଗ ଏମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହା ବ୍ୟତୀତ ନିକଟରେ କ୍ୟାଥଲ ଅଞ୍ଚଳରେ ନଡ଼ା ଜାଳିବା ଅଭିଯୋଗରେ ୧୮ ଜଣ କୃଷକଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ପରେ ଏମାନେଙ୍କୁ ଜାମିନରେ ମୁକ୍ତ କରାଯାଇଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି। ପାନିପତ, ଯମୁନାଗର ଏବଂ ଅମ୍ବାଲା ସମେତ ଅନ୍ୟ କେତେକ ଜିଲ୍ଲାରେ ନଡ଼ା ଜଳିବା ନେଇ ୧୦୦ରୁ ଅଧିକ କୃଷକଙ୍କ ବିରୋଧରେ ଏଫ୍ଆଇଆର୍ ମଧ୍ୟ ହୋଇଛି। ସେପଟେ ହରିୟାଣାର ମୁଖ୍ୟ ଶାସନ ସଚିବ ଟିଭିଏସ୍ଏନ୍ ପ୍ରସାଦ ରବିବାର ରାଜ୍ୟରେ ନଡ଼ା ଜାଳିବା ଉପରେ ପ୍ରଭାବିତ ରୂପେ ରୋକ୍ ଲଗାଇବାକୁ ଡେପୁଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କହିରଖୁ ଯେ, ବୁଧବାର ସୁପ୍ରିମକୋର୍ଟ ନଡ଼ା ଜାଳିବା ମାମଲରେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁ ହରିୟାଣା ଓ ପଞ୍ଜାବ ସରକାରଙ୍କ ଉପରେ ବର୍ଷିଥିଲେ।

### ଦିଲ୍ଲୀରେ ବାୟୁ ପ୍ରଦୂଷଣ ମୁକାବିଲା

# ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ ଲାଗୁ


**ନୂଆଦିଲ୍ଲୀ, ୨୨।୧୦:** ଦିନକୁ ଦିନ ବଢ଼ି ଚାଲିଛି ପ୍ରଦୂଷଣ। ବିଷାକ୍ତ ହେବରେ ଲାଗିଛି ବାୟୁ। ଆଖି ଜଳିବା ସହ ନିଶ୍ୱାସ ନେବା ବି ଏବେ କଷ୍ଟକର ହୋଇପଡିଲାଣି। ଦୀପାବଳି ପୂର୍ବରୁ ରାଜଧାନୀ ଦିଲ୍ଲୀର ଅବସ୍ଥା ବେହାଲ। ବାୟୁର ଗୁଣବତ୍ତା ଦିନକୁ ଦିନ ଅତି ନିମ୍ନସ୍ତରକୁ ଖସି ଚାଲିଛି। ତେଣୁ ପ୍ରଦୂଷଣର ମୁକାବିଲା ପାଇଁ ଆଜିଠୁ ଦିଲ୍ଲୀରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ ଫେଜ୍-୨ ଲାଗୁ କରାଯାଇଛି। ମଙ୍ଗଳବାର ସକାଳ ୮ଟାରୁ ଦିଲ୍ଲୀରେ ଡିଜେଲ ଚାଳିତ ଜେନେରେଟର ଉପରେ ମଧ୍ୟ ରୋକ୍ ଲାଗାଯାଇଛି। ଏଥିସହ କୋଇଲାରେ ଜଳୁଥିବା ଭାଟି ତଥା ତନ୍ଦୁର ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦିଲ୍ଲୀ ସରକାରଙ୍କ ରେଡ୍ ଲଇଟ୍ ଅନ୍, ଗାଡ଼ି ଅଫ୍ ଅଭିଯାନ ଆଜିଠୁ ଆରମ୍ଭ ହୋଇଛି। ଦିଲ୍ଲୀରେ ଗାଡି ଚଳାଚଳ କମ୍ କରିବା ପାଇଁ ପାର୍କିଂ ଫିସ୍‌କୁ ମଧ୍ୟ ବଢ଼ାଇ ଦିଆଯାଇଛି। ଶୀତ ନ ଆସୁଣୁ ଦିଲ୍ଲୀର ଅବସ୍ଥା ବେହାଲ ହୋଇପଡିଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ମୁତାବକ, ଦିଲ୍ଲୀରେ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ଶ୍ରେଣୀରେ ପହଞ୍ଚିଛି। ୧୩ଟି ସ୍ଥାନକୁ ହଟ୍‌ସ୍ପଟ୍ ରୂପେ ଚିହ୍ନଟ କରାଯାଇଛି। ସବୁଠାରୁ ଉପରେ ରହିଛି ଆନନ୍ଦ ବିହାର। ଆଜି ସକାଳ ୮ଟା ସୁଦ୍ଧା ଏଠାକାର ବାୟୁର ଗୁଣବତ୍ତା ୩୮୫ ରେକର୍ଡ କରାଯାଇଛି। ଆନନ୍ଦ ବିହାର ସମେତ ମୁଣ୍ଡକା, ବଜିରପୁର, ଜହାଙ୍ଗିରପୁର, ଆର୍ କେ ପୁରମ୍, ଓଖଲା, ବାବନା, ବିବେକ ବିହାର, ନରେଲା, ଅଶୋକ ବିହାର, ଦ୍ୱାରକା, ପଞ୍ଜାବି ବାଗ୍ ଓ ରୋହିଣୀ। ଏ ସମସ୍ତ ଅଞ୍ଚଳକୁ ରେଡ୍ ଜୋନ୍ ଭିତରେ ରଖାଯାଇଛି। ଏଠାକାର ଏୟାର କ୍ୱାଲିଟି ଇଣ୍ଡେକ୍ସ ଅତ୍ୟନ୍ତ ଖରାପ ଶ୍ରେଣୀରେ ଥିବା ରେକର୍ଡ ହୋଇଛି।



## ବରିଷ୍ଠ ଅଧିକାରୀଙ୍କ ମନ୍ତବ୍ୟକୁ ନେଇ ବିବାଦ

**ଭୋପାଳ, ୨୨।୧୦:** ମନ୍ଦିରରେ ଲାଉଡସ୍ପିକର ଉପରେ ଜଣେ ଆଇଏଏସ ଅଧିକାରୀ ଦେଇଥିବା ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ 'ସଂସ୍କୃତି ବଚାଅ' ମଞ୍ଚ ମାର୍ଟିନଙ୍କ ବିରୁଦ୍ଧରେ ପ୍ରତିବାଦ କରିବାକୁ ଚେତାବନୀ ଦେଇଛି। ଏଥିସହ ମାର୍ଟିନଙ୍କ ସୋଶାଲ ମିଡିଆ ପୋଷ୍ଟକୁ ନେଇ ଭିନ୍ନ ଭିନ୍ନ ମତ ଆସିଛି। ମଧ୍ୟପ୍ରଦେଶର ଜଣେ ବରିଷ୍ଠ ଆଇଏଏସ୍ ଅଫିସର ଶୈଳବାଳା ମାର୍ଟିନ କହିଥିଲେ, ମନ୍ଦିରରେ ଲାଉଡସ୍ପିକର ପାଇଁ ଶବ୍ଦ ପ୍ରଦୂଷଣ ହେଉଛି। ଧାର୍ମିକ ଦୃଷ୍ଟିକୋଣରୁ ଶବ୍ଦ ପ୍ରଦୂଷଣକୁ ନେଇ ସମସ୍ତେ ନିରପେକ୍ଷ ଭାବରେ ଚିନ୍ତା କରିବା ଉଚିତ୍। ଗତ ସପ୍ତାହରେ ଦୁର୍ଗା ମୂର୍ତ୍ତି ବିଶର୍ଜନ ପ୍ରୋସେସନରେ ଡିଜେ ମ୍ୟୁଜିକର ତାଳେ ତାଳେ ନାଚୁଥିବା ବେଳେ ଜଣେ ୧୩ ବର୍ଷର ନାବାଳକର ମୃତ୍ୟୁ ହେବା ମଧ୍ୟରେ ଏପରି ମନ୍ତବ୍ୟ ଦେଇଛନ୍ତି ଆଇଏଏସ ଅଧିକାରୀ ମାର୍ଟିନ। ଜଣେ ସାମ୍ବାଦିକଙ୍କ ପୋଷ୍ଟରେ ପ୍ରତିକ୍ରିୟା ଦେଇ ମାର୍ଟିନ କହିଥିଲେ, "ମନ୍ଦିରରେ ଲାଉଡସ୍ପିକର ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣକୁ ଅନେକ ସର୍ବସାଧାରଣ ସ୍ଥାନରେ ଶୁଣିବାକୁ ମିଳୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏପରି ମ୍ୟୁଜିକ୍ ଶୁଭୁଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଶପଥ ନେବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମସ୍ତ ଧାର୍ମିକ ସ୍ଥାନରୁ ଲାଉଡସ୍ପିକର ହଟାଇବା ସହ ଡିଜେ ଉପରେ ନିଶେଧାଦେଶ ଲଗାଇଥିଲେ।" ତାଙ୍କର ଏହି ଟ୍ୱିଟ୍ ପରେ ସୋଶାଲ ମିଡିଆରେ ଝଡ଼ ସୃଷ୍ଟି ହୋଇଛି। କେହି କେହି ତାଙ୍କୁ ସମର୍ଥନ କରି ଥିବାବେଳେ ଅନ୍ୟକେହି ବିରୋଧ କରିଛନ୍ତି।'ସଂସ୍କୃତି ବଚାଅ' ମଞ୍ଚ କହିଛି ଯେ, ହିନ୍ଦୁମାନଙ୍କ ଭାବନାକୁ ଆଘାତ ଦେବା ପାଇଁ ତାଙ୍କର କୌଣସି ଆଘାତ ନାହିଁ। ସେମାନେ ମାର୍ଟିନଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ କରିବେ। 'ସଂସ୍କୃତି ବଚାଅ' ମଞ୍ଚର ମୁଖ୍ୟ ଚନ୍ଦ୍ରଶେଖର ତିୱାରୀ କହିଛନ୍ତି, "ଯଦି କେହି ହିନ୍ଦୁଙ୍କ ଭାବନାକୁ ଆଘାତ କରିବାକୁ ଚେଷ୍ଟା କରନ୍ତି, ତେବେ ସଂସ୍କୃତି ବାଚାଓ ମଞ୍ଚ ଏହାକୁ ବିରୋଧ କରିବ। ଆଜାନ ପରି ଲାଉଡସ୍ପିକରରେ ମନ୍ଦିରରେ ଆରତୀ ଏବଂ ମନ୍ତ୍ର ଦିନକୁ ପାଞ୍ଚଥର ଉଚ୍ଚାରଣ କରାଯାଏ ନାହିଁ। ଶୈଳବାଳା ମାର୍ଟିନଙ୍କୁ ମୋର ପ୍ରଶ୍ନ ଯେ ସେ କେବେ ମହରମ ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗା ଯାଉଥିବା ଦେଖିଛନ୍ତି କି? କିନ୍ତୁ ହିନ୍ଦୁ ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗାଯାଉଛି।" ସେପଟେ, କଂଗ୍ରେସ ମୁଖପାତ୍ର ଅବ୍ବାସ ହାଫିଜ ମାର୍ଟିନଙ୍କୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି, "ଆଇଏଏସ ଅଧିକାରୀ ଏକ ପ୍ରକୃତ ପ୍ରଶ୍ନ ଉଠାଇଛନ୍ତି। ବିଜେପି ସରକାର ଧର୍ମ ଆଧାରରେ ଲାଉଡସ୍ପିକର ଉପରେ ପଦକ୍ଷେପ ନେଉଛନ୍ତି, ଯାହା କରାଯିବା ଉଚିତ୍ ନୁହେଁ।"

# ଗ୍ୟାଙ୍ଗଷ୍ଟର୍ ଲରେନ୍ସଙ୍କୁ ଗୁଳି କଲେ ମିଳିବ କୋଟିଏ



**ମୁମ୍ବାଇ, ୨୨।୧୦:** ବାବା ସିଦ୍ଦିକଙ୍କ ହତ୍ୟାକାରୀ ବୋଲି କୁହାଯାଉଥିବା ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇକୁ ହତ୍ୟା କଲେ କୋଟିଏ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି ଗୁଜରାଟ କ୍ଷେତ୍ରୀୟ କରଣୀ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ। ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ଏବଂ ଅଭିନେତା ସଲମାନ ଖାନ୍‌ଙ୍କୁ ଧମକ ପରଠାରୁ ଚର୍ଚ୍ଚାରେ ରହିଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ। ଏହାରି ଭିତରେ ଯେଉଁ ପୁଲିସକର୍ମୀ ଲରେନ୍ସ ବିଷ୍ଣୋଇଙ୍କୁ ଏନ୍‌କାଉଣ୍ଟର କରିବେ ତାଙ୍କ ପାଇଁ ବଡ଼ ପୁରସ୍କାର ରାଶି ଘୋଷଣା ହୋଇଛି। କରଣୀ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ. ରାଜ ଶେଖାବତ ୧ କୋଟି ୧୧ ଲକ୍ଷ ୧୧ ହଜାର ୧୧୧ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ରାଜ ଶେଖାବତ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଜାରି କରିଛନ୍ତି। ଏଥିରେ ସେ ଲରେନ୍ସ ବିଷ୍ଣୋଇଙ୍କୁ ଏନ୍‌କାଉଣ୍ଟର କଲେ ପୁଲିସ ଅଧିକାରୀଙ୍କୁ ୧,୧୧,୧୧,୧୧୧ ଦେବି ବୋଲି କହିଛନ୍ତି। ଉକ୍ତ ପୁଲିସ କର୍ମଚାରୀଙ୍କ ପରିବାରର ସୁରକ୍ଷା ଦାୟିତ୍ୱ ସେ ନେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତ। ଏଥିସହ ଲରେନ୍ସ ବିଷ୍ଣୋଇ ଦେଶ ପାଇଁ ବିପଦ ଥିବା କହି ସେ ଗୁଜରାଟର ବିଜେପି ସରକାର ଉପରେ ବର୍ଷିଛନ୍ତି। ସୋସିଆଲ ମିଡିଆରେ ଅପଲୋଡ୍ ହୋଇଥିବା ଏକ ଭିଡିଓରେ କରଣୀ ସେନା ମୁଖ୍ୟ କହିଛନ୍ତି ଯେ ଲରେନ୍ସ ବିଷ୍ଣୋଇ ମଧ୍ୟ ଆମର ଅନମୋଲ ରତ୍ନ ଏବଂ ଅମର ଶହୀଦ ସୁଖଦେବ ସିଂହ ଗୋଗାମେଡି ଜୀଙ୍କ ହତ୍ୟାକାରୀ। ୫ ଡିସେମ୍ବର ୨୦୨୩ରେ କରଣୀ ସେନା ମୁଖ୍ୟ ସୁଖଦେବ ସିଂହ ଗୋଗାମେଡିଙ୍କୁ ଜୟପୁରରେ କିଛି ଅଜ୍ଞାତ ଆକ୍ରମଣକାରୀ ଗୁଳି ମାଡ଼ କରି ହତ୍ୟା କରିଥିଲେ। ଏହାର କିଛି ଘଣ୍ଟା ପରେ ଲରେନ୍ସ ଗ୍ୟାଙ୍ଗ ଏହି ହତ୍ୟା ପାଇଁ ନିଜକୁ ଦାୟୀ କରିଥିଲା। ଲରେନ୍ସ ବିଷ୍ଣୋଇ ବର୍ତ୍ତମାନ ଗୁଜରାଟର ସାବରମତି ଜେଲରେ କଏଦ ଅଛି। ତା' ବିରୋଧରେ ସୀମା ପାର ହୋଇ ଡ୍ରଗ୍ ଚୋରା ଚାଲାଣ ମାମଲା ରୁଜୁ ହୋଇଛି। ଏପ୍ରିଲରେ ମୁମ୍ବାଇରେ ବଲିଉଡ ଅଭିନେତା ସଲମାନ ଖାନଙ୍କ ଘର ବାହାରେ ଗୁଳି ବିନିମୟ ମାମଲାରେ ମଧ୍ୟ ଲରେନ୍ସ ବିଷ୍ଣୋଇର ନା ସାମ୍ନାକୁ ଆସିଥିଲା। କିନ୍ତୁ ମୁମ୍ବାଇ ପୋଲିସ ତାକୁ ଗିରଫ କରିପାରି ନଥିଲା।

### ହେଜବୁଲ୍ଲାର ଗୁପ୍ତଧନ ମିଳିଲା

# ୫୦୦ ମିଲିୟନ ଡଲାର ସହ ବିପୁଳ ସୁନା




**ବେରୁଟ, ୨୨।୧୦:** ଗୁପ୍ତରେ ଥିଲା ହେଜବୁଲ୍ଲାର ଆର୍ଥିକ ହବ୍। ଅର୍ଥାତ୍ ବେରୁଟର କେନ୍ଦ୍ରାଞ୍ଚଳରେ ଥିବା ଏକ ବଙ୍କରରେ ଶହ ଶହ ଡଲାରର ନଗଦ ରାଶି ସହ ସୁନା ରଖିଥିଲା ହେଜବୁଲ୍ଲା। ଏନେଇ ଦାବି କରିଛି ଇସ୍ରାଏଲ ସେନା। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍) କହିଛି ଯେ, ଲେବାନନର ରାଜଧାନୀ ବେରୁଟ ଡାକ୍ତରଖାନା ତଳେ ହେଜବୁଲ୍ଲାର ଗୁପ୍ତ ପାଣ୍ଠି ରହିଥିଲା। ଏହି ବଙ୍କରରେ ଶହ ଶହ ଡଲାର କ୍ୟାସ୍ ଏବଂ ସୁନା ରହିଛି। ଗୁପ୍ତ ପାଣ୍ଠି ଉପରେ ଏଯାଏ ଆକ୍ରମଣ କରାଯାଇ ନାହିଁ। ଏହି ପାଣ୍ଠିରେ ଲେବାନନର ପୁନଃନିର୍ମାଣ କରାଯାଇ ପାରିବ ବୋଲି ହେଜବୁଲ୍ଲାର ଆଇଡିଏଫ୍ ମୁଖପାତ୍ର ରିୟର ଆଡମିରାଲ ହାଗରୀ କହିଛନ୍ତି। ରବିବାର ହେଜବୁଲ୍ଲାକୁ ଟାର୍ଗେଟ କରି ପୁନଃ ଆକ୍ରମଣ କରିଥିଲା ଇସ୍ରାଏଲ ବାୟୁସେନା। ଏହି ଆକ୍ରମଣ ପରେ ଆଇଡିଏଫ୍‌ମୁଖପାତ୍ର ରିୟର ଆଡମିରାଲ ହାଗରୀ ଏକ ଭିଡିଓ ଜାରି କରି ହେଜବୁଲ୍ଲାର ଗୁପ୍ତପାଣ୍ଠି ବାବଦରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, "ଆମେ ହେଜବୁଲ୍ଲାର ଗୁପ୍ତ ଅର୍ଥ ପାଣ୍ଠି ଠାବ କରିଛୁ। ବେରୁଟର କେନ୍ଦ୍ର ସ୍ଥଳରେ ଥିବା ଅଲ୍-ସାହେଲ ହସ୍ପିଟାଲରେ ଏହି ବଙ୍କର ଥିଲା, ଯେଉଁଠାରେ ହେଜବୁଲ୍ଲାର ମୁଖ୍ୟ ହାସନ ନସ୍ରଲ୍ଲା ରହୁଥିଲା। ଏଠାରେ ୫୦୦ ମିଲିୟନ ଡଲାରର କ୍ୟାସ୍ ଏବଂ ସୁନା ଗଚ୍ଛିତ ରହିଛି। ଏହି ଅର୍ଥ ରାଶିକୁ ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିବା ଲେବାନନକୁ ପୁଣି ଥରେ ସଜଡ଼ା ଯାଇପାରିବ।" ସୂଚନା ଅନୁସାରେ, ରବିବାର ରାତିରେ ଇସ୍ରାଏଲର ବାୟୁସେନା ହେଜବୁଲ୍ଲାର ଆର୍ଥିକ ସଂସ୍ଥା ଅଲ-କାର୍ଡ ଅଲ-ହାସନ (ଏକ୍ୟୁଏଏଚ୍) ଦ୍ୱାରା ପରିଚାଳିତ ଅଞ୍ଚଳ ସମେତ ପ୍ରାୟ ୩୦ଟି ହେଜବୁଲ୍ଲା ସହ ସମ୍ପୃକ୍ତ ସ୍ଥାନକୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ୍ କରିଥିଲା। କିନ୍ତୁ ଏଥିରେ ଏକ୍ୟୁଏଏଚ୍ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଆର୍ଥିକ ପାଣ୍ଠି ସୁରକ୍ଷିତ ଥିବା ଇସ୍ରାଏଲ ସେନା କହିଛି।

# କମନୱେଲଥ ଗେମ୍ସରୁ ହକି, କ୍ରିକେଟ, କୁସ୍ତି ଓ ଶୁଟିଂ ସମେତ ୯ ଇଭେଣ୍ଟ ବାଦ୍






**ଗ୍ଲାସଗୋ, ୨୨।୧୦:** ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ହେବାକୁ ଥିବା କମନୱେଲଥ ଗେମ୍ସ ୨୦୨୬ ଆରମ୍ଭ ହେବା ପୂର୍ବରୁ ଭାରତକୁ ଲାଗିଛି ବଡ଼ ଝଟକା। ୨୦୨୬ ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଗ୍ଲାସଗୋରେ ହେବାକୁ ଥିବା ଏହି ରାଷ୍ଟ୍ରମଣ୍ଡଳ କ୍ରୀଡ଼ାରୁ ୯ଟି ଖେଳକୁ ବାଦ ଦିଆଯାଇଛି, ଯାହା ଭାରତର ବହୁ ସଂଖ୍ୟାର ମେଡାଲ ଆଶାକୁ କ୍ଷୀଣ କରିଦେଇଛି। ସବୁଠାରୁ ବଡ଼ କଥା ହେଉଛି, ଭାରତୀୟ ଆଥଲେଟଙ୍କ ଦବଦବା ରହିଥିବା ଖେଳ ଯଥା- ହକି, ବ୍ୟାଡମିଣ୍ଟନ, କୁସ୍ତି, ଶୁଟିଂ ଆଦି କ୍ରୀଡ଼ାକୁ ଇଭେଣ୍ଟରୁ ବାଦ ଦିଆଯାଇଛି। ଟେବୁଲ ଟେନିସ, ସ୍କ୍ୱାଶ, ରୋଡ ରେସିଂ ଭଳି ଖେଳଗୁଡ଼ିକୁ ମଧ୍ୟ ଇଭେଣ୍ଟରୁ ବାଦ ଦିଆଯାଇଛି। ଫଳରେ ଭାରତର ମେଡାଲ ସଂଖ୍ୟା ପ୍ରଭାବିତ ହେବାର ଆଶଙ୍କା କରାଯାଉଛି।

### ୧୯ ବଦଳରେ ହେବ ୧୦ ଖେଳ

କମନୱେଲଥ ଗେମ୍ସ ପ୍ରତି ୪ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ପୂର୍ବରୁ ୨୦୨୨ରେ ବର୍ମିଂହାମରେ ଅନୁଷ୍ଠିତ ରାଷ୍ଟ୍ରମଣ୍ଡଳ କ୍ରୀଡ଼ାରେ ୧୯ଟି ଖେଳ ସାମିଲ ଥିଲା। ହେଲେ ଏବେ ୨୦୨୬ ସଂସ୍କରଣ ପାଇଁ ଏହି ସଂଖ୍ୟାକୁ ୧୦ କରିଦିଆଯାଇଛି। ୨୦୧୪ରେ ଶେଷ ଥର ପାଇଁ ଗ୍ଲାସଗୋରେ ରାଷ୍ଟ୍ରମଣ୍ଡଳ କ୍ରୀଡ଼ା ଆୟୋଜିତ ହୋଇଥିଲା। ୨୦୨୬ ସଂସ୍କରଣ ଆୟୋଜନ ଅଧିକାର ଭିକ୍ଟୋରିଆ ପାଖରେ ରହିଥିଲା। ହେଲେ ଆର୍ଥିକ ଅସ୍ୱଚ୍ଛଳତା ଦର୍ଶାଇ ଆୟୋଜନ ଅଧିକାର ନିଜ ହାତରୁ ଛାଡ଼ିଦେଇଥିଲା ଭିକ୍ଟୋରିଆ। ଶେଷରେ ୧୨ ବର୍ଷ ପରେ ପୁଣିଥରେ ଗ୍ଲାସଗୋ ସିଟିକୁ କମନୱେଲଥ ଗେମ୍ସ ଫେରିଛି। ଇଭେଣ୍ଟକୁ ଆର୍ଥିକ-ଅନୁକୂଳ କରିବା ପାଇଁ ୯ଟି କ୍ରୀଡ଼ାକୁ ଏଥିରୁ ବାଦ ଦିଆଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ଭାରତ କାହିଁକି ହେବ ପ୍ରଭାବିତ ?

କମନୱେଲଥ ଗେମ୍ସରେ ଭାରତର ପ୍ରଦର୍ଶନ ବେଶ ଦୃଢ଼ ହୋଇଛି। ବିଶେଷ କରି ବର୍ତ୍ତମାନ ଇଭେଣ୍ଟରୁ ଅପସାରିତ ହୋଇଥିବା କ୍ରୀଡ଼ାରେ ଭାରତକୁ ଅଧିକ ସଫଳତା ମିଳିଛି। ହକି, ବ୍ୟାଡମିଣ୍ଟନ, ଶୁଟିଂ ଏବଂ କୁସ୍ତିରେ ଦେଶ ବହୁ ସଂଖ୍ୟାରେ ପଦକ ଜିତିଛି, ହେଲେ ଏସବୁ ଖେଳ ଆଗାମୀ ସଂସ୍କରଣରେ ସ୍ଥାନ ପାଇବ ନାହିଁ। ତେବେ ଆଗାମୀ ସଂସ୍କରଣରୁ ଶୁଟିଂକୁ ବାଦ ଦେବା ଦେଶ ପାଇଁ ବିଶେଷ କ୍ଷତିକାରକ। କାରଣ ଭାରତ ଶୁଟିଂରେ ଶ୍ରେଷ୍ଠ ପ୍ରଦର୍ଶନ ସହ କମନୱେଲଥ ଗେମ୍ସରୁ ୬୩ଟି ସ୍ୱର୍ଣ୍ଣ ସମେତ ୧୩୫ ପଦକ ହାସଲ କରିଛି, ଫଳରେ ଏହି ଇଭେଣ୍ଟରେ ଶୁଟିଂ ଦେଶର ଅନ୍ୟତମ ସଫଳ କ୍ରୀଡା ଭାବରେ ପରିଗଣିତ ହୋଇଛି। ବିଭିନ୍ନ ବର୍ଗରେ ୧୧୪ ପଦକ ସହିତ ରେସଲିଂ ମଧ୍ୟ ଭାରତ ପାଇଁ ରାଷ୍ଟ୍ରମଣ୍ଡଳ କ୍ରୀଡାରେ ଏକ ସଫଳ ଖେଳ ହୋଇପାରିଛି। ସେହିପରି ଇଭେଣ୍ଟରୁ ହକିକୁ ବାଦ ଦେବା ଭାରତ ପାଇଁ ଆଉ ଏକ ଝଟକା, କାରଣ ଭାରତର ପୁରୁଷ ଦଳ ୨୦୧୦, ୨୦୧୪ ଓ ୨୦୨୨ରେ ଏହି ଇଭେଣ୍ଟର ଫାଇନାଲରେ ପହଞ୍ଚି ରୌପ୍ୟ ପଦକ ହାସଲ କରିଥିଲା। ଏହା ବ୍ୟତୀତ ହକିରେ ଦେଶକୁ ପୁରୁଷ ଦଳ ଦୁଇଟି କାଂସ୍ୟ ପଦକ ମଧ୍ୟ ଆଣିଥିଲେ। ମହିଳା ହକି ଦଳର ପ୍ରଦର୍ଶନ ମଧ୍ୟ କମନୱେଲଥ ଗେମ୍ସରେ ଉଲ୍ଲେଖନୀୟ ଥିଲା। ୨୦୦୨ରେ ଫାଇନାଲରେ ପହଞ୍ଚି ଐତିହାସିକ ସ୍ୱର୍ଣ୍ଣ ସହିତ ୨୦୦୬ରେ ରୌପ୍ୟ ଓ ୨୦୨୨ରେ କାଂସ୍ୟ ପଦକ ଦେଶକୁ ଭେଟି ଦେଇଥିଲେ ଭାରତୀୟ ମହିଳା ହକି ଦଳ। ୧୦ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ, ଓ ୧୩ଟି କାଂସ୍ୟ ସହ ଭାରତ ୩୧ ପଦକ ଜିତିଥିବା ବ୍ୟାଡମିଣ୍ଟନ ଖେଳ ମଧ୍ୟ ଆଉ କମନୱେଲଥ ଗେମ୍ସର ଅଂଶ ହୋଇ ରହିବ ନାହିଁ।



ଜାତୀୟ ପାରା ସନ୍ତରଣ

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ ସହ ୧୩ ପଦକ

ଭୁବନେଶ୍ୱର, ୨୨।୧୦: ଗୋଆରେ ଚାଲିଥିବା ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ସନ୍ତରଣକାରୀଙ୍କ ଚମକ ଜାରି ରହିଛି। ପ୍ରଥମ ଦିନରେ ୩ (୧ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ) ପଦକ ଜିତିଥିବା ଓଡ଼ିଶା ସୋମବାର ଏଥିରେ ୧୩ (୬ ସ୍ୱର୍ଣ୍ଣ, ୬ ରୌପ୍ୟ, ୧ କାଂସ୍ୟ) ପଦକ ଜିତିଛି। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୬ରେ ପହଞ୍ଚିଛି। ୫୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍ ଏସ୍-୪ରେ କମଳାକାନ୍ତ ନାୟକ (୧:୧୪.୬୮) ଏବଂ ଏସ୍-୧୦ରେ ଦିନେଶ ମୋହନ ମାଝୀ (୩୭.୦୬) ସ୍ୱର୍ଣ୍ଣ ଜିତିଥିଲେ। ଏସ୍-୫ରେ ଆକାଶ ବାଛୋର (୫୪.୫୧) ସ୍ୱର୍ଣ୍ଣ ଓ ୫୦ ମିଟର ଫ୍ରିଷ୍ଟାଇଲ୍‌ରେ ୫୧.୯୧ ସେକେଣ୍ଡ ସହ ରୌପ୍ୟ ଜିତି ଯୁଗଳ ପଦକ କରାୟତ୍ତ କରିଥିଲେ। ଏସ୍-୪ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଓ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ କବିତା ଦଳାଇ ୨ ରୌପ୍ୟ ଜିତିଥିଲେ। ଏସ୍-୧୨ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରିଙ୍କି ବେହେରା (୧:୦୪.୯୧) ସ୍ୱର୍ଣ୍ଣ ପାଇଥିଲେ। ଏସ୍-୫ ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ କାହ୍ନା ପାତ୍ର (୧:୫୨.୮୬) ସ୍ୱର୍ଣ୍ଣ ଏବଂ ନରହରି ବେହେରା ରୌପ୍ୟ ପଦକ ପାଇଥିଲେ। ୫୦ ମିଟର ଫ୍ରିଷ୍ଟାଇଲ୍‌ରେ ନରହରିଙ୍କୁ (୪୫.୨୫) ସ୍ୱର୍ଣ୍ଣ ପଦକ ମିଳିଥିଲା। ୫୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍ ମହିଳା ଏସ୍-୯ରେ ଭାନୁମତି ବେହେରା ଓ ପୁରୁଷ ଏସ୍-୧୧ରେ ରଂଜନ କୁମାର ହାଁସ୍‌ଦା ରୌପ୍ୟ ପଦକ ଜିତିଥିଲେ। ଏସ୍-୧୧ ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ପୁରନ୍ଦର ରୋହିଦାସ କାଂସ୍ୟ ପାଇଥିଲେ।




ରାଜ୍ୟ ମିନି, ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ୍

# ଗୌତମ, ଆରାଧନା, ହର୍ଷିତ, ଅଂଭିତା ବିଜେତା

ଭୁବନେଶ୍ୱର, ୨୨।୧୦: ପୋଖରୀପୁଟ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ୟୋନେକ୍ସ-ସନ୍‌ରାଇଜ ରାଜ୍ୟ ମିନି ଓ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୧୧ ବର୍ଷରୁ କମ୍ ବାଳକରେ ବଲାଙ୍ଗୀରର ଜି ଗୌତମ ୨୧-୧୦, ୨୧-୧୬ରେ ଭୁବନେଶ୍ୱରର ପଂସୁଲ ସେଠୀଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି। ଏହି ବର୍ଗର ବାଳିକାରେ କୋରାପୁଟର ଆରାଧନା ବେବର୍ତ୍ତା ୨୧-୧୬, ୨୬-୨୪ରେ ଭୁବନେଶ୍ୱରର ବରଣ୍ୟ ପଟେଲଙ୍କୁ ହରାଇ ବିଜୟିନୀ ହୋଇଛନ୍ତି। ବାଳକ ଯୁଗଳରେ ଭୁବନେଶ୍ୱରର ମାଷ୍ଟର ଇଭାନ ଓ ରାଜବୀର ସ୍ୱାଇଁ ୧୮-୨୧, ୨୧-୧୨, ୨୧-୧୬ରେ ଅନୁଗୁଳ ଯୋଡ଼ି ଗଡୁଗୁ କାର୍ତ୍ତିକେୟ ଓ ଗଡୁଗୁ ସୂର୍ଯ୍ୟାଙ୍କୁ ହରାଇ ଟ୍ରଫି ଜିତିଛନ୍ତି। ୧୩ ବର୍ଷରୁ କମ୍ ବାଳକ ଏକକ ଫାଇନାଲ୍‌ରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ୨୧-୧୦, ୨୧-୧୪ରେ ଭୁବନେଶ୍ୱରର ଦୀପ୍ୟାଂଶୁ ଶର୍ମାଙ୍କୁ ଏବଂ ବାଳିକାରେ ଅଂଭିତା ପ୍ରହରାଜ ୨୧-୧୯, ୨୧-୧୮ରେ ସମୃଦ୍ଧି ରାଜ ବିଶ୍ୱାଳଙ୍କୁ ହରାଇ ବିଜେତା ହୋଇଛନ୍ତି। ଏହି ବୟସ ବର୍ଗର ବାଳକ ଯୁଗଳରେ ସମ୍ବଲପୁର-କଟକ ଯୋଡ଼ି ଅୟଙ୍କ ସାହୁ ଓ ହର୍ଷିତ ପ୍ରିୟଦର୍ଶୀ ବେହେରା ୨୧-୧୨, ୨୧-୧୯ରେ ଭୁବନେଶ୍ୱର ଯୋଡ଼ି ଦୀପ୍ୟାଂଶୁ ଶର୍ମା ଓ ସୋହନ ମହାପାତ୍ରଙ୍କୁ ପରାସ୍ତ କରି ଟ୍ରଫି ଜିତିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ଉତ୍କର୍ଷ କେନ୍ଦ୍ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅଧିକାରୀ ସ୍ୱରୂପ ନନ୍ଦନ ବେହେରା, ରାମ ଗୋବିନ୍ଦ ପରିଡ଼ା, ଧୀରାଜ ପଟ୍ଟନାୟକ, ଓସ୍‌ବା ସମ୍ପାଦକ ନିଲିନ କୁମାର, ସାଙ୍ଗଠନିକ ସମ୍ପାଦକ କମଲ ଦାସ, ପ୍ରତିଯୋଗିତା ସଂଯୋଜକ ଜୟପ୍ରକାଶ ଜେନା, ନିରଞ୍ଜନ ବିଶ୍ୱାଳ, ଅଜିତ ମହାନ୍ତି, ସୌଭାଗ୍ୟ ଜଗଦେବ, ଅବଦୁଲ ହକିମ ଯୋଗଦେଇ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଓଡ଼ିଶାକୁ ବିଜୟ ଦେଲେ ସନ୍ଦୀପ

ଭୁବନେଶ୍ୱର, ୨୨।୧୦ : ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ମୁକାବିଲାରେ ଘରୋଇ ଓଡ଼ିଶା ଦଳ ରୋମାଞ୍ଚକ ଭାବେ ୩ ପଏଣ୍ଟ କରାୟତ୍ତ କରିନେଇଛି। ପ୍ରଥମ ପାଳିରେ ୨ ରନ୍ ଅଗ୍ରଣୀ ପାଇଥିବା ଓଡ଼ିଶା ସମ୍ମୁଖରେ ଶେଷ ଦିନରେ ବିଜୟ ଲକ୍ଷ୍ୟ ୨୬୯ ରନ୍ ଥିଲା। ମାତ୍ର ୧୪ ରନ୍‌ରେ ୩ ୱିକେଟ୍ ହରାଇବା ପରେ ଘରୋଇ ଦଳ

**ରଣଜୀ ଟ୍ରଫି**

ବିଜୟ ଆଶା ଛାଡ଼ି ପରାଜୟ ଆଶଙ୍କା ଭିତରେ ପଡ଼ିଯାଇଥିଲା। କେବଳ ମ୍ୟାଚ୍ ବଞ୍ଚାଇ ୩ ପଏଣ୍ଟ ନିଶ୍ଚିତ କରିବା ଲକ୍ଷ୍ୟରେ ଖେଳିଥିଲା। ଏହାକୁ ହାସଲ କରିବାରେ ସନ୍ଦୀପ ପଟ୍ଟନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସମସ୍ତ ବ୍ୟାଟର୍ ରନ୍ ଅପେକ୍ଷା ରକ୍ଷଣାତ୍ମକ ଖେଳିବାକୁ ପସନ୍ଦ କରିଥିଲେ। ପ୍ରଥମ ପାଳିରେ ଶତକ ଅର୍ଜନ କରି ଦଳକୁ ଅଗ୍ରଣୀ ଦେଇଥିବା ଅଧିନାୟକ ଗୋବିନ୍ଦ ପୋଦ୍ଦାର (୩୩ ବଲ୍‌ରୁ ୯ ରନ୍) ବେଶୀ କିଛି କରି ପାରି ନଥିଲେ। ତେବେ ସନ୍ଦୀପ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳି ଅପରାଜିତ ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳକୁ ପରାଜୟରୁ ରକ୍ଷା କରିଥିଲେ। ସନ୍ଦୀପ ୨୨୨ ବଲ୍ ଖେଳି ୫୫* ରନ୍ କରିଥିଲେ। ତାଙ୍କୁ ବିପ୍ଳବ ସାମନ୍ତରାୟ (୧୨ ରନ୍, ୬୮ ବଲ୍) ଓ ରାଜେଶ ମହାନ୍ତି (୧୩ ରନ୍, ୬୦ ବଲ୍) ମଧ୍ୟ ପରାଜୟ ଟାଳିବାରେ ସହାୟତା କରିଥିଲେ। ଏପରିକି ଆଶୀର୍ବାଦ ସ୍ୱାଇଁ (୨୪ ବଲ୍‌ରୁ ୨ ରନ୍) ଓ ସୁମିତ ଶର୍ମା (୨୯ ବଲ୍‌ରୁ ୨ ରନ୍) ଜମ୍ମୁ କଶ୍ମୀରର ବିଜୟ ଆଶାକୁ ଭାଙ୍ଗି ଦେଇଥିଲେ। ଖରାପ ଅଲୋକ ଯୋଗୁଁ ଅମ୍ପାୟାର ମ୍ୟାଚ୍ ବନ୍ଦ କରିବା ବେଳକୁ ଓଡ଼ିଶା ୮ ୱିକେଟ୍ ହରାଇ ୧୧୨ ରନ୍ କରିଥିବାରୁ ଅମୀମାଂସିତ ରହିଥିଲା।



ସନ୍ଦୀପ ପଟ୍ଟନାୟକ (୨୨୨ ବଲ୍, ୫୫* ରନ୍)

ସୋମବାର ସକାଳେ ଜମ୍ମୁ କଶ୍ମୀର ୧୯୫/୪ରୁ ଖେଳ ଆରମ୍ଭ କରିଥିଲା। ଦଳ ଶେଷ ଦିନରେ ୧୪.୨ ଓଭର ଖେଳି ୨୭୦/୭ରେ ପାଳି ଘୋଷଣା କରିଥିଲା। ଅପରାଜିତ ବ୍ୟାଟର୍ ଅବ୍‌ଦୁଲ ସମଦ ପ୍ରଥମ ପାଳି ଭଳି ଏକା ଦ୍ୱିତୀୟ ପାଳି ସମ୍ଭାଳି ବିଜୟ ସୁଯୋଗ ଦେଇଥିଲେ। ସେ ୧୦୮ ବଲ୍‌ରୁ ୧୦୮ ରନ୍ ସଂଗ୍ରହ କରି ଅପରାଜିତ ଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୩ ଓ କାର୍ତ୍ତିକ ବିଶ୍ୱାଳ ୨ ୱିକେଟ୍ ନେଇଥିଲେ। ଦୁଇ ପାଳିରେ ଦୁଇଟି ଶତକ ଅର୍ଜନ କରିଥିବା ସମଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

**ସଂକ୍ଷିପ୍ତ ସ୍କୋର: ଜମ୍ମୁ କଶ୍ମୀର ପ୍ରଥମ ପାଳି ୨୭୦** (ଅବଦୁଲ୍ ସମଦ-୧୨୭, ସୁମିତ ଶର୍ମା-୫/୭୯, ରାଜେଶ ମହାନ୍ତି-୨/୪୭, ସୂର୍ଯ୍ୟକାନ୍ତ ପ୍ରଧାନ-୨/୫୦)। **ଓଡ଼ିଶା ପ୍ରଥମ ପାଳି ୨୭୨** (ଗୋବିନ୍ଦ ପୋଦ୍ଦାର-୧୩୩*, ଅବିଦ୍ ମୁସ୍ତାକ୍-୪/୮୪, ଉମର ନାଜିର ମୀର୍-୩/୩୩)। **ଜମ୍ମୁ କଶ୍ମୀର ଦ୍ୱିତୀୟ ପାଳି ୭୩.୨ ଓଭରରେ ୨୭୦/୭, ଘୋଷଣା** (ଅବଦୁଲ ସମଦ-୧୦୮*, ଶୁଭମ ଖଜୁରିଆ-୪୩, ଶୁଭମ ସିଂହ ପୁଦିର-୪୦, ସୂର୍ଯ୍ୟକାନ୍ତ ପ୍ରଧାନ-୩/୪୬, କାର୍ତ୍ତିକ ବିଶ୍ୱାଳ-୨/୨୫, ଦେବବ୍ରତ ପ୍ରଧାନ-୧/୩୬, ସୁମିତ ଶର୍ମା-୧/୬୦)। **ଓଡ଼ିଶା ଦ୍ୱିତୀୟ ପାଳି ୮୦.୪ ଓଭରରେ ୧୧୨/୮** (ସନ୍ଦୀପ ପଟ୍ଟନାୟକ-୫୫*, ରାଜେଶ ମହାନ୍ତି-୧୩, ଉମାର ନଜିର-୨/୮, ସାହିଲ ଲୋତ୍ରା-୨/୧୦, ଶୁଭମ ଖଜୁରିଆ-୨/୧୫, ଅବିଦ ମୁସ୍ତାକ-୨/୩୮)।

### ଅସ୍ତ୍ରୋପଚାର ପରେ ଶତକ

ନୂଆଦିଲ୍ଲୀ, ୨୨।୧୦: ତାମିଲନାଡୁ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀର ଯୁବ ବ୍ୟାଟର୍ ଯଶ ଧୂଲ୍ ଶତକ ଅର୍ଜନ ପରେ ଚର୍ଚ୍ଚାରେ ଅଛନ୍ତି। ଗତ ଜୁଲାଇ ମାସରେ ତାଙ୍କର ହାର୍ଟ ସର୍ଜରି ହେବା ପରେ ପ୍ରତ୍ୟାବର୍ତ୍ତନକୁ ନେଇ ଅନିଶ୍ଚିତତା ରହିଥିଲା। କିନ୍ତୁ ସଫଳତାର ସହ ରଣଜୀ ପ୍ରତ୍ୟାବର୍ତ୍ତନ କରି ୧୯୭ ବଲ୍‌ରୁ ୧୦୫* ରନ୍ କରିଛନ୍ତି। ତାମିଲନାଡୁର ପ୍ରଥମ ପାଳି ରନ୍ ୬୭୪/୬ (ଘୋଷିତ) କୁ ପିଛା କରି ଦିଲ୍ଲୀ ୨୬୬ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ଖେଳିଥିଲା। ଦ୍ୱିତୀୟ ପାଳିରେ ଦିଲ୍ଲୀ ୧୯୩/୮ ସ୍କୋର କରି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। କିନ୍ତୁ ରଣଜୀ ଋତୁ ପୂର୍ବରୁ ଯଶ ଯେଉଁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ତାହା ବହୁତ ଛୋଟ ଥିଲା ବୋଲି କହିଛନ୍ତି। ଜନ୍ମ ବେଳଠୁ ଏହି ସମସ୍ୟା ରହିଯାଇଥିଲା। ଯଦି ଏହାକୁ ଅଣଦେଖା କରିଥାନ୍ତେ, ଏହା ଗୁରୁତର ହୋଇଯାଇଥାନ୍ତା। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମିରେ ଥିବା ବେଳେ ଏହି ସମସ୍ୟା ବିଷୟରେ ଜାଣିଲି। ତେଣୁ ସର୍ଜରି ପରେ ଆତ୍ମବିଶ୍ୱାସ ଫେରି ପାଇବାକୁ ଏହି ଶତକ ଅତ୍ୟନ୍ତ ଜରୁରି ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଲର୍ଟରେ...

ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବାତ୍ୟା ପାରାଦ୍ୱୀପ ଉପକୂଳରେ ଘିନିଭୂତ ହୋଇଛି। ଏହା ପ୍ରଭାବରେ ଉପକୂଳ ଓଡିଶା, ଉତ୍ତର ଓଡିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବୁଧବାରଠାରୁ ବଢ଼ିବ ବର୍ଷାର ପରିମାଣ। ବାତ୍ୟା ପ୍ରଭାବରେ ଆସନ୍ତାକାଲି ସନ୍ଧ୍ୟା ବା ରାତିରୁ ପାଗରେ ପରିବର୍ତ୍ତନ ହେବ। ଶ୍ରୀମତୀ ମହାନ୍ତି କହିଛନ୍ତି, ଭୀଷଣ ବାତ୍ୟା ୨୪ ରାତି ଓ ୨୫ ସକାଳ ଭିତରେ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳର ପୁରୀରୁ ସାଗର ଦ୍ୱୀପ ଭିତରେ ସ୍ଥଳଭାଗ ଛୁଇଁବ। ଉପକୂଳ ଅତିକ୍ରମ କରିବା ବେଳେ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ଓ ଝଟକା ପବନ ୧୨୦ କିଲୋମିଟର ଛୁଇଁପାରେ।ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ସବୁ ବନ୍ଦରକୁ ୧ ନମ୍ବର ବିପଦ ସଂକେତ ଜାରି କରାଯାଇଛି ।

୨୩ରେ ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର. କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୨୪ ତାରିଖରେ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି।

ଏହାବାଦ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୫ ତାରିଖ ପାଇଁ ବି କିଛି ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ଫଳରେ ଏହି ସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏହି ଜିଲ୍ଲାଗୁଡ଼ିକ ହେଉଛି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ,ବାଲେଶ୍ୱର । ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଢେଙ୍କାନାଳ ଅନୁଗୁଳ, ଦେଓଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ବୋଲି କହିଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରାତିରେ ଭଟିଣ୍ଡାରୁ ହେଲିକପ୍ଟର ଯୋଗେ ୫ ଏନ୍‌ଡିଆର୍‌ଏଫ୍ ଟିମ୍ ଓଡ଼ିଶା ଆସୁଛନ୍ତି। ଏବେସୁଦ୍ଧା ବାତ୍ୟା ପ୍ରଭାବିତ ହେବାକୁ ଥିବା ୧୪ ଜିଲ୍ଲାରେ ୫୧ଟି ଓଡ୍ରାଫ ଟିମ୍, ୧୭୮ଟି ଅଗ୍ନିଶମ ବାହିନୀ ଟିମ, ୨୦ଟି ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି। ଆବଶ୍ୟକ ପଡ଼ିଲେ ଅତିରିକ୍ତ ଉଦ୍ଧାରକାରୀ ଟିମ୍ ମୁତୟନ କରାଯିବ।

### ୯ ମନ୍ତ୍ରୀଙ୍କୁ...

ଚନ୍ଦ୍ର ପାତ୍ର, କଟକ ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ସମ୍ଭାବ୍ୟ ବାତ୍ୟା ଆସନ୍ତା ୨୪ତାରିଖ ରାତି ଅବା ୨୫ତାରିଖ ଭୋର ସମୟରେ ପୁରୀରୁ ସାଗର ଦ୍ୱୀପ ମଧ୍ୟରେ ସ୍ଥଳଭାଗରେ ମାଡ଼ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ପୁରୀ ସର୍କଲ ଅନ୍ତର୍ଗତ ସମସ୍ତ ଜିଲ୍ଲାରେ ଥିବା କେନ୍ଦ୍ରୀୟ ସଂରକ୍ଷିତ ଐତିହ୍ୟସ୍ଥଳୀକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ।

### ସହଯୋଗ ପାଇଁ...

ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହିବା ଆବଶ୍ୟକ। ବିଧାୟକ/ବିଧାୟିକାମାନେ ନିଜ ନିଜ ଅଞ୍ଚଳବାସୀଙ୍କ ସହିତ ରହି ସେମାନଙ୍କୁ ଆବଶ୍ୟକ ସହାୟତା ଦେବା ପାଇଁ ଯଥା ସମ୍ଭବ ଉଦ୍ୟମ କରନ୍ତୁ। ଏହାଦ୍ୱାରା ବାତ୍ୟା ମୁକାବିଲା ଉଦ୍ୟମ ଓ ପରବର୍ତ୍ତି ପଦକ୍ଷେପ ଅଧିକ ସଫଳ ହୋଇପାରିବ।

### ୩ ଦିନ ଉଚ୍ଚ...

ଚିଠି କରିଛି ବିଭାଗ । ସମ୍ଭାବ୍ୟ ବାତ୍ୟା 'ଦାନା' ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାର ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ,ସମ୍ଭାବ୍ୟ ବାତ୍ୟା ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ପୁରୀରୁ ପଶ୍ଚିମବଙ୍ଗର ସାଗର ଦୀପପୁଞ୍ଜ ମଧ୍ୟରେ ଉପକୂଳ ଅତିକ୍ରମ କରିବା ନେଇ ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଉପରୋକ୍ତ ୧୪ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ସହିତ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ରହିବା ଆକଳନ କରାଯାଇଛି।

### ସେବାରେ ଅବହେଳା...

ବିଭାଗ ଅଧୀନ ଓଭରହେଡ୍ ପାଣି ଟାଙ୍କିଗୁଡିକ ଶତ ପ୍ରତିଶତ ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶକ୍ତି ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ବିଭାଗ ଏବଂ ଅନ୍ୟ ବିଭିନ୍ନ ସେବା ପାଇଁ ସମନ୍ୱୟ ରଖି ଆବଶ୍ୟକ ଜେନେରେଟର ସେଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେନେରେଟର ସେଟ୍ ଗୁଡିକର ସଚଳ ରହିବା ପାଇଁ ଯାନ୍ତ୍ରିକ ସ୍ଥିତି ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆବଶ୍ୟକ ସମସ୍ତ କର୍ମଚାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦିଆଯାଇଛି। ଜେନେରେଟର ସେଟ୍ ଗୁଡିକ ଡିଜେଲ ସହ ପ୍ରସ୍ତୁତ ରଖିବା ସହିତ ଯଥା ଶୀଘ୍ର ସେଗୁଡିକ ଟ୍ରାଏଲ ରନ ( ପରୀକ୍ଷା କରି ପ୍ରସ୍ତୁତ ରଖିବାକୁ) ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାତ୍ୟା ପରବର୍ତ୍ତୀ ସମୟରେ ଆବଶ୍ୟକ ହେଉଥିବା ସ୍ଥାନ ଓ ଅଂଚଳ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ପାଇଁ ଯଥେଷ୍ଟ ପ୍ରସ୍ତୁତି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଆବଶ୍ୟକ ଜଳ ସଂଚୟ ରଖିବା, ବାତ୍ୟା ସମୟରେ ଓ ବାତ୍ୟା ପରବର୍ତ୍ତୀ ସମୟରେ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଜଳର ଉପଯୁକ୍ତ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସବୁ ବିଭାଗ ସମନ୍ୱୟ ରଖି କାମ କରିବାକୁ କୁହାଯାଇଛି।

ବୈଠକରେ ଗତ ସେପ୍ଟେମ୍ବର ସୁଦ୍ଧା ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ବାବଦରେ କରାଯାଇଥିବା ଖର୍ଚ୍ଚ ଉପସ୍ଥାପନ କରାଯାଇ ବଜେଟ ଅନୁମୋଦନ ମୁତାବକ ଅର୍ଥର ଉପଯୋଗକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଗତ ବର୍ଷ ତୁଳନାରେ ଚଳିତ ସେପ୍ଟେମ୍ବର ୨୦୨୪ ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ଆଦାୟ ୧୩.୭୩ ପ୍ରତିଶତ ବୃଦ୍ଧି ଘଟିଥିବା ବୈଠକରୁ ଜଣାଯାଇଛି। ଅନ୍ୟ ସରକାରୀ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଗୁରୁତ୍ୱ ଦେବା ସହିତ ମୁଖ୍ୟ ଶାସନ ସଚିବ ବିଭିନ୍ନ ପ୍ରସଙ୍ଗରେ ସଚିବମାନଙ୍କ ସହିତ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ , ରାଜସ୍ୱ ବିଭାଗ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂ , ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ

ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥନନ୍‌ଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

### ଅବସର ପରେ...

ଆୟୋଜିତ ଅମିନ,ଆରଆଇ, ଫରେଷ୍ଟର ସମେତ ବିଭିନ୍ନ ପରୀକ୍ଷାରେ ଅନିୟମିତତାର ଅଭିଯୋଗ ଆଣି ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟ ସରକାର ଏହି ପରୀକ୍ଷାକୁ ସ୍ୱଚ୍ଛତା ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାସହିତ ଓଏସଏଏସଏସସିରେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଦେଇ ପରୀକ୍ଷା ବ୍ୟବସ୍ଥାରେ ପାରଦର୍ଶୀତା ଆଣିବାକୁ ପ୍ରୟାସ କରିଛନ୍ତି।

### ୧୫ରେ...

ଟଙ୍କା ଟ୍ରାନ୍ସଫର୍ କରାଯିବ। ନଭେମ୍ବର ୧୫ ଦିନ ୧୧ଟାରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ହେଲିକପ୍ଟର ଯୋଗେ ଆୟୋଜନସ୍ଥଳକୁ ଯିବେ। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ୍ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟର ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିବେ।

### ସ୍ଥାନାନ୍ତର ହେବେ...

୫ ଏନ୍‌ଡିଆର୍‌ଏଫ୍ ଟିମ ଭୁବେନେଶ୍ୱରରେ ପହଞ୍ଚିବେ। ୧୩ ଜିଲ୍ଲାରେ ପ୍ରଭାବ ପଡ଼ିବ। ୬ ଜିଲ୍ଲାରେ ବେଶୀ ପ୍ରଭାବ ରହିଛି। ସେଠାକୁ ଅଫିସରଙ୍କୁ ପଠାଯାଇଛି। ବାଲେଶ୍ୱର, ଭଦ୍ରକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ମୟୁରଭଞ୍ଜ ଜିଲ୍ଲାରେ ବେଶୀ ପ୍ରଭାବ ପଡିପାରେ। ଆଶ୍ରୟ ସ୍ଥଳରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇଛି। ଆଶ୍ରୟ ସ୍ଥଳରେ ପୁରୁଷ ଓ ମହିଳା ପୋଲିସ ନିୟୋଜିତ ହେବେ। ପଶୁ ସମ୍ପଦର ସୁରକ୍ଷା ପାଇଁ ଉଚ୍ଚ ଜାଗାରେ ବ୍ୟବସ୍ଥା କରାଯାଇଛି। ବନ୍ୟା ପରେ ଛୋଟ ବଡ଼ ରୋଗର ପ୍ରତିଷେଧକ ପାଇଁ ବ୍ୟବସ୍ଥା ହୋଇଛି। ଅତୀତରେ ସ୍ୱେଚ୍ଛାସେବୀ କାମ କରିଥିବା ବ୍ୟକ୍ତିମାନଙ୍କୁ ନିୟୋଜିତ କରାଯିବ। ୨୦ ଫୁଟ ଉଚ୍ଚ ମେକାନାଇଜ ଲାଇଟ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାପ୍ତ ପେଟ୍ରୋଲ, ଡିଜେଲ ଓ କିରୋସିନ ଗଛିତ ପାଇଁ ଜିଲ୍ଲପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରେ କ୍ଷୟକ୍ଷତିର ଆକଳନ ସହ ଉପଯୁକ୍ତ କ୍ଷତିପୂରଣ ସରକାର ଦେବେ।

### ୧୭୮ ଟ୍ରେନ୍...

ହାୱଡ଼ା-ଭୁବନେଶ୍ୱର, ହାୱଡ଼ା-ପୁରୀ, ପାଟନା-ପୁରୀ, ସାଲିମାର-ପୁରୀ, ଭଞ୍ଜପୁର-ପୁରୀ, ହାୱଡ଼ା-ପୁରୀ, ଆନନ୍ଦବିହାର-ପୁରୀ, ହାୱଡା-ଭଦ୍ରକ, ବାଲେଶ୍ୱର-ଭଦ୍ରକ, ଖଡ଼କପୁର-ଭଦ୍ରକ, ଭଦ୍ରକ-କଟକ, ଖଡଗପୁର-ଯାଜପୁର କେନ୍ଦୁଝର ରୋଡ୍, ସମ୍ବଲପୁର-ପୁରୀ, ରାଉରକେଲା-ଭୁବନେଶ୍ୱର, ରାଉରକେଲା-ପୁରୀ, ରାଉରକେଲା-ପୁରୀ(ଭିବି), ପୁରୀ-ଆଜମେର୍, ପୁରୀ-ଖୋର୍ଦ୍ଧା ରୋଡ୍, ଖୋର୍ଦ୍ଧାରୋଡ୍-କେନ୍ଦୁଝର ଗଡ଼, ପାରାଦୀପ-କଟକ, ଭଦ୍ରକ-ଖଡ଼ଗପୁର, ବିଶାଖାପାଟଣା-ପଲାସା, ଭୁବନେଶ୍ୱର-ହାୱାଡା, ପୁରୀ-ସାଲିମାର, ପୁରୀ-ହାୱାଡ଼ା, ବିଶାଖାପାଟଣା-ବ୍ରହ୍ମପୁର, ପୁରୀ-ରାଉରକେଲା ପ୍ରମୁଖ ଟ୍ରେନ୍ ବାତିଲ ହୋଇଛି। ୨୫ ତାରିଖରେ ଭଦ୍ରକ-ପଲାସା, ଜଳେଶ୍ୱର-ପୁରୀ, ବାଙ୍ଗିରିପୋଷୀ-ପୁରୀ, ଖଡଗପୁର-ଖୋର୍ଦ୍ଧା ରୋଡ୍, ହାୱଡା-ପୁରୀ, କେନ୍ଦୁଝର ଗଡ଼-ଖୋର୍ଦ୍ଧା ରୋଡ୍, ଦୀଘା-ବିଶାଖାପାଟଣା, ଭୁବନେଶ୍ୱର-ବିଶାଖାପାଟଣା, ବ୍ରହ୍ମପୁର-ବିଶାଖାପାଟଣା, ଦଶପଲ୍ଲା-ପୁରୀ, ସୋନପୁର-ପୁରୀ, ସାଲିମାର-ପୁରୀ, ହାୱଡ଼ା-ପୁରୀ, ସାଲିମାର-ପୁରୀ, ସାଲିମାର-ସମ୍ବଲପୁର, ଗୁଣପୁର-ବିଶାଖାପାଟଣା, ବ୍ରହ୍ମପୁର-ବିଶାଖାପାଟଣା, ଭୁବନେଶ୍ୱର-ହାୱଡା, ଭୁବନେଶ୍ୱର-ସୋନପୁର, ଭୁବନେଶ୍ୱର-ନୂଆଦିଲ୍ଲୀ(ରାଜଧାନୀ ଏକ୍ସପ୍ରେସ), ବିଶାଖାପାଟଣା-ଗୁଣପୁର ପ୍ରମୁଖ ଟ୍ରେନ୍ ବାତିଲ ହୋଇଛି। ୨୬ ତାରିଖରେ ଅହମ୍ମଦାବ-ପୁରୀ, ନିଜାମୁଦ୍ଦିନ-ପୁରୀ, ଜୟନଗର-ପୁରୀ ପ୍ରମୁଖ ଟ୍ରେନ୍ ବାତିଲ କରାଯାଇଛି।

### ୬ ଜିଲ୍ଲା ଦାୟିତ୍ୱରେ...

ଆବଣ୍ଟିତ ଜିଲ୍ଲାରେ ରହି ତଦାରଖ କାର୍ଯ୍ୟ କରିବେ। ବାଲେଶ୍ୱର ଜିଲ୍ଲା ପାଇଁ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଭଦ୍ରକ ପାଇଁ ତ୍ରିଲୋଚନ ମାଝୀ, ପୁରୀ ପାଁ ବଳବନ୍ତ ସିଂ, ମୟୂରଭଞ୍ଜ ଜିଲ୍ଲା ପାଇଁ ବିନିତ୍ ଭରଦ୍ୱାଜ, ଜଗତସିଂହପୁର ଜିଲ୍ଲା ପାଇଁ ଯାମିନୀ ଷଡ଼ଙ୍ଗୀ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସମର୍ଥ ବର୍ମାଙ୍କୁ ଦାୟିତ୍ୱରେ ରଖାଯାଇଛି। ଏସବୁ ଅଫିସରଙ୍କୁ ବିଭାଗରୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି।

## ଓସିଏସ୍‌ରେ ଆଲବର୍ଟଙ୍କ କୃତକାର୍ଯ୍ୟ ପରେ ଦଳିତ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୨୨।୧୦ (ସଂଚାର ବ୍ୟୁରୋ) :** ଓଡିଶା ସିଭିଲ ସର୍ଭିସ ପରୀକ୍ଷାଫଳ ୨୦୨୨ ପ୍ରକାଶ ପାଇଥିବାବେଳେ ଜଗତସିଂହପୁର ବ୍ଲକର ମାର୍କଣ୍ଡପୁର ଗ୍ରାମର ଗଣେଶ୍ୱର ହାଁସଦା ଙ୍କ ପୁଅ ଅଲବର୍ଟ ହାଁସଦା ୫୭୨ ରାଙ୍କ ରଖି କୃତ କାର୍ଯ୍ୟ ହେବାସହ ଅଞ୍ଚଳର ଗୌରବାକୁ ଦିଗୁଣିତ କରିଛନ୍ତି । ଆଲୱ୍ରର୍ଟ ରାହାମା ନବୋଦୟ ବିଦ୍ୟାଳୟ ରେ ଯୁକ୍ତ ୨ ଉତ୍ତୀର୍ଣ୍ଣ ପରେ ଭୁବନେଶ୍ୱର ବିଜେପି କଲେଜରେ ସ୍ନାତକ ପଢାସରିବା ପରେ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ଆଗ୍ରହ



ପ୍ରକାଶ କରି ଦୈନଦିନ ୮ ଘଣ୍ଟା ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରି ୨୦୨୨ ମସିହାରେ ପରୀକ୍ଷା ଦେଇଥିଲେ ଏବଂ କୃତକାର୍ଯ୍ୟ ହୋଇଛନ୍ତି । ଦଳିତ ବିକାଶ ପରିବାରରୁ ଏହି ସଫଳତା ପାଇଁ ତାଙ୍କ ଜନ୍ମମାଟିର ସମସ୍ତ ଗୁରୁଜନ ବନ୍ଧୁବର୍ଗ ଓ ସମ୍ପ୍ରଦାୟ ପରିବାର ପକ୍ଷରୁ କୃତଜ୍ଞତା ଜଣାଇବା ସହ ତାଙ୍କର ଜୀବନ ଉଜ୍ଜ୍ୱଳ ଭବିଷ୍ୟତ କାମନା ଜଣାଇଛନ୍ତି । ସେହିପରି ଜିଲ୍ଲା ଦଳିତ ବିକାଶ ପରିଷଦ ସଂଘ ପକ୍ଷରୁ ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆଲବର୍ଟ ହାଁସଦା ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଆଶା ଆଶଙ୍କା ପୂରଣ କରିଥିବାରୁ ଦଳର ସଭାପତି ଶ୍ରୀ ଦାସ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରୀ ଆଲବର୍ଟ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, ବରିଷ୍ଠ ଦଳିତ ସମାଜସେବୀ ଅଶୋକ ସାମଲ, ପୂର୍ଣ୍ଣ ଚନ୍ଦ୍ର ଦାସ, ଅଜୟ କୁମାର କାଣ୍ଡି ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇଥିଲେ ।

### ବାତ୍ୟା ପାଇଁ ଚିନ୍ତାରେ ଚାଷୀ

## ୩୪୦ ଏକର ପାଚିଲା ଧାନ ନଷ୍ଟ ଆଶଙ୍କା

**ନାଉଗାଁ, ୨୨।୧୦ (ସଂଚାର ବ୍ୟୁରୋ) :** ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁ ପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରୁଥିବା ବେଳେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଚାଷୀମାନେ ଚିନ୍ତାରେ ରହିଛନ୍ତି। ବ୍ଲକରେ ସମୁଦାୟ ୭ହଜାର ହେକ୍ଟର ଚାଷ ଜମିରେ ଶାରଦ ଓ ଲଘୁ ଜାତୀୟ ଧାନ ଚାଷ କରାଯାଇଛି। କୃଷି କାର୍ଯ୍ୟାଳୟ ତଥ୍ୟ ଅନୁସାରେ ବ୍ଲକର ୩୪୦ଏକର ଚାଷ ଜମିରେ ଲଘୁଜାତୀୟ ଧାନ ଚାଷ ହୋଇଥିବା ବେଳେ ସର୍ବାଧିକ ଓଷକଣା ପଞ୍ଚାୟତରେ ୨ଶହ ଏକର, ଶିଖର ପଞ୍ଚାୟତରେ ୧୦୦ଏକର, ଗଳଧାରୀ, କୋରୁଅ, ଡେରିକି ଓ ଓଷକଣା ପଞ୍ଚାୟତର ୪୦ଏକର ଚାଷ ଜମିରେ ଚାଷ କରାଯାଇଛି। ଉକ୍ତ ଲଘୁ ଜାତୀୟ ଧାନ ପାଖାପାଖି ଶତକଡା ୮୦ ଭାଗ ପାଚି ଯାଇଥିବା ଜଣାଯାଇଛି। ଏହି ଲଘୁ ଜାତୀୟ ଧାନ ଅକ୍ଟୋବର ମାସରେ ହିଁ ଅମଳ କରାଯାଇଥାଏ। ତେଣୁ ଚାଷୀମାନେ ଧାନ ଅମଳ କରିବାକୁ ବସିଥିବା ବେଳେ ସମ୍ଭାବ୍ୟ



ବାତ୍ୟାରେ ଯଦି ପ୍ରବଳ ବର୍ଷା ହୁଏ ତେବେ ତେବେ ପାଚିଲା ଧାନ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ଅନେକ ଚାଷୀ ତରବରିଆ ହୋଇ ଅଧା ପାଚିଲା ଧାନ କାଟୁଥିବାର ଦେଖାଯାଇଛି।

ସେହିପରି ସମସ୍ତ ପଞ୍ଚାୟତରେ ଶାରଦ ଧାନ ଚାଷ ହୋଇଥିବା ବେଳେ ଧାନ ଥୋଡ ବାହାରିବା ଉପରେ ରହିଛି। ଏହି ସବୁ ପଞ୍ଚାୟତରେ ଧାନ ଥୋଡ ବାହାରିବା ସମୟରେ ହିଁ ରବି ଚାଷ ପାଇଁ ବିହନ ପକାଯାଇଥାଏ। ତେଣୁ ଅଧିକାଂଶ ଚାଷୀ ବିରି ବୁଣାବୁଣି କରିସାରିଛନ୍ତି। ଯଦି ବର୍ଷା ହୁଏ ତେବେ ରବି ଫସଲ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ଏବିଷୟରେ ନାଉଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ଅଗ୍ନି ପଣ୍ଡାଙ୍କୁ ପଚାରିବାରେ ଲଘୁ ଜାତୀୟ ଧାନ ପ୍ରାୟ ପାଚି ଗଲାଣୀ, ଅତ୍ୟଧିକ ବର୍ଷା ହେବା ସହିତ ସାମାନ୍ୟ ପବନ ବହିଲେ ପାଚିଲା ଧାନ ପାଣିରେ ପଡ଼ି ଗଜା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି।

## ଗୋଚର ଜମିରେ ବେଆଇନ୍ ରାସ୍ତା

**ବାଲିଅନ୍ତା, ୨୨।୧୦ (ସଂଚାର ବ୍ୟୁରୋ) :** ବାଲିଅନ୍ତା ପଞ୍ଚାୟତ ଅଧିନ ତଥା ବ୍ଲକ ବାଲିଅନ୍ତା ତହସିଲ ଅନ୍ତର୍ଗତରେ ଥିବା କଞ୍ଚିଲୋ ଗ୍ରାମରେ ଗୋଚର ଜମିରେ ହେଉଛି ବେଆଇନ୍ ରାସ୍ତା। ଦିନକୁ ଦିନ ଜମି ଦଲାଲଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ ଖାଲି ନିଜସ୍ୱ ଜମି ନୁହେଁ ସରକାରୀ ଗୋଚର ଜମିକୁ ମଧ୍ୟ ଜମି ଦଲାଲ ଛାଡ଼ି ନାହାନ୍ତି । ଯେଉଁ ଜମି କିସମରେ ରାସ୍ତା ଯିବାକୁ କୌଣସି ପ୍ରକାର ଅନୁମତି ନାହିଁ ସେଠି ଅଞ୍ଚଳର କିଛି ମାଫିଆମାନେ ସକ୍ରିୟ ହୋଇ ସରକାରୀ ଗୋଚର ଜମିକୁ ମଧ୍ୟ ଛାଡି ନାହାନ୍ତି। ଯାହାକୁ ନେଇ ପୂର୍ବରୁ ଗ୍ରାମବାସୀ ବାଲିଅନ୍ତା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ ହେଲେ ପ୍ରଶାସନ ନୀରବ। କଞ୍ଚିଲୋ ଗ୍ରାମକୁ କୋଡ଼ିଏରୁ ତିରିଶ ଫୁଟ ରାସ୍ତା ଥିବା ବେଳେ ଟଙ୍କା ପଇସାର ଲୋଭାଗ୍ରସ୍ତ ହୋଇ ଗ୍ରାମରେ ଥିବା ଗୋଚର ଜମିରେ କୌଣସି ଅନୁମତି ନଥାଇ ବେଆଇନ୍ ରାସ୍ତା କରିଛନ୍ତି। ଯଦି ସରକାର ଏବଂ ପ୍ରଶାସନଙ୍କ ପକ୍ଷରୁ ଆଗାମୀ ଦିନରେ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଗ୍ରାମବାସୀମାନେ ଦୃଢ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି

## ଅସ୍ତରଙ୍ଗର ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ

**କାକଟପୁର/ଅସ୍ତରଙ୍ଗ, ୨୨।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଦାନା' ଅକ୍ଟୋବର ୨୪ ତାରିଖରେ ସ୍ଥଳଭାଗ ଛୁଇଁବ। ଏହା ଓଡିଶାରେ ମାଡ଼ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି। ଏହାର ପ୍ରଭାବ ପୁରୀ ଜିଲ୍ଲା ସହ ଆଖପାଖ ଜିଲ୍ଲାରେ ଅନୁଭୂତ ହେବ। ୨୩ତାରିଖ ସକାଳୁ ବାତ୍ୟା ପ୍ରଭାବ ରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା କରାଯାଉଛି। ଏହାର ମୁକାବିଲା



ପାଇଁ ପୁରୀ ଜିଲ୍ଲାପ୍ରଶାସନ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପ୍ରସ୍ତୁତି ଆରମ୍ଭ ହୋଇଛି। ବାତ୍ୟା ପ୍ରଭାବରେ ଯେପରି ଧନଜୀବନ ହାନୀ ନ ଘଟେ, ସେଥିପାଇଁ ପ୍ରତ୍ୟେକ ବିଭାଗର ଅଧିକାରୀଙ୍କୁ ସତର୍କ ରହିବାକୁ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ବୈଠକରେ ସୂଚନା ଦେଇଛନ୍ତି।

ବ୍ଲକ ଅଧକ୍ଷା ଆରତୀ ନାୟକ କହିଛନ୍ତି ବାତ୍ୟା ପାଇଁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି। ଅସ୍ତରଙ୍ଗ ତହସିଲଦାର କହିଛନ୍ତି ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରି ଧନଜୀବନହାନୀକୁ ରୋକିବାରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି ଆର ଏସଙ୍କୁ ଖାଲୁଆ ଓ ତଳିଆ ଅଂଚଳ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଅଂଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଚାଳ ଓ ମାଟି ଘରର ଲୋକଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନେବାକୁ ପରାମର୍ଶ ଦେଇଥିଲେ। ଲୋକେ ସତର୍କ ରୁହନ୍ତୁ, କିନ୍ତୁ ଅଯଥା ଭୟଭୀତ ନ ହେବାକୁ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି।

ବାତ୍ୟାରେ ଗଛ ଭାଙ୍ଗି ରାସ୍ତା ଅବରୋଧ କଲେ ତୁରନ୍ତ ଅପସାରଣ, ବନ୍ୟା ହେଲେ ଲୋକଙ୍କୁ ସହାୟତା ପାଇଁ ଅଗ୍ନିଶମ, ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାର ୧୧ଟି ବ୍ଲକ ମଧ୍ୟରୁ ଅସ୍ତରଙ୍ଗ ବାତ୍ୟାପ୍ରବଣ ଅଂଚଳ ଭାବେ ଚିହ୍ନଟ କରାଯାଇଛି। ବ୍ଲକ ପ୍ରଶାସନ ପ୍ରସ୍ତୁତି ବୈଠକ ରେ ବ୍ଲକ ଅଧକ୍ଷା ଆରତୀ ନାୟକ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼, ବିଭିନ୍ନ ଲାଇନି ଡିପାଟମେଣ୍ଟର ଅଧିକାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ।



**କାକଟପୁର/ଅସ୍ତରଙ୍ଗ:** ପାଣିପାଗ ବିଭାଗର ଆକଳନ ଅନୁଯାୟୀ ସୃଷ୍ଟି ହୋଇଥିବା ଲଘୁଚାପ ସମ୍ଭାବ୍ୟ ବାତ୍ୟାର ରୂପନେବା ସୂଚନା କ୍ରମେ ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ମଙ୍ଗଳବାର ପୁରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ) କୈଳାଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା ପାଇଁ କ୍ଷେତ୍ରୀୟ ସ୍ତରରେ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା ଓ ବ୍ଲକ ପ୍ରଶାସନ ସହ ସ୍ୱତନ୍ତ୍ର ସ୍ୱତନ୍ତ୍ର ବୈଠକ କରିଥିଲେ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବାତ୍ୟାଆଶ୍ରୟସ୍ଥଳୀ ପରିଦର୍ଶନ କରି ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା ସହ ଆବଶ୍ୟକ ସ୍ଥଳେ ନିରାପଦ ସ୍କୁଲ ଗୁଡିକୁ ମଧ୍ୟ ଆଶ୍ରୟସ୍ଥଳୀ ରୂପେ ଚିହ୍ନଟ କରିବାକୁ କୁହାଯାଇଛି। ତଳିଆ ଅଂଚଳରୁ ଲୋକମାନଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ନେଇ ସେମାନଙ୍କୁ ସଚେତନ କରାଇଥିଲେ। ମଧ୍ୟାହ୍ନରେ ଅସ୍ତରଙ୍ଗ ବ୍ଲକ ଆଭାସୀ ଗୃହରେ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ଓ ବ୍ଲକ ପ୍ରଶାସନ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ। ଏହା ପରେ ଅତିରିକ୍ତ ଜିଲ୍ଲାପାଳ, ମତ୍ସ୍ୟ ଉପନିର୍ଦ୍ଦେଶକ (ପୁରୀ ଜୋନ)ନରସିଂହ ମୁଣ୍ଡ, ସହ ମତ୍ସ୍ୟଧିକାରୀ ସତ୍ୟବ୍ରତ ଦାସ, ନୂଆଗଡ ଜେଠି ପରିଦର୍ଶନ କରି ବୋଟ ଗୁଡିକ ସୁରକ୍ଷିତ ସ୍ଥାନକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

### ଶିକ୍ଷା ବିଭାଗର ଦୀପ ତଳ ଅନ୍ଧାର

## ଶିକ୍ଷକ ଅଭାବ, ଗେଟ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ

**ନୟାଗଡ଼, ୨୨।୧୦ (ସଂଚାର ବ୍ୟୁରୋ) :** ୧୯୪୦ ମସିହାର ପୁରୁଣା ସ୍କୁଲ ନିଉ ଟାଉନ ସରକାରୀ ସ୍କୁଲ । ଏହି ସ୍କୁଲରେ ପାଠ ପଢି କେତେକ ଛାତ୍ରଛାତ୍ରୀ ବଡ଼ ବଡ଼ ପଦବୀ ନିଯୁକ୍ତି ପାଇଛନ୍ତି । କିନ୍ତୁ ଆଜି ଉକ୍ତ ସ୍କୁଲରେ ଶିକ୍ଷାର ମାନ କମିବା ସହ ଶିକ୍ଷକ ଅଭାବ ଦେଖାଦେଇଛି । ତେଣୁ ସରକାରୀ ସ୍କୁଲର ଉପସ୍ଥାନ ସଂଖ୍ୟା କମିବାରେ ଲାଗିଛି । ହଁ ଆଜ୍ଞା, ଶିକ୍ଷା ବିଭାଗର ଅଜବ ନିତି ଯୋଗୁଁ, ଦୀପ ତଳ ଅନ୍ଧାର ସଦୃଶ ହେବାକୁ ବସିଛି । ନୟାଗଡ଼ ପୌରାଞ୍ଚଳ ଅନ୍ତର୍ଗତ ନିଉ ଟାଉନ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ସ୍କୁଲ ଗେଟରେ ତାଲା ମାରି ଆନ୍ଦୋଳନରେ ସାମିଲ ହେଲେ । ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୩୪ ଜଣ



ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ସ୍କୁଲ କମିଟିର ସଭାପତି କହିବା ମୁତାବକ ୨୦୨୩ ମସିହାରେ ଜଣେ ଶିକ୍ଷକ ଏହି ସ୍କୁଲରୁ ଅବସର ନେଇଥିଲେ । ପର ମୁହୂର୍ତ୍ତରେ ୨୦୨୪ ମସିହାରେ ଆଉ ଜଣେ ଶିକ୍ଷକ ଅବସର ନେଇଥିଲେ । ଜଣେ ମାତ୍ର ଶିକ୍ଷକ ସମସ୍ତ କ୍ଲାସରେ ପାଠ ପଢ଼ାଇବା ପାଇଁ ସମ୍ଭବ ନୁହେଁ । ଏଥି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ବାରମ୍ବାର ଦୃଷ୍ଟିଗୋଚର କରାଯାଇଥିଲା। ନୂତନ ଶିକ୍ଷକ ନିଯୁକ୍ତି ହେଲେ ଉକ୍ତ ସ୍କୁଲକୁ ଜଣେ ଶିକ୍ଷକଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନୂଆ ଶିକ୍ଷକ ନିଯୁକ୍ତି ହୋଇଥିଲେ ମଧ୍ୟ ଉକ୍ତ ସ୍କୁଲକୁ ଶିକ୍ଷକ ଦେଇନଥିବାରୁ ଆଜି ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆଉ ଜଣେ ଶିକ୍ଷକଙ୍କୁ ଏହି ସ୍କୁଲକୁ ଡେପୁଟେସନରେ ଦିଆଯାଇଥିଲେ ମଧ୍ୟ ସେ ପ୍ରାୟ ସମୟ ସ୍କୁଲ ନଆସି ଅନ୍ୟାନ୍ୟ ଅଫିସ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି । ଛାତ୍ରଛାତ୍ରୀ ମାନଙ୍କ ଆନ୍ଦୋଳନ ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ ଆସି ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରୁ ହଟିଥିଲେ ।



## ବାତ୍ୟା ମୁକାବିଲା ପାଇଁ ପାଟକୁରା ନିର୍ବାଚନ ମଣ୍ଡଳୀରେ ପ୍ରସ୍ତୁତି

**ପାଟକୁରା, ୨୨।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାକୁ ଆସୁଥିବା ସମ୍ଭାବ୍ୟ ବାତ୍ୟା 'ଦାନା' ଦ୍ୱାରା ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରଦପୁର, ମାର୍ଶାଘାଇ ଓ ଡେରାବିଶ ବ୍ଲକ ଅଞ୍ଚଳରେ ମୁକାବିଲା ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଉପ ଜିଲ୍ଲାପାଳ, ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନଙ୍କ ସହ ବାତ୍ୟା ପ୍ରସ୍ତୁତିର ବିଭିନ୍ନ ବିଷୟ, ସମସ୍ୟାର ସମାଧାନ ଓ ତୁରନ୍ତ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ବାତ୍ୟା ପୂର୍ବ, ସେହି ସମୟ ଓ ପରବର୍ତ୍ତୀ ସମୟ ସହ ସାମ୍ଭାବ୍ୟ ବନ୍ୟା ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶାସନର ସକ୍ରିୟ ସହଯୋଗ ଲୋଡ଼ିଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଥା ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନର ତତ୍ପରତା ଓ ପ୍ରାକ ପ୍ରସ୍ତୁତି ପ୍ରଶଂସନୀୟ।

## ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନ ପାଇଁ ବିଡିଓଙ୍କୁ ଲିଖିତ ଅଭିଯୋଗ

**ନାଉଗାଁ, ୨୨।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ନୂତନ ଭାବେ ଅନୁମୋଦନ ହୋଇଥିବା ବାର୍ଦ୍ଧକ୍ୟ ଓ ବିଧବା ଭତା ବଣ୍ଟନ ପାଇଁ ସମିତି ସଭ୍ୟ ଓ ସଭ୍ୟା ସଂଘଙ୍କ ପକ୍ଷରୁ ସୋମବାର ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ ୨୦୨୪ ଆର୍ଥିକ ବର୍ଷରେ ୯୬ଟି ନୂତନ ଭତା ଅନୁମୋଦନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଉକ୍ତ ଭତାକୁ ବଣ୍ଟନ କରାଯାଉ। ଯଦି ଭତା ବଣ୍ଟନ କରା ନ ଯାଏ କୌଣସି କାରଣବଶତଃ ଅନୁମୋଦନ ହୋଇଥିବା ଭତା ଆବେଦନକାରୀ ମୃତ୍ୟୁବରଣ କରନ୍ତି, ତେବେ ବ୍ଲକ ପ୍ରଶାସନ ଦାୟୀ ରହିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଅଭିଯୋଗକୁ ସଂଘର ସଭାପତି ତରୁଣ କାନ୍ତ ବାରିକ, ଚନ୍ଦନ କୁମାର ଲେଙ୍କା ବିଡିଓ ତପନ ମାହପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏହାର ନକଲ ଜିଲ୍ଲାପାଳ, ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଜଗତସିଂହପୁରଙ୍କ ଅବଗତି ନିମନ୍ତେ ପଠାଯାଇଛି। ଏହି ବିଷୟରେ ବିଡିଓ ମହାପାତ୍ରଙ୍କୁ ପଚାରିବାରେ କ'ଣ ହୋଇଛି ଦେଖିକି ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଇଞ୍ଜୋଳ ବିକାଶ ମଞ୍ଚର ସପ୍ତମ ବାର୍ଷିକୋତ୍ସବ

**ହାଟଡିହୀ, ୨୨।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଅନ୍ତର୍ଯ୍ୟାମୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଞ୍ଜୋଳ ସରପଞ୍ଚ ସସ୍ମିତା ମହାପାତ୍ର, ପ୍ରକୃତି ବନ୍ଧୁ ପ୍ରାପକ ଆଦର୍ଶ ଶିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ସାହୁ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ପଣ୍ଡା, ମୁରଲୀଧର ବେହେରା, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦୁଇଟି ସଂପାନରେ ଅବକ୍ଷୟମୁଖୀ ଓଡ଼ିଆ ସଂସ୍କୃତି ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଓ ସମାଧାନ ସମ୍ପର୍କରେ ନିଜ ନିଜର ଅଭିବ୍ୟକ୍ତି ରଖିଥିଲେ। ଏହି ଅବସରରେ ମୃତ୍ତିକା, ବୃକ୍ଷ, ଗୋ-ପୂଜନ ସହ ଗୀତା ଓ ଗୋ-ମହାତ୍ମ୍ୟ ଆବୃତ୍ତି ସହ ସଂସ୍କୃତି ଓ ପ୍ରକୃତି ସମ୍ପର୍କିତ ଶପଥପାଠ ଓ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଥିଲା ।ନିମନ୍ତ୍ରିତ କବି ମିନତୀ ନାୟକ, ହେମନ୍ତ କୁମାର ନାୟକ, ଅଭୟ କୁମାର ସାମଲ,ବନମାଳୀ ଜେନା ପ୍ରମୁଖ,ପରିବେଶ ସମ୍ପର୍କିତ କବିତା, ଗଳ୍ପ ପାଠ କରିଥିଲେ। ପିଲାମାନଙ୍କୁ ନେଇ ପରିବେଶ ଉପଯୋଗୀ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ବିତର୍କ, ପ୍ରବନ୍ଧ, ସାଧାରଣଜ୍ଞାନ ଆଦି ଆୟୋଜିତ ହୋଇଥିଲା। ଏଥିରେ ବିଚାରକ ଭାବେ ଶ୍ରୀକାନ୍ତ ପଣ୍ଡା ,ନାରାୟଣ ଚନ୍ଦ୍ର ଲେଙ୍କା, ନାରାୟଣ ସାହୁ, ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ସୁସ୍ଥ ,ସବୁଜ ଓ ସଂସ୍କୃତି ସମ୍ପର୍ଣ୍ଣ ସମାଜ ଗଠନ ନିମନ୍ତେ ସମସ୍ତଙ୍କୁ ତାଳ ଆସନରେ ଶାଳପତ୍ରରେ ପାରମ୍ପରିକ ଓଡିଆ ଭୋଜନ ପରିବେଷଣ କରାଯାଇ ନବେ ଦଶକର ଓଡିଆ ସଂସ୍କୃତିକୁ ସମସ୍ତେ ମନେପକାଇଥିଲେ । ଉକ୍ତ କାର୍ଯ୍ୟକ୍ରମଟି ଆଭାସୀ ମାଧ୍ୟମରେ ପ୍ରସାରିତ ହୋଇଥିଲା ଏହାର ପରିଚାଳନା ଦାୟିତ୍ୱରେ ଥିଲେ ବିଜୟ କୁମାର ସାହୁ। ଏଥିରେ ଶତାଧିକ ପ୍ରକୃତି ଓ ସଂସ୍କୃତି ଓ ଭାଷା ସାହିତ୍ୟ ପ୍ରେମୀ ଓ ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଡି ହୋଇଥିଲେ।

## ଯନ୍ତ୍ରୀ ଓ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି

**ଜଗତସିଂହପୁର, ୨୨।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଗ୍ରାମୀଣ ଜଳ ଯୋଗାଣ ବିଭାଗରେ ଗାଦିମାଡି ବସିଥିବା ସମସ୍ତ ଦୁର୍ନୀତିଗ୍ରସ୍ତ, ଅପାରଗତା ଓ ଲାଞ୍ଚୁଆ ଯନ୍ତ୍ରୀମାନଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ସହିତ ସେମାନଙ୍କ ଆୟ ବହିର୍ଭୁତ ସମ୍ପତ୍ତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ଅଭିଯୋଗ ମୁତାବକ ବିଗତ ସରକାର ଅମଳରେ ନିର୍ମିତ ଶତକଡା ୮୦ ଭାଗ ଓଭର ଲୋଡ଼ ଟାଙ୍କିରୁ ପାନୀୟ ଜଳ ବାହାରୁନଥିବା ଅଧିକାଂଶ ସ୍ଥାନରେ ନିମ୍ନମାନର ପାଇପ୍ ଲାଇନ ବିଛାଯାଇଥିବାରୁ ପାଇପ୍ ଫାଟି ରାସ୍ତାରେ ପାଣି ବାହାରୁଛି। ଏନେଇ ରାଜନେତା ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ମିଥ୍ୟା ବିଲ ପାସ କରାଯାଇଥିବା ମଧ୍ୟ ଅଭିଯୋଗ ହେଉଛି। ପାନୀୟ ଜଳ ଉତ୍କଟ ଅଭାବ ଯୋଗୁ ଗରୀବ, ମଧ୍ୟବିତ୍ତ ପରିବାର ଅବହେଳିତ ନିଷ୍ପେସିତ ଓ ଶୋଷିତ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟ ଦୂଷିତ ପାଣି ବ୍ୟବହାର କରି ମାରାତ୍ମକ ରୋଗାଗ୍ରସ୍ତ ହେଉଛନ୍ତି। ଜିଲ୍ଲାରେ ଗ୍ରାମୀଣ ଜଳ ଯୋଗାଣ ବିଭାଗରେ ଦୁର୍ନୀତି ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ଜିଲ୍ଲା ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ ।

## ପୁରୀ ଜିଲ୍ଲା ପ୍ରଶାସନର ସତର୍କତାମୂଳକ ପଦକ୍ଷେପ

**ପୁରୀ, ୨୨।୧୦ (ସଂଚାର ବ୍ୟୁରୋ) :** ସମ୍ଭାବ୍ୟ ବାତ୍ୟା ଦାନାକୁ ନେଇ ସରକାରଙ୍କ ପକ୍ଷରୁ ଆର୍ଲଟ ଜାରି ହୋଇଥିବାବେଳେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁ ସର୍ତକର୍ତ୍ତା ମୂଳକ ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ଜିଲ୍ଲାର ସମସ୍ତ ମତ୍ସ୍ୟଜୀବୀଙ୍କୁ ବାତ୍ୟା ନେଇ ସତର୍କ କରାଯାଉଥିବା ନଜରକୁ ଆସିଥିବାବେଳେ ଅଗ୍ନିଶମ ବିଭାଗ ପ୍ରସ୍ତୁର୍ତ୍ତ ରହିଥିବା ଜଣାପଡିଛି । ସେହିପରି ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷାକୁ ନଜରରେ ରଖି ତଳିଆ ଅଞ୍ଚଳ ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଆସନ୍ତାକାଲି ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ କଲେଜ ଛୁଟି ଘୋଷଣା ହୋଇଥିବାବେଳେ ସରକାରୀ ଅଧିକାରୀମାନଙ୍କର ଛୁଟି ବାତିଲ କରାଯାଇଥିବା ଜଣାପଡିଛି । ସେପଟେ ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ନିରାପଦ ଦୃଷ୍ଟିରେ ଖୁବଶୀଘ୍ର ପୁରୀ ଛାଡିବାକୁ ସରକାର ଅନୁରୋଧ କରିଥିବା ବେଳେ ଆଜି କିଛି ଯାତ୍ରୀ ପୁରୀ ଛାଡିଥିବା ଦେଖିବାକୁ ମିଳିଛି।

ସମ୍ଭାବ୍ୟ ବାତ୍ୟା 'ଦାନା' ର ପ୍ରଭାବରେ ପୁରୀ ଜିଲ୍ଲା ପ୍ରଭାବିତ ହେବା ନେଇ ଆଶଙ୍କା ରହିଥିବା ହେତୁ ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ନେଇ ଘନଘନ ବୈଠକ ହେଉଛି । ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭରଚୁଆଲ ମାଧ୍ୟମରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁର୍ତିର ସମୀକ୍ଷା କରିଥିବାବେଳେ ଜିରୋ



କାଜୁଆଲଟି ଓ କମ କ୍ଷୟକ୍ଷତି ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା ସମସ୍ତ ବିଡ଼ିଓ, ତହସିଲଦାର ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଥିବାବେଳେ ପର୍ଯ୍ୟାପ୍ତ ମାତ୍ରାରେ ଶୁଖିଲା ଖାଦ୍ୟ, ମେଡ଼ିସିନ, ଗୋଖାଦ୍ୟ ଓ ଅତିଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସମସ୍ତ ଅଧିକାରୀ ମାନଙ୍କ ଛୁଟି ବାତିଲ୍ କରାଯାଇଥିବା ବେଳେ ଆସନ୍ତା କାଲିଠାରୁ ୩ ଦିନ ପର୍ଯ୍ୟନ୍ତ ସମସ୍ତ ସ୍କୁଲ କଲେଜ ଛୁଟି ନେଇ ଘୋଷଣା କରାଯାଇଛି। ପୁରୀରେ ରହିଥିବା ପର୍ଯ୍ୟଟକ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ନେଇ ହୋଟେଲ ଆସୋସିଏସନ ଓ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ବାତ୍ୟା ନେଇ ସମୁଦ୍ର ଅଶାନ୍ତ ରହିବା ସହ ପ୍ରବଳ ବେଗରେ ପବନ ବହିବାର ସମ୍ଭାବନାକୁ ନଜରରେ ରଖି ସମୁଦ୍ର ଭିତରକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି । ସମ୍ଭାବ୍ୟ ବାତ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନେ ପୁରୀ ପେଣ୍ଟକଟା, ନୋଳିଆ ବସ୍ତି ଅଞ୍ଚଳରେ କ୍ୟାମ୍ପ କରିଥିବା ଜଣାପଡିଛି । ସେପଟେ ବାତ୍ୟାକୁ ଦୃଷ୍ଟିରେ ରଖି ସମୁଦ୍ର ସ୍ନାନ ଉପରେ ଟିଖନିଖ୍ ନଜର ରଖିଛନ୍ତି ଲାଇଫଗାର୍ଡ। ବିପଦ ସଙ୍କେତ ସ୍ଥାନରେ ନାଲି ପତାକା ମାରି ଡାକବାଜୀ ଯନ୍ତ୍ର ଦ୍ୱାରା ପର୍ଯ୍ୟଟକ ମାନଙ୍କୁ ମଧ୍ୟ ଲାଇଫଗାର୍ଡ ମାନେ ସଚେତନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରତ୍ୟକଟି ବାତ୍ୟାର ପ୍ରଭାବରେ ପୁରୀର ଦୁଇଟି ସର୍ବବୃହତ ବସ୍ତି ଯଥା ବଳିଆପଣ୍ଡା ଓ ପେଣ୍ଟକଟା କ୍ଷତିଗ୍ରସ୍ତ ହେଉଥିବା ବେଳେ ବସ୍ତିବାସୀନ୍ଦାଙ୍କ ଉପରେ ଏହା ସିଧାସଳଖ ପ୍ରଭାବ ପକାଇଥାଏ। ତେଣୁ ସେମାନଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରିବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି।

## ବଜାରକୁ ଆସିଲା ପ୍ରଥମ ବ୍ୟାଟେରୀ ଚାଳିତ ପାୱାର ଟିଲର




**ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ):** ଚାଷୀଙ୍କ ପାଇଁ ଖୁସି ଖବର। ଏଣିକି ଆଉ ବର୍ଦ୍ଧିତ ପେଟ୍ରୋଲ ଓ ଡିଜେଲ ଦର ପାଇଁ ଚାଷୀଙ୍କୁ ଚିନ୍ତା କରିବାକୁ ପଡ଼ିବନି। ବଜାରକୁ ଆସିଯାଇଛି ଦେଶର ପ୍ରଥମ ବ୍ୟାଟେରୀ ଚାଳିତ ପାୱାର ଟିଲର। ପେଟ୍ରୋଲ ଓ ଡିଜେଲ ଚାଳିତ ପାୱାର ଟିଲରରେ ଚାଷୀଙ୍କର ଘଣ୍ଟାକୁ ୧୫୦ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ବ୍ୟାଟେରୀ ଚାଳିତ ପାୱାର ଟିଲରରେ ଖର୍ଚ୍ଚ ହେବ ମାତ୍ର ୭ ଟଙ୍କା। ଉତ୍ତରପ୍ରଦେଶ ଗାଜିଆବାଦର ସୁକୁନ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହି କ୍ରିଷିରାଜ ଜେନ୩ ବ୍ୟାଟେରୀ ଚାଳିତ ପାୱାର ଟିଲର ବିକଶିତ କରାଯାଇଛି। ଓଡ଼ିଶାରେ ଜୟ କିଷାନ ଆଗ୍ରି ସଲ୍ୟୁସନ୍ସ ଏହାର ବିତରକ ରହିଛି। ମଙ୍ଗଳବାର ଭୁବନେଶ୍ୱରରେ ଏହି ବ୍ୟାଟେରୀ ଚାଳିତ ପାୱାର ଟିଲରର ଶୁଭାରମ୍ଭ କରାଯାଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ସୁକୁନ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ସୋମ ମୁଞ୍ଜାଲ ଓ ଅଭିଶ୍ରୁତ ତ୍ୟାଗୀ, ଆଞ୍ଚଳିକ ପରିଚାଳକ (ଆର. ଏମ) ପ୍ରଦୀପ ମିଶ୍ର, ଜୟ କିଷାନ ଆଗ୍ରି ସଲ୍ୟୁସନ୍ସ ସିଇଓ କଳ୍ପତରୁ ସାହୁ, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ତ୍ରିପାଠୀ ଏବଂ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଉପସ୍ଥିତ ରହି ଭାରତର ଏହି ପ୍ରଥମ ବ୍ୟାଟେରୀ ଚାଳିତ ପାୱାର ଟିଲର ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଏହି ପାୱାର ଟିଲରର ବ୍ୟାଟେରୀ ୨ରୁ ୩ ଘଣ୍ଟା ମଧ୍ୟରେ ପୂର୍ଣ୍ଣ ଚାର୍ଜ ହୋଇଥାଏ। ଥରେ ଚାର୍ଜ କଲେ ଏହା ୫ରୁ ୬ ଘଣ୍ଟା ଚାଲେ। ମଟାଳ ଜମିକୁ ଉର୍ବର କ୍ଷେତରେ ରୂପାନ୍ତରିତ କରିବାରେ ଏହା ସହାୟକ ହେବ। ଏହାର ଆଉଏକ ବିଶେଷତ୍ୱ ହେଲା, ଏଥିରେ ବିଭିନ୍ନ ପ୍ରକାର ଉପକରଣ ଲାଗିପାରିବ। ଯେପରି ରୋଟାଭେଟର, ସ୍ପ୍ରେୟର, ପମ୍ପସେଟ୍, ଟ୍ରଲି, କଲ୍ଟିଭେଟର, ରେଜର ଆଦି କୃଷି ଉପକରଣ ସଂଯୋଗ କରାଯାଇପାରିବ। ଯାହାଫଳରେ ଅନ୍ୟ କୃଷି ଉପକରଣ ପାଇଁ ଚାଷୀଙ୍କ ଚିନ୍ତା ଦୂର ହେବ। ଏହି ପାୱାର ଟିଲରର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହୁତ୍ କମ୍।

ସଂଚାର THE SANCHAR

## ଜଳ ସମ୍ପଦ ସଂରକ୍ଷଣ ଓ ପରିଚାଳନାରେ ସଫଳତା

# ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ସହ ୫ମ ଜାତୀୟ ଜଳ ପୁରସ୍କାର



ନୂଆଦିଲ୍ଲୀ,୨୨।୧୦: ଜଳ ସମ୍ପଦର ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ବର୍ଗରେ ପ୍ରଥମ ସ୍ଥାନ ମାନ୍ୟତା ସହ ୫ମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଜଳ ସମ୍ପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗ, ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ନୂଆ ଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ଆଜି ଏହି ପୁରସ୍କାର ଗ୍ରହଣ ପୂର୍ବକ ସମ୍ମାନିତ ହୋଇଛନ୍ତି । ଓଡ଼ିଶା ସରକାର ତଥା ଜଳ ସଂପଦ ବିଭାଗ ତରଫରୁ ଜଳସଂରକ୍ଷଣ ଏବଂ ଜଳସେଚନ କ୍ଷେତ୍ରରେ ବିବିଧ କାର୍ଯ୍ୟକ୍ରମ ଗ୍ରହଣ ଓ ସଫଳତା ଯୋଗୁଁ ରାଜ୍ୟ ସରକାରଙ୍କୁ ଏହି ପୁରସ୍କାର ମିଳିଛି । ଜଳ ସଂପଦ ବିଭାଗ ତରଫରୁ ଜଳସେଚନ, ପାନୀୟ ଜଳ ଆବଶ୍ୟକତା ଇତ୍ୟାଦି ପୂରଣ ପାଇଁ ଲୋୟର ସୁକତେଲ ଡ୍ୟାମ ଏବଂ ହଳଦିଆ ଡ୍ୟାମ କୁ ସମ୍ପୂର୍ଣ୍ଣ କରାଯାଇ ୩୬୯ ନିୟୁତ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ ସୁବିଧା ବିକଶିତ କରାଯାଇଛି । ଜଳ ସମ୍ପଦର ସଂରକ୍ଷଣ ପାଇଁ ୨୮ଟି ଅନ୍ତଃ ନଦୀ ଜଳାଶୟ ( ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର)ର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ୧୮ଟିର ଟେଣ୍ଡର ପର୍ଯ୍ୟାୟରେ ରହିଛି ଯଦ୍ୱାରା ପ୍ରାୟ ୫୦ ନିୟୁତ କ୍ୟୁବିକ ମିଟର ଜଳ ସଂରକ୍ଷଣ ହୋଇପାରିବ । ୭୧୨୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ଅନୁଦାନପ୍ରାପ୍ତ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା ଅଧୀନରେ ୩୧୭ଟି ଚେକ୍ ଡ୍ୟାମ୍ ସମ୍ପୂର୍ଣ୍ଣ କରାଯାଇ ପାଖାପାଖି ୨.୦ ନିୟୁତ କ୍ୟୁବିକ୍ ମିଟର ଜଳସେଚନ ସୁବିଧା କରାଯାଇଛି । ଏହା ବ୍ୟତୀତ ୧୪୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ କରାଯାଇ ୩.୦ ନିୟୁତ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରାଯାଇଛି । ଅମୃତ ସରୋବର ଯୋଜନାରେ ଚିହ୍ନଟ ହୋଇଥିବା ୪୬୫୬ ଟି ପୋଖରୀ ମଧ୍ୟରୁ ୨୩୮୫ ଟି ପୋଖରୀର ନବୀକରଣ ଶେଷ ହୋଇଛି ଏବଂ ୮୮୬ଟି ପୋଖରୀ କାମ ଚାଲିଛି । ମୁକ୍ତା ଯୋଜନାରେ ୨୨,୭୭୭ ଟି ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ସବୁ ବର୍ଗର ଜଳସେଚନ ପ୍ରକଳ୍ପରେ ବଣ୍ଟନ ବ୍ୟବସ୍ଥାରେ ଭୂତଳ ପାଇପ୍ ଲାଇନ୍ ବ୍ୟବହାର ଯୋଗୁଁ ପ୍ରକଳ୍ପଗୁଡ଼ିକର ଜଳସେଚନ ଦକ୍ଷତା ୨୦% ରୁ ଅଧିକ ବୃଦ୍ଧି ପାଇଛି । ଜଳ ବ୍ୟବହାର ଦକ୍ଷତା ବୃଦ୍ଧି ପାଇଁ ଏସସିଏଡିଏ (ସ୍କାଡା) ଭିତ୍ତିକ ଜଳ ପରିଚାଳନା ବ୍ୟବସ୍ଥା ଏବଂ ଫସଲ ବିବିଧିକରଣ ଗ୍ରହଣ କରାଯାଇଛି । ସୁବର୍ଣ୍ଣରେଖା ବୃହତ୍ ଜଳସେଚନ ପ୍ରକଳ୍ପ (୧୦ ହଜାର ହେକ୍ଟର), ଗଙ୍ଗାଧର ମେହେର ଲିଫ୍ଟ କେନାଲ (୨୫,୬୦୦ ହେକ୍ଟର), ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ତଟ କେନାଲ (୧୪୦୦ ହେକ୍ଟର) ଏବଂ ହରଭଙ୍ଗୀ ମଧ୍ୟମ ପ୍ରକଳ୍ପ (୨୪୦୦ ହେକ୍ଟର)ର ସମ୍ପ୍ରସାରଣ ଅନ୍ତର୍ଭୁକ୍ତ ପୂର୍ବକ ୨.୨୧ ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ସହ ୦.୪୫ ଲକ୍ଷ ହେକ୍ଟର ଜଳସେଚନ କ୍ଷେତ୍ର ସ୍ଥିର ହୋଇପାରିଛି ।

## ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଓ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟପନ୍ଥା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ସମ୍ବନ୍ଧରେ ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀଙ୍କୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ବାତ୍ୟା ମୁକାବିଲାର ବିଭିନ୍ନ ଦିଗ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ବୈଠକରେ ପୁରୀ ଜିଲ୍ଲାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ସମ୍ଭାବ୍ୟ ବାତ୍ୟା 'ଦାନା'ରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲା ଅନ୍ତର୍ଗତ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତି ଡିଭିଜନ୍‌ରେ ଯେପରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ସେ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ବାତ୍ୟା ଯୋଗୁଁ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗଛ ପଡ଼ି ଯାତାୟତ ବାଧାପ୍ରାପ୍ତ ହେଲେ ଅଗ୍ନିଶମ ବିଭାଗ ଓ ଜିଲ୍ଲା ପ୍ରଶାସନ ସହାୟତାରେ ଗଛ କଟାଯାଇ ରାସ୍ତାଗୁଡ଼ିକ ପୁନଃଯାତାୟତକ୍ଷମ କରାଇବା ଆଦି ବିଷୟରେ ସମୀକ୍ଷା ହୋଇଥିଲା । ଏହି ସମୀକ୍ଷା ବୈଠକ ପୂର୍ବରୁ ଆଭାସି ମାଧ୍ୟମରେ ଯୋଗଦେଇଥିବା ଯନ୍ତ୍ରୀମାନଙ୍କୁ ଉପଯୁକ୍ତ ସମନ୍ୱୟ ରକ୍ଷା ସହ ମାନବସମ୍ବଳର ସୁବିନିଯୋଗ ଦ୍ୱାରା କାର୍ଯ୍ୟ କରିବାକୁ ପ୍ରମୁଖ ଶାସନ ସଚିବ ସିଂହ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟାଳୟ, ସର୍ବୋଚ୍ଚ ଯନ୍ତ୍ରୀ କାର୍ଯ୍ୟାଳୟ ଓ ପ୍ରଭାବିତ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ଡିଭିଜନ୍‌ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯିବ ବୋଲି ସିଂହ ପ୍ରକାଶ କରିଥିଲେ । ରାଜ୍ୟ ସରକାର 'ଶୂନ୍ୟ ମୃତ୍ୟୁ'ର ଲକ୍ଷ୍ୟ ରଖିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ବାତ୍ୟା 'ଦାନା'ର ମୁକାବିଲା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣପୂର୍ବକ ସମ୍ମିଳିତ ଭାବେ କାର୍ଯ୍ୟକରି ଏହି ଲକ୍ଷ୍ୟ ହାସଲ କରିବାକୁ ମନ୍ତ୍ରୀ ନାଏକ ନିର୍ଦ୍ଦେଶ ଦେଇଥିଲେ।

## ବରେଣ୍ୟ ସେନାପତି ହାଲ ନିର୍ଦ୍ଦେଶକ



ନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ) ର ବିତ୍ତ ନିର୍ଦ୍ଦେଶକ ଭାବେ ବରେଣ୍ୟ ସେନାପତି ମଙ୍ଗଳବାର ଯୋଗଦେଇଛନ୍ତି। ଶ୍ରୀ ସେନାପତି ୧୯୯୫ରେ ହାଲରେ ଯୋଗଦେଇ ବିଭିନ୍ନ ପଦପଦବୀ କାର୍ଯ୍ୟକରି ଆସୁଥିଲେ। ସେ ହେଉଛନ୍ତି 'ଆଇସିଏ' ଫେଲୋ ସଦସ୍ୟ। ଆର୍ଥିକ ପରିଚାଳନା କ୍ଷେତ୍ରରେ ତାଙ୍କର ୩୧ ବର୍ଷର ଅଭିଜ୍ଞତା ରହିଛି।

# ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ



**ପ୍ରତାପଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ, ଦୌଡ଼ରେ ଗୋଲକ ଆଗରେ**



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ରାଜ୍ୟ ବିଜେପିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଓଡ଼ିଶାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ଓଡ଼ିଶାର ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ଆଗାମୀ ଡ଼ିସେମ୍ବର କିମ୍ବା ଜାନୁଆରୀ ମାସରେ ବିଜେପିର ସାଙ୍ଗଠନିକ ନିର୍ବାଚନ ହେବ। ଓଡ଼ିଶାର ଏବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଅଛନ୍ତି ଯିଏ କି ଓଡ଼ିଶାରେ ସରକାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ସେ ମଧ୍ୟ ଆଗାମୀ ସଭାପତି ହୋଇପାରନ୍ତି ବୋଲି ଆଶା କରାଯାଉଛି। ତାଙ୍କ ସମର୍ଥକମାନେ ମଧ୍ୟ ଏହି ଆଶାରେ ଅଛନ୍ତି।

ତେବେ ସଭାପତି ଦୌଡରେ ସବୁଠାରୁ ଆଗରେ ଅଛନ୍ତି ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର। ଯିଏ କି ୩୦ ବର୍ଷ ସକ୍ରିୟ ରାଜନୀତିରେ ରହି ମଣ୍ଡଳ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଠାରୁ ଆରମ୍ଭ କରି ରାଜ୍ୟ ବିଜେପି ସାଧାରଣ ସଂପାଦକ ପରି ଗୁରୁ ଦାୟିତ୍ୱରେ ରହିଆସିଛନ୍ତି। ବର୍ତ୍ତମାନ ସେ ବିଜେପି ଉପସଭାପତି ଭାବେ ଦାୟିତ୍ୱ ତୁଲାଉଥିବାବେଳେ ସାଂଗଠନିକ ଦକ୍ଷତା ସହିତ ଅନେକ ସ୍ଥାନରେ ଦଳର ଡାକରାରେ ବିଜେପି ସଂଗଠନକୁ ମଜବୁତ କରି ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି। ଗତଥର ମଧ୍ୟ ସେ ସଭାପତି ଦୌଡ଼ରେ ଥିଲେ। ୨୦୨୪ ର ବିଜେପି ନିର୍ବାଚନୀ ପରିଚାଳନାରେ ଗୋଲକ ମହାପାତ୍ର ମଧ୍ୟ ପ୍ରମୁଖ ଭୂମିକା ନେଇଥିଲେ। ରାଜ୍ୟରେ ଥିବା ବିଜେଡି ସରକାରକୁ କଡ଼ା ମୁକାବିଲା କରିବା ଫଳରେ ବିଜେଡି ଗୋଲକଙ୍କୁ କୋଇଲା ଓ ହତ୍ୟା ମାମଲାରେ ଛନ୍ଦିଥିଲା। ତେବେ ଗୋଲକ ମିଛ ମାମଲାରେ ଡରି ନଯାଇ ବିଜେଡିକୁ ଲଗାତାର ସମାଲୋଚନା କରିଆସୁଥିଲେ। ଗଣମାଧ୍ୟମରେ ବିଜେଡିକୁ ତୀବ୍ର ସମାଲୋଚନାରେ ଗୋଲକ ଥିଲେ ଆଗରେ। ଏବେ ବି ସଂଗଠନ ବଢ଼ାଇବାପାଇଁ ଗୋଲକ ସାରା ରାଜ୍ୟ ବୁଲୁଛନ୍ତି। ବିଜେଡିକୁ ମୁକାବିଲା କରିବାରେ ଆଗରେ ଥିବା ଏବଂ ଗତ ନିର୍ବାଚନରେ ବିଜେପିକୁ ଜିତାଇବାରେ ନିର୍ଣ୍ଣାୟକ ଭୂମିକାରେ ଥିବା ଗୋଲକ ନିଶ୍ଚିତ ଏଥର ରାଜ୍ୟ ବିଜେପିର ମଙ୍ଗ ଧରିବେ ବୋଲି ତାଙ୍କ ସମର୍ଥକମାନେ ଆଶାବାନ୍ଧି ବସିଛନ୍ତି। ସଭାପତି ଦୌଡରେ ଥିବା ଆଉଜଣେ ବିଜେପି ନେତା ହେଲେ ସିମାଞ୍ଚଳ ଖଟାଇ। ସେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ପରି ଗୁରୁ ଦାୟିତ୍ୱରେ ଅଛନ୍ତି। ସେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ତାଙ୍କ ସମର୍ଥକମାନେ ମଧ୍ୟ ଆଶା ଛାଡି ନାହାନ୍ତି।

ଆଗକୁ ପଞ୍ଚାୟତ ନିର୍ବାଚନ ଓ ପରେ ପରେ ପୌର ନିର୍ବାଚନ ହେବାକୁ ଯାଉଛି। ବିଜେପି କ୍ଷମତାରେ ଥିବାବେଳେ ସଶକ୍ତ ବିରୋଧି ଦଳରେ ବସିଛି ବିଜେଡି। ତେଣୁ ରାଜ୍ୟ ବିଜେପି ସଭାପତି ଚୟନ ସମୟରେ କେନ୍ଦ୍ରୀୟ ବିଜେପି ନେତାମାନେ ଦକ୍ଷତା, ଅଭିଜ୍ଞତା ଓ ବିରୋଧିଙ୍କୁ ମୁକାବିଲା କରିପାରୁଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବା ଏକ ପ୍ରକାର ନିଶ୍ଚିତ। ତେବ ସବୁକିଛି ନିର୍ଭର କରୁଛି କେନ୍ଦ୍ରୀୟ ବିଜେପି ନେତାଙ୍କ ଉପରେ। ଏଭଳି ସ୍ଥିତିରେ କିଏ ବିଜେପି ସଭାପତି ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

## ସ୍କୁଟି ଚୋର ଗିରଫ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ପୁଲିସ ମଙ୍ଗଳବାର ଜଣେ ପେସାଦାର ସ୍କୁଟି ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଡ଼ି ଗାଁର ରାଜୀବ ଲୋଚନ ସ୍ୱାଇଁ ଓରଫ ରିଣ୍ଟୁଆ (୪୨)। ଗିରଫ ଅଭିଯୁକ୍ତଙ୍କ ନାମରେ ରାଜଧାନୀର ଏକାଧିକ ଥାନାରେ ସ୍କୁଟି ଚୋରି କରିବା ନେଇ ମାମଲା ରହିଛି।

ସୂଚନାଯୋଗ୍ୟ, ଗତ ୮ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ନିଜର ସ୍କୁଟି ନେଇ କୌଣସି କାମରେ ବାହାରକୁ ଯାଇଥିଲେ। ନିଶାଶକ୍ତ ଅବସ୍ଥାରେ ଝାରପଡ଼ା ଜେଲ ସମ୍ମୁଖରେ ସ୍କୁଟିକୁ ରଖି ଦେଇ ସେଠାରେ ଶୋଇପଡ଼ିଥିଲେ। ଏହି ସମୟରେ ଅଭିଯୁକ୍ତ ରିଣ୍ଟୁଆ କୌଶଳ କ୍ରମେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କ ଠାରୁ ସ୍କୁଟି ଓ ମୋବାଇଲ ଫୋନ ଚୋରି କରି ନେଇଥିଲେ।

## 'ମୃତ୍ତିକା' ପ୍ରଦର୍ଶନୀ ୨୫କୁ ଘୁଞ୍ଚିଲା

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ବ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅକ୍ଟୋବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ଲାଗି ପ୍ରସ୍ତୁତି ଚାଲିଥିଲା। ପାବଳିକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ଆୟୋଜିତ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବାତ୍ୟା ଦାନା ଆତଙ୍କ ସବୁ ବିଗାଡିଛି। ପୂର୍ବ କେନ୍ଦ୍ର ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସମ୍ଭାବ୍ୟ ଲଘୁଚାପର ପ୍ରଭାବରେ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୨ ପରିବର୍ତ୍ତେ ୨୫ ତାରିଖରୁ ଏହି ପ୍ରଦର୍ଶନୀ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି।

# କେଟି ଗ୍ଲୋବାଲ ସ୍କୁଲକୁ ଟାଇମ୍ସ ବିଜନେସ୍ ଆୱାର୍ଡ



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଓଡିଶା କେବଳ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ନୁହେଁ ପୁଂଜିନିବେଶ ପାଇଁ ମଧ୍ୟ ପ୍ରଥମ ଆକର୍ଷଣ। ବିଜେପି ରାଜ୍ୟରେ ମାତ୍ର ୪ ମାସ ତଳେ ସରକାର ଗଠନ କରିଥିବା ବେଳେ ଆଗାମୀ ୫ ବର୍ଷରେ ୫ କୋଟି ପୁଂଜିନିବେଶ ଆଣିବାକୁ ଲକ୍ଷ୍ୟ ରଖାଯାଉଛି। ଶିଳ୍ପାୟନରେ ଓଡିଶାକୁ ଦେଶର ପଂଚମ ବୃହତ ରାଜ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଜି କେଟିଏସ ଗ୍ଲୋବାଲ ସ୍କୁଲର ବିଜନେସ ଆଓ୍ୱାର୍ଡ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ନୂତନ ପ୍ରବର୍ତ୍ତନ ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରର ଅଗ୍ରଣୀ ଆବାସିକ ଓ ଡେ' ବୋର୍ଡିଙ୍ଗ ବିଦ୍ୟାଳୟ କେଟି ଗ୍ଲୋବାଲ୍ ସ୍କୁଲ୍ (କେଟିଜିଏସ୍)କୁ ଟାଇମ୍ସ ବିଜନେସ୍ ଆୱାର୍ଡସ ଉତ୍ସବରେ 'ଲିଡର ଇନ୍ ଗ୍ଲୋବାଲ ଏଜୁକେସନ ଆଣ୍ଡ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଠାରୁ ସ୍କୁଲ୍ କର୍ତ୍ତୃପକ୍ଷ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଉତ୍ସବରେ ପୂର୍ବତନ ମିସ ୟୁନିଭର୍ସ ତଥା ଲୋକପ୍ରିୟ ଅଭିନେତ୍ରୀ ସୁସ୍ମିତା ସେନ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ,ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ରାଜ୍ୟ ତଥା ଦେଶର ଅନେକ ପ୍ରତିଷ୍ଠିତ ଶିକ୍ଷାବିତ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କେଟିଜିଏସ୍ ପକ୍ଷରୁ ଏହି ପୁରସ୍କାର ସ୍କୁଲର ଅଧ୍ୟକ୍ଷ ଦୀପ ଖାରେ, ମାନବ ସମ୍ବଳ ବିଭାଗ ମୁଖ୍ୟ ବିମଳ କୁମାର ରାଉଳ, ମୁଖ୍ୟ ପରିଚାଳନା ଅଧିକାରୀ ସିଦ୍ଧାର୍ଥ ଶଙ୍କର ରାଉତ ଓ ମୁଖ୍ୟ ବିତ୍ତୀୟ ଅଧିକାରୀ ପ୍ରଦୀପ କୁମାର ସାହୁ ଗ୍ରହଣ କରିଥିଲେ। ଏହି ଅବସରରେ କେଟିଜିଏସ୍ ଅଧ୍ୟକ୍ଷ କହିଛନ୍ତି, ଶିକ୍ଷାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେଟିଜିଏସ୍ ପ୍ରତିଶ୍ରୁତିବଦ୍ଧ। କେବଳ ସିଲାବସରେ ଥିବା ପାଠ୍ୟକ୍ରମ ନୁହେଁ, ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱର ସଠିକ ବିକାଶ ଏବଂ ସେମାନଙ୍କୁ ଦକ୍ଷ ଓ ସ୍ୱୟଂସମ୍ପୂର୍ଣ୍ଣ ମଣିଷ ଭାବେ ଗଢି ତୋଳିବା ଆମ ଲକ୍ଷ୍ୟ। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ସର୍ବୋତ୍ତମ ଭିତ୍ତିଭୂମି ଓ ସର୍ବଶ୍ରେଷ୍ଠ ପ୍ରଶିକ୍ଷଣ ପାଇଁ ପ୍ରୟାସ କରିଚାଲିଛି।

## ଜିଲ୍ଲାକୁ ଗଲେ ଏନ୍‌ଡିଆର୍‌ଏଫ୍ ଟିମ୍



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକୁ ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଯାଇଛି।। କଟକ ମୁଣ୍ଡଳୀ ସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନରୁ ପ୍ରଥମ ପର୍ଯ୍ୟାୟରେ ପୁରୀକୁ ୧ଟି ଭଦ୍ରକକୁ ୨, ବାଲେଶ୍ୱର ୨, ଜଗତସିଂହପୁରକୁ ୨, କେନ୍ଦ୍ରାପଡ଼ାକୁ ୨, ମୟୁରଭଞ୍ଜକୁ ଗୋଟିଏ ମୋଟ ୧୦ ଟି ଏନ୍‌ଡିଆରଏଫ ଟିମ ଆନୁଷଙ୍ଗିକ ଉପକରଣ ସହ ପଠାଯାଇଛି। ବିଶେଷକରି ବାତ୍ୟା ପରେ ଗଛ, କାଠ, ଆଦି କାଟିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ମେସିନ ବ୍ୟବହାର କରିବେ ଟିମ। ପ୍ରଥମ ପର୍ଯ୍ୟାୟରେ ୧୦ଟି ଟିମ ଗସ୍ତ କରିଛି । ଆବଶ୍ୟକ ପଡ଼ିଲେ ଆହୁରି ଟିମ ମଧ୍ୟ ପ୍ରଭାବିତ ହେବାକୁ ଥିବା ଜିଲ୍ଲା ମାନଙ୍କୁ ପଠାଯିବ ବୋଲି ଏନ୍‌ଡିଆର୍‌ଏଫ୍ ବାଟାଲିଅନ୍ ସେକେଣ୍ଡ ଇନ କମାଣ୍ଡଣ୍ଟ ବର୍ଦ୍ଧମାନ ମିଶ୍ର କହିଛନ୍ତି।


## ମୁଖ୍ୟଯନ୍ତ୍ରୀଙ୍କ ବିପୁଳ ସମ୍ପତ୍ତି ଠାବ

**୨୮ ପ୍ଲଟ, ତିନି ମହଲା କୋଠା ଓ ୩ ଫ୍ଲାଟ୍**



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଦାନା ବାତ୍ୟା ଆତଙ୍କ ସମୟରେ ଜଣେ ମୁଖ୍ୟଯନ୍ତ୍ରୀଙ୍କ ବିପୁଳ ବେଆଇନ ସମ୍ପତ୍ତି ଠାବ କରାଯାଇଛି। କେନ୍ଦୁଝର ଜିଲ୍ଲା ବୈତରଣୀ ବେସିନର ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର କୈଳାସଚନ୍ଦ୍ର ସାହୁଙ୍କର ରହିଛି ପୁଳା ପୁଳା ପ୍ଲଟ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ତାଙ୍କ ଭୁବନେଶ୍ୱର ସ୍ଥିତ ଘର ସମେତ ୧୦ଟି ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ସାମ୍ନାକୁ ଆସିଛି ତାଙ୍କ ନାଁରେ ତଥା ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ବିପୁଳ ସଂପତ୍ତି ସଂପର୍କିତ ତଥ୍ୟ। ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର କୈଳାସ ଚନ୍ଦ୍ର ସାହୁଙ୍କର ୨୮ଟି ପ୍ଲଟ ଅଛି। ସେଥିରୁ ୨୩ଟି କେବଳ ଯାଜପୁର ଜିଲ୍ଲାରେ ଥିବା ବେଳେ ୪ଟି ଖୋର୍ଦ୍ଧା ଓ ଗୋଟିଏ କଟକ ଜିଲ୍ଲାରେ ଅଛି। ତାଙ୍କର ଏକ ତିନି ମହଲା ଘର ସହିତ ତାଙ୍କର ୩ଟି ଫ୍ଲାଟ ମଧ୍ୟ ଅଛି। ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲର ମୃତ୍ୟୁଞ୍ଜୟପୁର ମୌଜାରେ କୈଳାସ ଚନ୍ଦ୍ର ସାହୁଙ୍କର ଏକ ତିନି ମହଲା ବିଶିଷ୍ଟ ଆବାସିକ କୋଠା ଅଛି, ଯାହା ନିର୍ମାଣାଧୀନ ରହିଛି। ଭୁବନେଶ୍ୱରର ଭୋଇ ନଗରରେ ଏକ ଆପାର୍ଟମେଣ୍ଟରେ ତାଙ୍କର ଏକ ଫ୍ଲାଟ୍ ଅଛି। ସେହିଭଳି ପୁରୀ ଓ ଯାଜପୁରରେ ତାଙ୍କର ଗୋଟିଏ ଲେଖାଏଁ ଫ୍ଲାଟ ଅଛି। ଯାଜପୁରର ବ୍ୟାସନଗରରେ ଏକ ଆପାର୍ଟମେଣ୍ଟରେ ତାଙ୍କର ଏକ ଦୋକାନ ଘର ଅଛି। ଏହି ସମସ୍ତ ପ୍ଲଟ୍, ଫ୍ଲାଟ ଓ ନିର୍ମାଣାଧୀନ ଘରର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ମାପଚୁପ ଓ ହିସାବକିତାବ ଜାରି ରଖିଛି। ପ୍ଲଟ ଓ ଫ୍ଲାଟ ବ୍ୟତୀତ ତାଙ୍କର ୮୨ ଲକ୍ଷ ୮୦ ହଜାର ୫୮ ଟଙ୍କାର ବ୍ୟାଙ୍କ ଜମା ଅଛି। ଅନ୍ୟ ଜମା ଓ ନିବେଶ ସଂପର୍କରେ ଖୋଳତାଡ଼ ଜାରି ରଖିଛି ଭିଜିଲାନ୍ସ। ତାଙ୍କର ଗୋଟିଏ ଚାରି ଚକିଆ ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି। ତାଙ୍କ ସଂପତ୍ତି ନେଇ ଅଧିକ ଖୋଳତାଡ଼ ଚାଲିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ପାଞ୍ଜି ଗଣନା ସତ ହେଲା



ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଅକ୍ଟୋବର ମାସରେ ବାତ୍ୟା ହେବା ନେଇ ଅସଲି ଖଡ଼ିରତ୍ନ ପଞ୍ଜିକାରେ ଗଣନା କରାଯାଇଥିଲା। ଯାହା ଏବେ ସତ ହେବାକୁ ଯାଉଛି। ବାତ୍ୟା କେଉଁ ତାରିଖରେ ହେବ ଓ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବ ତାହା ମଧ୍ୟ ପଞ୍ଜିକାରେ ଗଣନା କରାଯାଇଥିଲା। ଅସଲି ଖଡ଼ିରତ୍ନ ପଞ୍ଜିକାରେ ୧୯୬ ପୃଷ୍ଠାରେ ଏହା ଉଲ୍ଲେଖ ରହିଥିଲା। ଯାହା ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଅସଲି ଖଡ଼ିରତ୍ନ ପଞ୍ଜିକାରେ ପାଣିପାଗ ସଂପର୍କରେ ଗଣନା କରାଯାଇଥିଲା ଯେ, ରାଜ୍ୟର ଉପକୂଳ ଅଞ୍ଚଳ ପୁରୀ, କଟକ, ଗୋପାଳପୁର, କୋଣାର୍କ, ଅସ୍ତରଙ୍ଗ, ଯାଜପୁର, ଭୁବନେଶ୍ୱର, ନୟାଗଡ଼, କାକଟପୁର ଓ ନିଆଳି ଆଦି ଅଞ୍ଚଳରେ ସାମୁଦ୍ରିକ ଝଡ଼, ମହାବାତ୍ୟା ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଅକ୍ଟୋବର ୧୭ରୁ ୨୩ ମଧ୍ୟରେ ଏବଂ ଅକ୍ଟୋବର ୨୬ରୁ ୩୦ ତାରିଖ ମଧ୍ୟରେ ପ୍ରଚଣ୍ଡ ବାୟୁ ପ୍ରବାହ, ସାମୁଦ୍ରିକ ଝଡ଼, ଲଘୁଚାପ, ଜୁଆର ତଥା ବନ୍ୟା ବିପ୍ଲାତ ଦ୍ୱାରା ବହୁ ଧନଜୀବନ ପ୍ରଭାବିତ ହେବା ନେଇ ପଞ୍ଜିକାରେ ଗଣନା କରାଯାଇଥିଲା। ବାତ୍ୟା ସଂପର୍କିତ ତଥ୍ୟକୁ ନେଇ ପଞ୍ଜିକାର ଉଲ୍ଲେଖ ଥିବା ୧୯୬ ପୃଷ୍ଠା ଏବେ ସୋସାଲ ମିଡିଆରେ ଭାଇରାଲ୍ ହେଉଛି। ସୂଚନାଯୋଗ୍ୟ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତଟି ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ବାତ୍ୟାର ରୂପ ନେବ। ଏହାପରେ ସମ୍ଭାବ୍ୟ ବାତ୍ୟା 'ଦାନା' ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୪ ତାରିଖ ସକାଳେ ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି।

## ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ୍



ପୁରୀ,୨୨।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଦାନା'ର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ପୁରୀ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଶେଷକରି ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତା ଉପରେ ଗଛ କିମ୍ବା ଇଲେକ୍ଟ୍ରି ପୋଲ୍ ଉପୁଡି ପଡିବାର ସମ୍ଭାବନା ଥିବାରୁ ସେଗୁଡ଼ିକ କିଭଳି ତୁରନ୍ତ ସଫା କରାଯାଇ ପାରିବ ସେ ନେଇ କଟର ମେସିନ୍ ମଧ୍ୟ ମହଜୁଦ ରଖାଯାଇଛି । ଆସ୍କା ଲାଇଟ ସାଙ୍ଗକୁ, ଡାକବାଜି ଯନ୍ତ୍ର ମଧ୍ୟ ମହଜୁଦ ରଖାଯାଇଛି। ସେହିପରି ପୁରୀ ସମୁଦ୍ର କୂଳରେ ପର୍ଯ୍ୟଟକମାନେ ଯେଭଳି ସ୍ନାନ ନ କରିବେ ସେ ନେଇ ସଚେତନ କରାଯାଉଛି । ଆଜି ପୁରୀ ଅଗ୍ନିଶମ ସେବା କେନ୍ଦ୍ରରେ ଅଗ୍ନିଶମ ବିଭାଗର ଅଧିକାରୀ ପ୍ରଭାତ ରାଉତଙ୍କ ତତ୍ତ୍ୱାବଧାନରେ ଏକ ମକଡ୍ରିଲ୍ କରାଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ତୁରନ୍ତ କିଭଳି ରାସ୍ତା କ୍ଲିଅର ହୋଇପାରିବ ଏବଂ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ତଳିଆ ଅଞ୍ଚଳରୁ ଜଳ ନିଷ୍କାସନ କିଭଳି ତୁରନ୍ତ ହୋଇପାରିବ ସେ ନେଇ ମକଡ୍ରିଲ୍ କରାଯାଇଛି। ତେବେ ଜିଲ୍ଲାରେ ସମୁଦାୟ ୧୨ ଟି ଫାୟାର ଷ୍ଟେସନ ଥିବାବେଳେ ସମୁଦାୟ ୧୫ ଟି ଟିମ୍ ଗଠନ ହୋଇଛି। ବାତ୍ୟା ମୁକାବିଲା କରିବା ପାଇଁ ୨୮ ଟି ଆସ୍କା ଲାଇଟ, ୬୮ଟି କଟର ମେସିନ୍, ଗୋଟିଏ ପ୍ଲାଜମା କଟର ସହ ଲୁହା କାଟିବା ପାଇଁ ଚାରୋଟି କମ୍ବି ଟୁଲ୍ସ ରହିଛି ଅଗ୍ନିଶମ ବିଭାଗ ଅଧିକାରୀ କହିଛନ୍ତି।

# ପାଞ୍ଚ ବିଶ୍ୱବିଦ୍ୟାଳୟ ଗଠନ ନିଷ୍ପତ୍ତି ନେବେ ନୂଆ ସରକାର



ଭୁବନେଶ୍ୱର,୨୨।୧୦: ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ରାଜ୍ୟରେ ୧୭ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ଆଉ ଅନ୍ୟୁନ ୫ଟି ନୂଆ ବିଶ୍ୱବିଦ୍ୟାଳୟ ପାଇଁ ଦାବି ଜୋର ଧରୁଛି। ଏଥିଲାଗି ରାଜ୍ୟ ସରକାର ଓ ରାଜନୈତିକ ନେତାମାନଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ରେଭେନ୍ସା, ଖଲିକୋଟ, ଗଙ୍ଗାଧର ମେହେର, ରାଜେନ୍ଦ୍ର, ଧରଣୀଧର, ବିକ୍ରମଦେବ, ରମାଦେବୀ ଆଦି କଲେଜକୁ ଗତ ସରକାର ସମୟରେ ବିଶ୍ୱବିଦ୍ୟାଳୟରେ ରୂପାନ୍ତର କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏହି ନୂଆ ବିଶ୍ୱବିଦ୍ୟାଳୟଗୁଡିକ ସ୍ଥାପିତ ହୋଇଥିବାବେଳେ ଆଉ କେତେକ ଅଞ୍ଚଳରେ ମଧ୍ୟ ଏଥିଘେନି ଦାବି ଜୋର ଧରିଥିଲା। ସେତେବେଳେ ବିରୋଧିଦଳରେ ଥିବା ବିଜେପି ଓ କଂଗ୍ରେସର ସ୍ଥାନୀୟ ନେତୃବୃନ୍ଦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ଖୋଲା ସମର୍ଥନ ଦେଉଥିଲେ। ପୁରୀରେ ଥିବା ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାପାଇଁ ଦୀର୍ଘବର୍ଷ ଧରି ଦାବିହୋଇ ଆସୁଛି। ଏବେ କେନ୍ଦ୍ରରେ ଓଡ଼ିଶାର ସାଂସଦ ଶିକ୍ଷାମନ୍ତ୍ରୀ ଥିବା ଏବଂ ରାଜ୍ୟରେ ବି ବିଜେପି ସରକାର ଥିବା ଦୃଷ୍ଟିରୁ ଏସସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତର କରିବାପାଇଁ ପୁରୀର ବିଜେପି ସାଂସଦ ତଥା ଦଳର କେନ୍ଦ୍ରୀୟ ମୁଖପାତ୍ର ଡାକ୍ତର ସମ୍ବିତ ପାତ୍ରଙ୍କ ଠାରୁ ପୁରୀବାସୀ ଏ ସମ୍ପର୍କରେ ଅଧିକ ଆଶା ରଖିବା ସ୍ୱାଭାବିକ। ସେହିଭଳି ଖୋରଧାର ପ୍ରାଣନାଥ ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ମଧ୍ୟ ବହୁବର୍ଷ ଧରି ଦାବିହୋଇ ଆସୁଛି। ବିଶିଷ୍ଟ ସାମ୍ୟବାଦୀ ନେତା ପ୍ରାଣନାଥ ପଟ୍ଟନାୟକ ଖୋରଧାରେ କଲେଜ ପ୍ରତିଷ୍ଠା କରିବା ସମୟରେ ଏହାକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବେ ବୋଲି ଲକ୍ଷ୍ୟ ରଖିଥିଲେ। ଏହି ଉଦ୍ଦେଶ୍ୟ ସହିତ ଦଳମତ ନିର୍ବିଶେଷରେ ଅନେକଙ୍କ ଭାବାବେଗ ଜଡିତ ରହିଛି। ଏବେ ଖୋରଧାର ସାଂସଦ ଓ ବିଧାୟକ ବିଜେପି ଦଳର ଥିବା ଏବଂ ଜିଲ୍ଲାର ଅନ୍ୟତମ ବିଧାୟକ ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଜେଜେବାପା ପର୍ଶୁରାମ ହରିଚନ୍ଦନ ଖୋରଧା କଲେଜ ପ୍ରତିଷ୍ଠାରେ ପ୍ରାଣନାଥ ପଟ୍ଟନାୟକଙ୍କ ଅନ୍ୟତମ ସହଯୋଗୀ ଥିବା ପରିପ୍ରେକ୍ଷୀରେ ଏହି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ଜୋର ଧରୁଛି।

ଭଦ୍ରକ ସ୍ୱୟଂଶାସିତ କଲେଜ ମଧ୍ୟ ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏହି କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାପାଇଁ ଅତୀତରେ ଦଳମତ ନିର୍ବିଶେଷରେ ଭଦ୍ରକବାସୀ ବହୁ ଆନ୍ଦୋଳନ କରିଛନ୍ତି। ଏବେ ଭଦ୍ରକ ଜିଲ୍ଲାର ଲଢୁଆ ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ହାତରେ ଉଚ୍ଚଶିକ୍ଷା ବିଭାଗ ଥିବା ଏବଂ ଭଦ୍ରକ କଲେଜର ପ୍ରାକ୍ତନ ଛାତ୍ରନେତା ମନମୋହନ ସାମଲ ରାଜ୍ୟ ସଭାପତି ଥିବା ଦୃଷ୍ଟିରୁ ଭଦ୍ରକବାସୀ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବବୋଲି ଆଶା ରଖିବା ସ୍ୱାଭାବିକ। ଓଡ଼ିଶାର ପ୍ରଥମ ମହିଳା କଲେଜ ଭାବେ ମୁଣ୍ଡ ଟେକିଥିବା କଟକର ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜ ରମାଦେବୀ ମହିଳା କଲେଜ ଠାରୁ ପୁରୁଣା। ଶୈଳବାଳାକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବାପାଇଁ ଦୀର୍ଘଦିନରୁ ମଧ୍ୟ ଦାବିହୋଇ ଆସୁଛି। ତେବେ ନୂଆ ସରକାର ଏଥିରୁ କେଁ ଦାବିଗୁଡିକୁ ଗ୍ରହଣ କରିବେ ତାହା ତାଙ୍କ ଉପରେ ନିର୍ଭର କରେ। (ତଥ୍ୟ)

## ଲାଞ୍ଚ ନେଇ ସସ୍‌ପେଣ୍ଡ ହେଲେ କଂସ



ବରଗଡ,୨୨।୧୦ (ସଂଚାର ବ୍ୟୁରୋ): ଲାଞ୍ଚ ନେଇ ସରକାରୀ ଚାକିରିରୁ ନିଲମ୍ବିତ ହେଲେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ହୃଷିକେଶ ଭୋଇ। ସ୍ୱାସ୍ଥ୍ୟ ବିଭାଗରେ ମହାପ୍ରୟାଣ ଗାଡ଼ିର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଲାଞ୍ଚ ନେବା ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ । ଗାଇସିଲାଟ ବ୍ଲକର ବଡସାହାଜବାହାଲ ଗ୍ରାମର ଏକ ପରିବାରର ଜଣେ ସଦସ୍ୟଙ୍କ ମୃତଦେହ ମହାପ୍ରୟାଣ ଗାଡିରେ ନେବା ପାଇଁ ସେ ୩୦୦୦ ଟଙ୍କା ମାଗିଥିଲେ। ଏନେଇ ମୃତକଙ୍କ ପରିବାର ପକ୍ଷରୁ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହୃଷିକେଶଙ୍କ ବିରୋଧରେ ଆସିଥିବା ଅଭିଯୋଗର ପ୍ରାଥମିକ ତଦନ୍ତ କରାଯିବା ପରେ ସତ୍ୟତା ଥିବା ଜଣାପଡ଼ିଥିଲା। ଏହାପରେ ବରଗଡ଼ ସିଡିଏମ୍‌ଓ ତାଙ୍କୁ ସସ୍‌ପେଣ୍ଡ କରିଛନ୍ତି। ସାଧାରଣରେ ପ୍ରଶ୍ନ ଉଠୁଛି ଯେ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରି ସାରା ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହୃଷିକେଶଙ୍କୁ ପୁଣି କଣ ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟର ସୁଯୋଗ ମିଳିବ କି ନାହିଁ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ୯୮୦ ସଂସ୍ଥାଙ୍କୁ 'ଆଇଏସ୍ଆଇ' ଚିହ୍ନ ଲାଇସେନ୍ସ

ଭୁବନେଶ୍ୱର, ୨୨/୧୦: ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ପକ୍ଷରୁ ରାଜ୍ୟରେ ୯୮୦ ସଂସ୍ଥାଙ୍କୁ ଆଇଏସ୍ଆଇ ଚିହ୍ନ ବ୍ୟବହାର କରିବା ଲାଗି ଲାଇସେନ୍ସ ପ୍ରଦାନ କରାଯାଇଛି। ବିଶେଷ କରି ଇସ୍ପାତ, ଆଲୁମିନିୟମ, ସିମେଣ୍ଟ, ପିଭିସି ପାଇପ୍, ପେଭର ବ୍ଲକ୍, ପାଣି ପ୍ୟାକେଜିଂ, ବିଦ୍ୟୁତ ଟ୍ରାନ୍ସଫର୍ମର, ଏଲ୍‌ପିଜି ସିଲିଣ୍ଡର୍ ଓ ପ୍ରେସର୍ କୁକର୍ ଆଦି ତିଆରି କରୁଥିବା ସଂସ୍ଥାମାନଙ୍କୁ ଏହି ଲାଇସେନ୍ସ ଦିଆଯାଇଛି ବୋଲି ବିଆଇଏସ୍‌ର ବରିଷ୍ଠ ନିର୍ଦ୍ଦେଶକ ଏ କେ ପୁରୋହିତ କହିଛନ୍ତି। ବିଆଇଏସ୍ ହଲ୍‌ମାର୍କ ପାଇଁ ରାଜ୍ୟର ୫୦୦୦ ପାଖାପାଖି ଜୁଏଲର୍ସ ପଞ୍ଜୀକୃତ ହୋଇଥିବା ସେ ସୂଚନା ଦେଇଛନ୍ତି।



**ବିଆଇଏସ୍ ହଲ୍‌ମାର୍କ ପାଇଁ ୫୦୦୦ ଜୁଏଲର୍ସ ପଞ୍ଜୀକୃତ**

ସେ କହିଛନ୍ତି ଯେ ସବୁ ଗ୍ରାହକମାନଙ୍କ ପାଖରେ ଗୁଣାତ୍ମକ ଉତ୍ପାଦ ପହଞ୍ଚୁ ବୋଲି ବିଆଇଏସ୍ ଚାହୁଁଛି। ସେଥିପାଇଁ ୬୦୦ ପାଖାପାଖି ଉତ୍ପାଦ ଲାଗି ଗୁଣାତ୍ମକ ଚିହ୍ନ ବାଧ୍ୟତାମୂଳକ କରାଯାଇଛି। ଆହୁରି ବହୁ ଉତ୍ପାଦକୁ ଏହି ଧାରାରେ ସାମିଲ କରିବା ଲାଗି ଉଦ୍ୟମ ଜାରି ରହିଛି। ଓଡ଼ିଶାରେ ପ୍ରତି ଜିଲ୍ଲା ଓ ବ୍ଲକ୍ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଲୋକମାନଙ୍କୁ ଗୁଣାତ୍ମକ ମାନ ବିଷୟରେ ସଚେତନ କରାଯାଉଛି। ବିଶେଷ କରି ସିମେଣ୍ଟ, ବାଲି, ଇଟା, ପେଭର୍ସ ବ୍ଲକ୍ ଆଦିର ଗୁଣାତ୍ମକ ମାନ ସନ୍ତୋଷଜନକ ନା ନାହିଁ ତାହା ଜାଣିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରାଯାଉଛି। ବିଭିନ୍ନ ଉତ୍ପାଦର ମାନକ ନିର୍ଦ୍ଧାରଣ କରିବାରେ ସହଯୋଗ କରିବା ଲାଗି ବିଆଇଏସ୍ ପକ୍ଷରୁ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା ଏନ୍ଆଇଟି ରାଉରକେଲା, ବିପିୟୁଟି ଆଦି ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ମାନକ ବିଷୟରେ ସଚେତନ କରିବା ଲାଗି ରାଜ୍ୟରେ ୧୮୦ରୁ ଅଧିକ 'ମାନକ କ୍ଲବ୍' ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଉତ୍ପାଦର ଗୁଣାତ୍ମକ ମାନ ସହ ସାଲିସ କରୁଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିୟମରେ ଥିବା ବ୍ୟବସ୍ଥା ଅନୁସାରେ ବର୍ଷକୁ ପ୍ରାୟ ୧୦୦ ଲାଇସେନ୍ସକୁ ବାତିଲ କରାଯାଉଥିବା ଶ୍ରୀ ପୁରୋହିତ କହିଛନ୍ତି। କିନ୍ତୁ ସେହି କାର୍ଯ୍ୟାନୁଷ୍ଠାନ ସାମୟିକ ଅବଧି ଲାଗି ଗ୍ରହଣ କରାଯାଉଛି। ଲାଇସେନ୍ସ ରଦ୍ଦ କରିବା ଭଳି କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି। ଯେଉଁ ମାମଲାରେ ଉଲ୍ଲଂଘନର ମାତ୍ରା ଅଧିକ ଜଣାପଡ଼େ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଉଛି। ରାଜ୍ୟରେ ସେଭଳି ୨୦ରୁ ଅଧିକ ମାମଲା ଚାଲିଥିବା ସେ କହିଛନ୍ତି।

# ରୁପା କେଜି ୧,୦୯,୦୦୦ ଟଙ୍କା



ଭୁବନେଶ୍ୱର, ୨୨/୧୦: ଦେଶ ତଥା ରାଜ୍ୟରେ ସୁନା ଓ ରୁପା ମହଙ୍ଗା ହେବାରେ ଲାଗିଛି। ଜାତୀୟ ବଜାରରେ ପ୍ରଥମ ଥର ଲାଗି ରୁପାର କେଜି ପିଛା ଦର ଐତିହାସିକ ଏକ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। କିନ୍ତୁ ଓଡ଼ିଶା ବଜାରରେ ରୁପା ଏହି ସ୍ତରକୁ ଅନେକ ଦିନରୁ ଅତିକ୍ରମ କରିସାରିଛି। ଆଜି ରୁପା ଦାମ୍ କେଜି ପିଛା ୨୦୦୦ ଟଙ୍କା ବୃଦ୍ଧି ପାଇ ୧,୦୯,୦୦୦ ଟଙ୍କାରେ ପହଞ୍ଚିଛି। ଅକ୍ଟୋବର ମାସ ରାଜ୍ୟ ବଜାରରେ ରୁପା କେଜି ଲଗାତାର ଭାବେ ୧ ଲକ୍ଷ ଟଙ୍କାରୁ ଅଧିକ ରହିଛି। ମାସ ପ୍ରାରମ୍ଭରେ ଏହାର ଦାମ୍ ୧,୦୧,୦୦୦ ଟଙ୍କା ଥିଲା। ୨୧ ଦିନ ଭିତରେ ସେଥିରେ ୮୦୦୦ ଟଙ୍କାର ବୃଦ୍ଧି ଘଟିଛି। ଅନ୍ୟ ପକ୍ଷରେ ରାଜ୍ୟରେ ସୁନା ମଧ୍ୟ ମହଙ୍ଗା ହେଉଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୭୩ ହଜାର ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ୨୪ କ୍ୟାରେଟ୍ ସୁନା ଦାମ୍ ୮୦ ହଜାର ଟଙ୍କା ନିକଟତର ହୋଇଛି। ସୋମବାର ୨୪ କ୍ୟାରେଟ୍ ସୁନା ଦାମ୍ ୨୨୦ ଟଙ୍କା ବୃଦ୍ଧି ପାଇ ୭୯,୬୪୦ ଟଙ୍କା ହୋଇଛି। ଅକ୍ଟୋବର ୧ ତାରିଖରେ ୨୨ କ୍ୟାରେଟ୍ ସୁନା ଦାମ୍ ୭୦,୫୦୦ ଟଙ୍କା ଓ ୨୪ କ୍ୟାରେଟ୍ ଦାମ୍ ୭୬,୯୧୦ ଟଙ୍କା ଥିଲା। ଜାତୀୟ ବଜାରରେ ୧୦ ଗ୍ରାମ ପିଛା ସୁନା ଦାମ୍ ୭୫୦ ଟଙ୍କା ବୃଦ୍ଧି ପାଇ ୮୦୬୫୦ ଟଙ୍କା ହୋଇଥିବା ବେଳେ ରୁପା ଦାମ୍ କେଜି ପିଛା ୫୦୦୦ ଟଙ୍କା ବୃଦ୍ଧି ପାଇ ଏକ ଲକ୍ଷ ଟଙ୍କା ହୋଇଯାଇଛି। ଟ୍ରେଡର୍‌ମାନେ କହିଛନ୍ତି ଉତ୍ସବ ଋତୁର ଗହଣା ଚାହିଦା ପୂରଣ କରିବା ଲାଗି ସ୍ଥାନୀୟ ଜୁଏଲର୍ସମାନେ ଅଧିକ କିଣାକିଣି କରୁଥିବାରୁ ସୁନା ମୂଲ୍ୟ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ବିଶ୍ୱସ୍ତରରେ ଇକ୍ୱିଟି ବଜାର ତଳମୁହାଁ ରହିଥିବାରୁ ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ବିକଳ୍ପ ଭାବେ ଚୟନ କରିଛନ୍ତି। ରୁପା ଦରରେ ହେଉଥିବା ବୃଦ୍ଧି ପଛର କାରଣ ହେଉଛି ଗ୍ରାହକଙ୍କ ମଧ୍ୟରେ ରୁପା ଜିନିଷର ଚାହିଦା ବୃଦ୍ଧି ଓ ଇଭି ତଥା ସୋଲାର୍ ଶିଳ୍ପରେ ତାହାର ବ୍ୟବହାର।

# ଇପାରୀ ସଦାଶିବ ଜୁଏଲର୍ସ ଗ୍ରାହକ ଜିତିଲେ କାର୍




ଭୁବନେଶ୍ୱର, ୨୨/୧୦: ଇପାରୀ ସଦାଶିବ ଜୁଏଲର୍ସର ମେଗା ଲକି ଡ୍ର' ରେଳ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହାର ଗ୍ରାହକ ବାଲେଶ୍ୱରର ସନାତନ ମହାନ୍ତି ପ୍ରଥମ ବିଜେତା ଭାବେ ଏକ ହୋଣ୍ଡା ଏଲିଭେଟ୍ କାର୍ ଜିତିଛନ୍ତି। ସେହିପରି ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ଇସାରୀ ସଦାଶିବ ଜୁଏଲର୍ସର ଭୁବନେଶ୍ୱର ଓ ବାଲେଶ୍ୱର ସୋ'ରୁମ୍‌ରୁ ଗହଣା କିଣିଥିବା ୪୦ ଜଣ ଗ୍ରାହକଙ୍କୁ ସୁନା ଓ ରୁପା ମୁଦ୍ରା ପ୍ରଦାନ କରାଯାଇଛି। ଜୁଏଲର୍ସର ଭୁବନେଶ୍ୱର ଓ ବାଲେଶ୍ୱର ସୋ'ରୁମ୍‌ରୁ ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର କିଣାକିଣି କରିଥିବା ଗ୍ରାହକମାନଙ୍କୁ କୁପନ୍ ଦିଆଯାଇଥିଲା। ସେଭଳି ପ୍ରାୟ ୩୦ ହଜାର କୁପନ୍‌କୁ ନେଇ ଲକି ଡ୍ର' ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ସିନେ ଅଭିନେତ୍ରୀ ଏଲିନା ସାମନ୍ତରାୟ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିବା ବେଳେ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଇପାରୀ ଶ୍ରୀଧର, ନିର୍ଦ୍ଦେଶିକା ମଧୁସ୍ମିତା ପାତ୍ର, ଆଦିତ୍ୟ ଗ୍ରୁପ୍‌ର ଅଧ୍ୟକ୍ଷ ପଦ୍ମଚରଣ ପାତ୍ର ଓ ସତ୍ୟଭାମା ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଫେସନ୍ ସୋ' ଓ ଷ୍ଟାଣ୍ଡଅପ୍ କମେଡି ସୋ' ଆୟୋଜନ କରାଯାଇଥିଲା।

# କୋଟିପତି ଟିକସଦାତା ୫ ଗୁଣା ବଢ଼ିଲେ



ନୂଆଦିଲ୍ଲୀ, ୨୨/୧୦: ଏକ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଟିକସଦାତାଙ୍କ ସଂଖ୍ୟାରେ ୧୦ ବର୍ଷ ମଧ୍ୟରେ ୫ ଗୁଣା ବୃଦ୍ଧି ଘଟିଛି। ୨୦୧୨-୧୩ ଆର୍ଥିକ ବର୍ଷରେ ସେଭଳି କୋଟିପତି ଟିକସଦାତାଙ୍କ ସଂଖ୍ୟା ଥିଲା ୪୪,୦୭୮। ୨୦୨୨-୨୩ ସୁଦ୍ଧା ସେଭଳି ଟିକସଦାତାଙ୍କ ସଂଖ୍ୟା ୨ ଲକ୍ଷ ୩୦ ହଜାର ପାଖାପାଖି ବୃଦ୍ଧି ପାଇଛି। ଏହି ସମୟ ଭିତରେ ଟିକସ ରିଟର୍ଣ୍ଣ ଦାଖଲ କରୁଥିବା ଟିକସଦାତାଙ୍କ ସଂଖ୍ୟା ୩.୩ କୋଟିରୁ ବୃଦ୍ଧି ପାଇ ୭.୫ କୋଟିରୁ ଅଧିକ ହୋଇଛି। ଟିକସଦାତାଙ୍କ ମଧ୍ୟରେ ଏକ କୋଟି ଟଙ୍କାରୁ ଅଧିକ ବେତନ ଆୟ କରୁଥିବା ଟିକସଦାତାଙ୍କ ହାର ୫୨ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ବେତନଭୋଗୀମାନଙ୍କ ଆୟ ୧-୫ କୋଟି ଟଙ୍କା ମଧ୍ୟରେ ରହିଛି। ତା'ଠାରୁ ଅଧିକ ଆୟ କରୁଥିବା ଲୋକମାନେ ହେଉଛନ୍ତି ବ୍ୟବସାୟ ଓ ପ୍ରଫେସନାଲ୍। ୫୦୦ କୋଟି ଟଙ୍କାରୁ ଅଧିକ ଆୟ ଦର୍ଶାଇଥିବା ୨୩ ଜଣ ଲୋକଙ୍କ ମଧ୍ୟରେ ଜଣେ ହେଲେ ବେତନଭୋଗୀ ନାହାନ୍ତି। କିନ୍ତୁ ୧୦୦-୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ ବର୍ଗରେ ଥିବା ୨୬୨ ଜଣଙ୍କ ମଧ୍ୟରୁ ୧୯ ଜଣ ନିଜକୁ କର୍ମଚାରୀ ଓ ବେତନଭୋଗୀ ବୋଲି ଦର୍ଶାଇଛନ୍ତି।

ବର୍ଷକ ମଧ୍ୟରେ ୨୫ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଟିକସଦାତାଙ୍କ ସଂଖ୍ୟା ୧୮୧୨ରୁ ହ୍ରାସ ପାଇ ୧୭୯୮ ହୋଇଛି। ସେହିପରି ୧୦ କୋଟି ଟଙ୍କାରୁ ଅଧିକ ବେତନ ପାଉଥିବା ଟିକସଦାତାଙ୍କ ସଂଖ୍ୟା ମଧ୍ୟ ୧୬୫୬ରୁ ୧୫୭୭କୁ ହ୍ରାସ ପାଇଛି। ଦେଶରେ ରିଟର୍ଣ୍ଣ ଫାଇଲ୍ କରିଥିବା ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ ଟିକସଦାତାଙ୍କ ଆୟ ହାରାହାରି ଭାବେ ୫.୫-୯.୫ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ସେହିପରି ପ୍ରତି ୫ରୁ ଜଣଙ୍କ ଆୟ ୨.୫-୩.୫ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ମୋଟ ଟିକସଦାତାଙ୍କ ମଧ୍ୟରେ ୫.୫-୯.୫ ଲକ୍ଷ ଟଙ୍କା ମଧ୍ୟରେ ଆୟ କରୁଥିବା ଟିକସଦାତାଙ୍କ ଭାଗ ୨୫ ପ୍ରତିଶତରୁ ଅଧିକ ରହିଛି। ୧୦-୧୫ ଲକ୍ଷ ଟଙ୍କା ମଧ୍ୟରେ ଆୟ କରୁଥିବା ଟିକସଦାତାଙ୍କ ଭାଗ ୧୨ ପ୍ରତାତ ରହିଛି।

# ଅଭ୍ୟୁଦୟ ଆଇସିସିର ନୂଆ ସଭାପତି



ନୂଆଦିଲ୍ଲୀ,୨୨।୧୦: ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ନୂତନ ସଭାପତି ଭାବେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ମନୋନୀତ ହୋଇଛନ୍ତି। ଏପରିକି ଆଇସିସିର ବାର୍ଷିକ ପୂର୍ଣ୍ଣାଙ୍ଗ ଅଧିବେଶନରେ ଅଭ୍ୟୁଦୟଙ୍କୁ ନୂଆ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ୨୦୦ରୁ ଅଧିକ ଶିଳ୍ପପତି, ସରକାରୀ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଇସିସି ପ୍ରଖ୍ୟାତ ଅଭିନେତ୍ରୀ, ପଦ୍ମଭୂଷଣ ଶର୍ମିଳା ଟାଗୋରଙ୍କୁ ସମ୍ମାନିତ କରିଥିଲା।

ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ପ୍ରାୟ ଏକ ଶତାବ୍ଦୀ ଧରି ଭାରତର ଆର୍ଥିକ୍ ପରିଦୃଶ୍ୟକୁ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ନେତୃତ୍ୱ ଅବସର ପାଇ ମୁଁ ଅତ୍ୟନ୍ତ ଉତ୍ସାହିତ ଅଛି। ଏପରିକି ମିଳିତ ଭାବେ ଆମେ ୨୦୪୭ ସୁଦ୍ଧା ୩୫ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଭାରତର ଟାର୍ଗେଟକୁ ସମର୍ଥନ କରୁଥିବା ଏକ ଶକ୍ତିଶାଳୀ, ଅଧିକ ସ୍ଥିର ଅର୍ଥନୀତି ଗଠନ କରିବୁ। ଅଭ୍ୟୁଦୟ ଜିନ୍ଦଲ ନିକଟରେ ଆଇସିସିର ଉପସଭାପତି ଭାବେ ଦାୟିତ୍ୱ ବହନ କରୁଥିଲେ।

# ଉଡ଼ାନ୍ ସ୍କିମ୍ ଅବଧି ୧୦ ବର୍ଷ ବଢ଼ିଲା

**୨୦୧୯ରେ ଖୋଲିଥିଲା ଝାରସୁଗୁଡ଼ା ବିମାନବନ୍ଦର**

ଭୁବନେଶ୍ୱର/ ନୂଆଦିଲ୍ଲୀ, ୨୨/୧୦: ଆଞ୍ଚଳିକ ସ୍ତରରେ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିବା ଲାଗି ଉଡ଼ାନ୍ ସ୍କିମ୍‌ର ଅବଧିକୁ ଆଉ ଦଶ ବର୍ଷ ବୃଦ୍ଧି କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ କହିଛନ୍ତି ଯେ ଆଠ ବର୍ଷ ମଧ୍ୟରେ ଏହି ସ୍କିମ୍‌ରେ ୬୦୧ ରୁଟ୍ ଓ ୭୧ ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଛି। ଆସନ୍ତା ପାଞ୍ଚ ବର୍ଷ ଭିତରେ ଆଉ ୫୦ଟି ବିମାନବନ୍ଦର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ୨୦୪୭ ସୁଦ୍ଧା ବିମାନବନ୍ଦର ସଂଖ୍ୟା ୨୦୦ରୁ ଅଧିକ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଦେଶରେ ୧୫୭ଟି ବିମାନ ବନ୍ଦର ଥିବା ବେଳେ ଆମେ ସେହି ସଂଖ୍ୟାକୁ ୩୫୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି। ୨୦୧୬ ଅକ୍ଟୋବର ୨୧ରେ ଉଡ଼ାନ୍ ସ୍କିମ୍‌କୁ ୧୦ ବର୍ଷ ଲାଗି ଆରମ୍ଭ କରାଯାଇଥିଲା। ଏହି ସ୍କିମ୍‌ରେ ୭୧ ବିମାନବନ୍ଦର, ୧୩ ହେଲିପ୍ୟାଡ୍ ଓ ୨ଟି ୱାଟର ଏରୋଡ୍ରୋମ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୨.୮ ଲକ୍ଷ ବିମାନରେ ୧.୪୪ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି। ଉଡ଼ାନ୍ ସ୍କିମ୍ ଅଧୀନରେ ଓଡ଼ିଶାର ଝାରସୁଗୁଡ଼ା ବିମାନବନ୍ଦର ବିକାଶ କରାଯାଇଥିଲା। ୨୦୧୯ ମାର୍ଚ୍ଚରେ କାର୍ଯ୍ୟକ୍ଷମ ହୋଇଥିବା ଏହି ବିମାନବନ୍ଦର ୨୦୨୩-୨୪ ଆର୍ଥିକ ବର୍ଷରେ ୨ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛି। ଏହା ଝାରସୁଗୁଡ଼ାକୁ ବିମାନ ଜରିଆରେ ଦିଲ୍ଲୀ, କୋଲକାତା ଓ ବେଙ୍ଗାଲୁରୁ ସହ ଯୋଡ଼ିପାରିଛି।

# ସବୁଠୁ ଧନୀ ଅଭିନେତ୍ରୀ ଜୁହି ଚାୱଲା



**୪୬୦୦ କୋଟିର ସମ୍ପତ୍ତି**

ନୂଆଦିଲ୍ଲୀ, ୨୨/୧୦: ଦେଶର ସବୁଠୁ ଧନୀ ଅଭିନେତ୍ରୀ ଭାବେ ଉଭା ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ଜୁହି ଚାୱଲା। ସମ୍ପତ୍ତି ମାମଲାରେ ସେ ଆଲିଆ ଭଟ୍ଟ, ଦୀପିକା ପାଦୁକୋନ୍ ଓ ପ୍ରିୟଙ୍କା ଚୋପ୍ରାଙ୍କୁ ପଛରେ ପକାଇ ଦେଇଛନ୍ତି। ଐଶ୍ୱର୍ଯ୍ୟା ରାୟ, ଆଲିଆ, ପ୍ରିୟଙ୍କା ଓ ଦୀପିକାଙ୍କ ପାଖରେ ମିଳିତ ଭାବେ ଯେତିକି ସମ୍ପତ୍ତି ରହିଛି, ତା'ଠାରୁ ଅଧିକ ସମ୍ପତ୍ତି ଏକା ଜୁହିଙ୍କ ପାଖରେ ଅଛି।

୨୦୨୪ ହୁରୁନ୍ ଧନୀ ତାଲିକା ଅନୁସାରେ ଜୁହିଙ୍କ ସମ୍ପତ୍ତି ପରିମାଣ ହେଉଛି ୪୬୦୦ କୋଟି ଟଙ୍କା। ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ସବୁଠୁ ଧନୀ ଅଭିନେତା ହୋଇଥିବା ବେଳେ ସେହି ତାଲିକାର ଦ୍ୱିତୀୟ ସ୍ଥାନରେ ଜୁହିଙ୍କ ନାମ ରହିଛି। ନବେ ଦଶକର ଚର୍ଚ୍ଚିତ ଅଭିନେତ୍ରୀ ଜୁହିଙ୍କ ଜଣେ ଉଦ୍ୟୋଗୀ ମଧ୍ୟ। ରେଡ୍ ଚିଲିଜ୍ ଗ୍ରୁପ୍, ଆଇପିଏଲ୍‌ର ଟିମ୍ କୋଲ୍‌କାତା ନାଇଟ୍ ରାଇଡର୍ସରେ ତାଙ୍କ ଅଂଶଧନ ରହିଛି। ତାଙ୍କ ସ୍ୱାମୀ ଜୟ ମେହେଟ୍ଟା ଜଣେ ବିଶିଷ୍ଟ ବ୍ୟବସାୟୀ। ତାଙ୍କ ରିଅଲ ଇଷ୍ଟେଟ ଓ ନିବେଶରେ ମଧ୍ୟ ଜୁହିଙ୍କ ଅଂଶ ରହିଛି। ଜୁହିଙ୍କ ପାଖରେ ୩.୩ କୋଟି ଟଙ୍କାର ଆଷ୍ଟନ ମାର୍ଟିନ ରାପିଡେ, ୧.୮ କୋଟି ଟଙ୍କାର ବିଏମ୍‌ଡବ୍ଲୁ ୭ ସିରିଜ୍, ୧.୭ କୋଟି ଟଙ୍କାର ମର୍ସିଡିସ୍ ବେଞ୍ଜ ଏସ୍-କ୍ଲାସ୍, ୧.୨ କୋଟି ଟଙ୍କାର ଜାଗୁଆର ଏସ୍‌ଜେ ଓ ୧.୩୬ କୋଟି ଟଙ୍କାର ପୋର୍ସେ କାୟେନି ଭଳି ଦାମୀ କାର୍ ରହିଛି। ବଲିଉଡ୍‌ର ଅନ୍ୟ ଅଭିନେତ୍ରୀମାନଙ୍କ ମଧ୍ୟରେ ଐଶ୍ୱର୍ଯ୍ୟା ରାୟଙ୍କ ସମ୍ପତ୍ତି ୮୫୦ କୋଟି ଟଙ୍କା ହୋଇଥିବା ବେଳେ ପ୍ରିୟଙ୍କା ୬୫୦ କୋଟି ଟଙ୍କାର ମାଲିକାଣୀ। ସବୁଠୁ ଧନୀ ପାଞ୍ଚ ଅଭିନେତ୍ରୀଙ୍କ ମଧ୍ୟରେ ଆଲିଆ ଭଟ୍ଟ ଓ ଦୀପିକାଙ୍କ ନାମ ମଧ୍ୟ ରହିଛି।

# ସପିଂରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର

ମୁମ୍ବାଇ,୨୨।୧୦: ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ଭିନ୍ନ ଭିନ୍ନ ବର୍ଗର ସପିଂରେ କରିବାକୁ ଯାଉଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଇଣ୍ଡିଆ ମୋବାଇଲ୍ କଂଗ୍ରେସ-୨୦୨୪ରେ ରିଲାଏନ୍ସ ଜିଓ ଏହି ଅଭିନବ ଜ୍ଞାନକୌଶଳକୁ ପ୍ରଦର୍ଶିତ କରିଛି। ଉଲ୍ଲେଖଯୋଗ୍ୟ, ଗ୍ରାହକ ବର୍ତ୍ତମାନ ଗ୍ରୋସେରି ଦୋକାନରେ ବିଲ୍ ପାଇଁ ରହୁଥିବା ଲମ୍ବା ଲାଇନରୁ ମୁକ୍ତି ପାଇପାରିବେ ଏବଂ ଏହା ହେବ ସପିଂରେ ଏଆଇର ବ୍ୟବହାର ସହିତ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ସହ ସଜ୍ଜିତ ଜିଓର ଅଭିନବ ସପିଂ କାର୍ଟର ସ୍ୱୟଂଚାଳିତ ଭାବେ ଉପଭୋକ୍ତା କିଣୁଥିବା ସାମଗ୍ରୀର ସପିଂ ବିଲ୍ ସୃଷ୍ଟି କରିବ। ଏପରିକି ଏହାର ବ୍ୟବହାର ମଧ୍ୟ ବହୁତ ସହଜ ହୋଇଥିବାବେଳେ ବ୍ରାଣ୍ଡର ଷ୍ଟୋରଗୁଡିକରେ ଉପଲବ୍ଧ ଇଣ୍ଟେଲିଜେନ୍ସ ସପିଂ କାର୍ଟଗୁଡିକ ସିଧାସଳଖ ବିଲିଂ ଡେସ୍କ ସହିତ ସଂଯୁକ୍ତ ରହିବ।



ଏପରିକି ଗ୍ରାହକ କାର୍ଟରେ ଯାହା ବି ସାମଗ୍ରୀ ରଖିବେ, କାର୍ଟରେ ରହିଥିବା ଏଆଇ ସଜ୍ଜିତ କ୍ୟାମେରା ଏବଂ ସ୍କାନର୍ ସେହି ସାମଗ୍ରୀର ବିବରଣୀ ବିଲିଂ ଡେସ୍କକୁ ପଠାଇବ ଏବଂ ସାମଗ୍ରୀର ମୂଲ୍ୟ ଡାଟାବେସ ଆଧାରରୁ ବାହାର କରାଯାଇ ବିଲରେ ଯୋଡି ହୋଇଯିବ। ଯଦି ଗ୍ରାହକ ସପିଂ କାର୍ଟରେ ଯୋଡି ହୋଇଥିବା ସାମଗ୍ରୀକୁ ବାହାର କରିଦିଅନ୍ତି ତେବେ ସେହି ସାମଗ୍ରୀର ମୂଲ୍ୟ ସ୍ୱୟଂଚାଳିତ ଭାବେ ବିଲରୁ ଅପସାରିତ ହୋଇଯିବ। ବିଲିଂ ଡେସ୍କ ଗ୍ରାହକଙ୍କ କାର୍ଟର କ୍ୟୁଆର କୋଡ୍ ସ୍କାନ୍ କରିବ ଏବଂ ଦେୟ ପ୍ରଦାନ ପାଇଁ ଗ୍ରାହକଙ୍କ ବିଲ୍ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଯିବ।

# ଶେୟାର ବଜାର କାରବାରରେ ହ୍ରାସ




ମୁମ୍ବାଇ, ୨୨।୧୦: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୭୩ (୭୩.୪୮) ପଏଣ୍ଟ କମି ୮୧,୧୫୧ (୮୧,୧୫୧.୨୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୭୩ (୭୨.୯୫) ପଏଣ୍ଟ ହ୍ରାସ ଘଟି ୨୪,୭୮୧ (୨୪,୭୮୧.୧୦) ଅଙ୍କରେ କାରବାର ଶେଷ ହୋଇଥିଲା।

# କରଣଙ୍କ କମ୍ପାନିର ୫୦% ଅଂଶ କିଣିଲେ ଅଦାର

ନୂଆଦିଲ୍ଲୀ, ୨୨/୧୦: କରୋନା ମହାମାରୀ ସମୟରେ ଟିକା ଉତ୍ପାଦନ କରି ଚର୍ଚ୍ଚିତ ହୋଇଥିବା ସିରମ୍ ଇନଷ୍ଟିଚ୍ୟୁଟ୍‌ର ଅଦାର ପୁନାୱାଲା ବଲିଉଡ୍ ନିର୍ମାତା ତଥା ନିର୍ଦ୍ଦେଶକ କରଣ ଜୋହରଙ୍କ ଧର୍ମା ପ୍ରଡକ୍ସନ୍‌ସ ଓ ଧର୍ମାଟିକ୍ ଏଣ୍ଟରଟେନ୍‌ମେଣ୍ଟର ୫୦ ପ୍ରତିଶତ ଅଂଶଧନକୁ ୧୦୦୦ କୋଟି ଟଙ୍କାରେ କିଣିଛନ୍ତି। ନିଜ କମ୍ପାନି ସିରିନ ଏଣ୍ଟରଟେନ୍‌ମେଣ୍ଟ ଜରିଆରେ ଅଦାର ଏହି ନିବେଶ କରିଛନ୍ତି। ଏହି ଡିଲ୍ ପରେ ଧର୍ମାରେ କରଣ ଜୋହରଙ୍କ ଅଂଶଧନ ୫୦ ପ୍ରତିଶତକୁ ହ୍ରାସ ପାଇଛି। ଏହା ସତ୍ତ୍ୱେ ସେ କମ୍ପାନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହୋଇ ରହିବେ। କରଣ ଜୋହରଙ୍କ ସହ ହାତ ମିଳାଇଥିବାରୁ ଅଦାର ଖୁସି ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଧର୍ମାକୁ ଆହୁରି ଉପରକୁ ନେବାକୁ ସେ ଆଶା ରଖିଛନ୍ତି। କରଣ କହିଛନ୍ତି ଯେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରୁଥିବା ସିନେମା ତିଆରି କରିବାକୁ ମୋ ବାପା ସ୍ୱପ୍ନ ଦେଖିଥିଲି। ସେହି ସ୍ୱପ୍ନକୁ ସାକାର କରିବା ଲାଗି ମୁଁ ମୋ କ୍ୟାରିୟର୍‌କୁ ଉତ୍ସର୍ଗ କରିଛି। କରଣଙ୍କ ବାପା ୟଶ୍ ଜୋହର ୧୯୭୬ରେ ଧର୍ମା ପ୍ରଡକ୍ସନ୍‌କୁ ସ୍ଥାପନ କରିଥିଲେ। ଏହି ସଂସ୍ଥା କୁଛ୍ କୁଛ୍ ହୋତା ହେଁ, କଭି ଅଲ୍‌ବିଦା ନା କେହ୍‌ନା, ଷ୍ଟୁଡେଣ୍ଟ ଅଫ୍ ଦି ଇୟର୍, ଗୁଡ୍ ନିଉଜ୍ ଓ ବ୍ରହ୍ମାସ୍ତ୍ର: ପାର୍ଟ ୱାନ-ଶିବା ଭଳି ସବୁ ଲୋକପ୍ରିୟ ସିନେମା ନିର୍ମାଣ କରିଛି। ସେହିପରି ୨୦୧୮ରେ ଆରମ୍ଭ ହୋଇଥିବା ଧର୍ମାଟିକ୍ ଏଣ୍ଟରଟେନ୍‌ମେଣ୍ଟ ଅଜିବ ଦାସ୍ତାନ, ଏ ୱତନ ମେରେ ୱତନ, କଫି ୱିଥ୍ କରନ୍, ଫାବୁଲସ୍ ଲାଇଭ୍‌ସ ଅଫ୍ ବଲିଉଡ୍ ୱାଇଭ୍‌ସ ଭଳି ୱେବ୍ ସିରିଜ୍, ବୃତ୍ତଚିତ୍ର ଓ ସିନେମା ନିର୍ମାଣ କରିଛି।




**୧୦୦୦ କୋଟିର ଡିଲ୍**

# 'ଅର୍ଥନୈତିକ ଅଭିବୃଦ୍ଧି ସହ ଭାରତର ଉତ୍ଥାନ ହେଉଛି'

ଭୁବନେଶ୍ୱର,୨୨।୧୦: ୭% ଜିଡିପି ଅଭିବୃଦ୍ଧି ଏବଂ ୧,୫୧,୦୦୦ରୁ ଅଧିକ ଷ୍ଟାର୍ଟଅପ୍ ସହିତ ଭାରତ ଏହାର ଅର୍ଥନୀତିକୁ ନୂଆରୂପ ଦେବାକୁ ଯାଉଛି। ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ବାର୍ଷିକ ଭାରତ ନେତୃତ୍ୱ ସମ୍ମିଳନୀରେ ଭାରତ ଓ ଚାଇନାର ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କରେ ବିଶେଷ ଆଲୋଚନା କାଳରେ ଆମେରିକା-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ ଫୋରମର ଚେୟାରମ୍ୟାନ୍ ଜନ୍ ଚାମ୍ବର୍ସ ଏପରି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଦୁଇ ବୃହତ ଉଦୀୟମାନ ଅର୍ଥନୀତି ଭାରତ ଏବଂ ଚାଇନା କ୍ରମାଗତ ଭାବରେ ବିଶ୍ୱ ଅର୍ଥନୈତିକ ଆଲୋଚନାରେ ଆଗରେ ରହିଆସିଛନ୍ତି। ଏହି ଶତାବ୍ଦୀର ଶେଷ ସୁଦ୍ଧା ଭାରତ କେବଳ ଚାଇନାକୁ ଅତିକ୍ରମ କରିବ ନାହିଁ, ଜିଡିପି ଦୃଷ୍ଟିରୁ ମଧ୍ୟ ବୃହତର ହେବ। ସେ କହିଛନ୍ତି, ବିଶ୍ୱ ବ୍ୟାଙ୍କର ଭାରତ ବିକାଶ ଅଦ୍ୟତନ ଅନୁଯାୟୀ, ଦେଶର ଜିଡିପି ୨୦୨୪-୨୫ ଆର୍ଥିକ ବର୍ଷରେ ୭% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ଯାହା ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତିକୁ ଦର୍ଶାଉଛି। ଏହି ଅଭିବୃଦ୍ଧି ଗତି ସ୍ଥିର ରହିଆସିଛି, ଜିଡିପି ଋଣ ୨୦୨୨-୨୩ରେ ୭.୦% ରୁ ଋଣ ୨୦୨୩-୨୪ ରେ ୮.୨% କୁ ବୃଦ୍ଧି ପାଇଛି । ୨୦୨୪ରେ ଜିଡିପି ଅଭିବୃଦ୍ଧି ୪.୮% ରେ ପହଞ୍ଚିବ ଏବଂ ୨୦୨୫ରେ ଏହା ୪.୩% କୁ ହ୍ରାସ ପାଇବ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି।




ଭାରତର ସକାରାତ୍ମକ ଅଥନୈତିକ ଦୃଷ୍ଟିକୋଣକୁ ଆଧାର କରି ସେବି ପୂର୍ଣ୍ଣକାଳୀନ ସଦସ୍ୟ ଅନନ୍ତ ନାରାୟଣ ଜି ଏନଏସଇରେ ନିବେଶକ ସଚେତନତା ସପ୍ତାହରେ ଭାରତର ଆକର୍ଷଣୀୟ ବଜାର ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ବଜାର କ୍ରମାଗତ ଭାବରେ ବାର୍ଷିକ ୧୫ % ଯୌଗିକ ଅଭିବୃଦ୍ଧି ହାର ବିତରଣ କରିଥିବାବେଳେ ଚାଇନାର ବଜାର କ୍ଷେତ୍ରରେ ଏହା ସମ୍ଭବ ହୋଇନାହିଁ। ହଂକଂ ପରି କେତେକ କ୍ଷେତ୍ରରେ ଏହା ପ୍ରକୃତରେ ନକାରାତ୍ମକ ବୋଲି ସେ କହିଛନ୍ତି। ନାରାୟଣ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୪ରେ ବେଞ୍ଚମାର୍କ ସୂଚକାଙ୍କ ୨୮% ବୃଦ୍ଧି ପାଇଥିବାବେଳେ ଭୋଲାଟିଲିଟି ମାତ୍ର ୧୦% ରହିଥିଲା।

୨୦୧୫ରେ ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆ ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଦେଇଛି। ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ଦ୍ୱାରା ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୯୨ କୋଟି କାରବାର ଅଭିବୃଦ୍ଧି ଦେଖାଦେଇଥିବାବେଳେ ୨୦୨୩-୨୪ରେ ୧୩,୧୧୬ କୋଟି କାରବାରରେ ଡିଜିଟାଲ କାରବାର ହୋଇଛି। ସେହିପରି କୋଭିଡ୍-୧୯ ମହାମାରୀ ସମୟରେ କୋୱିନ୍ ପ୍ଲାଟଫର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଉଭା ହୋଇଥିଲା। ଯାହା ଭାରତର ଟିକାକରଣ ଡ୍ରାଇଭ ପାଇଁ ଡିଜିଟାଲ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଥିଲା। ଏହା ମାତ୍ର ଗୋଟିଏ ଦିନରେ ୨୨୦ କୋଟିରୁ ଅଧିକ ଡୋଜ ପରିଚାଳନା କରିବାରେ ସକ୍ଷମ ହୋଇଥିଲା। ଏହା ଦେଶର ଜନସ୍ୱାସ୍ଥ୍ୟ ପାଇଁ ବୈଷୟିକ ଜ୍ଞାନକୌଶଳର ଦକ୍ଷତା ପ୍ରଦର୍ଶନ କରିଥିଲା । ସେହିପରି ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୩୫.୬ କୋଟିରୁ ଅଧିକ ଆୟୁଷ୍ମାନ କାର୍ଡ ଜାରି କରାଯାଇ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏଥିସହ ୯ କୋଟିରୁ ଅଧିକ ଫାସଟ୍ୟାଗ୍ ଜାରି କରାଯାଇଛି।

ସେହିପରି ଭାରତରେ ଷ୍ଟାର୍ଟଅପର ଦ୍ରୁତ ଅଭିବୃଦ୍ଧିକୁ ଦେଶର ଅଥନୈତିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ଜନ୍ ଚାମ୍ବର୍ ଦର୍ଶାଇଥିଲେ। ୧୦ରୁ ୧୨ ବର୍ଷ ପୂର୍ବେ ଭାରତରେ ବହୁତ କମ୍ ଷ୍ଟାର୍ଟଅପ ଥିଲା। ୨୦୧୫ ରୁ ୨୦୨୨ ମଧ୍ୟରେ ଷ୍ଟାର୍ଟଅପରେ ପୁଞ୍ଜି ବିନିଯୋଗ ୧୫ ଗୁଣ ବୃଦ୍ଧି ପାଇଛି। ପୁଞ୍ଜି ବିନିଯୋଗର ଏହି ବୃଦ୍ଧି ଏକ ଗତିଶୀଳ ଉଦ୍ୟୋଗୀ ଇକୋସିଷ୍ଟମକୁ ସହାୟକ କରିଛି। ୧,୫୧,୦୦୦ ରୁ ଅଧିକ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ ସହିତ ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ ଇକୋସିଷ୍ଟମ ଅଟେ। ୨୦୧୬ରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ ଇଣ୍ଡିଆ ପଦକ୍ଷେପ ଏହି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ୧୫.୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୩ ମସିହାରେ ସରକାର ଏଆଇ ଫର୍ ଇଣ୍ଡିଆ ୨.୦ ଭଳି ପଦକ୍ଷେପ ଆରମ୍ଭ କରିବା ସହ ୨୦୨୪ରେ ଗ୍ଲୋବାଲ ଇଣ୍ଡିଆ ଏଆଇ ସମ୍ମିଳନୀ ଆୟୋଜନ କରିବା ଦେଶକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରୁଛି।

